


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-357 ♦BHUBANESWAR ♦SUNDAY ♦23 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୫୭ ♦ଭୁବନେଶ୍ୱର ♦ରବିବାର ♦୨୩ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




## ସରିଲା ଦିବ୍ୟସ୍ନାନ, ଗଜାନନ ବେଶରେ ଦାରୁବ୍ରହ୍ମ

**ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି; ଚାଲିବ ଗୁପ୍ତ ସେବା**

**ଶ୍ରଦ୍ଧାଳୁଙ୍କୁ ଆଜିଠୁ ପଟି ଦିଅଁ ଦର୍ଶନ**

■ **ପୁରୀ, ୨୨।୬(ସମିସ):** ଗୋଟିଏପଟେ ଅଭିମନ୍ତ୍ରିତ ଜଳରେ ସ୍ନାନ କରୁଥିଲେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସ୍ନାନବେଦୀରେ ଭାଇ, ଭଉଣୀଙ୍କ ସହ ପ୍ରତ୍ୟକ୍ଷ ସ୍ନାନ କରୁଥିଲେ ମହାବାହୁ। ଏପଟେ ଝୁ' ଝୁ' ବର୍ଷାରେ ସିଂହଦ୍ୱାର ସମ୍ମୁଖରେ ଭିଜୁଥିଲେ ଭକ୍ତ। ପ୍ରବଳ ବର୍ଷା ସତ୍ତ୍ୱେ ପ୍ରଭୁଙ୍କ ନାମ ଜପରେ ତଲ୍ଲୀନ ହୋଇଯାଇଥିଲେ। ଏମିତି ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା ପବିତ୍ର ସ୍ନାନ ପୂର୍ଣ୍ଣିମାରେ। କେବଳ ଭଗବାନ ନୁହଁନ୍ତି, ଭକ୍ତ ବି ସ୍ନାନ କରିଥିଲେ। ଫରକ୍ ଏତିକି, ମହାପ୍ରଭୁ ସୁନାକୂଅ ଜଳରେ ସ୍ନାନ କରୁଥିବା ବେଳେ ଭକ୍ତ ବର୍ଷା ଜଳରେ ଭିଜିଥିଲେ।

ଶନିବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ନିଜ ଜନ୍ମତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ଦୁର୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ମହାବାହୁ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ (ହାତୀବେଶ) ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷଲକ୍ଷ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ରବିବାରଠାରୁ ଆରମ୍ଭ କରିବେ ଗୁପ୍ତସେବା। ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲଭ ହାତୀବେଶ ଦର୍ଶନ ପାଇଁ ସକାଳୁସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ଖରା, ବର୍ଷା ଓ ଛାଇ ଭିତରେ ଦିନତମାମ ଅନୁକଳ ପାଗ ଯୋଗୁଁ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡ଼ିଥିଲା ସିଂହଦ୍ୱାର ଓ ବଡ଼ଦାଣ୍ଡ। ଆରମ୍ଭରୁ ନୀତିକାନ୍ତି ସାମାନ୍ୟ ▶ପୃଷ୍ଠା-୯

**ପ୍ରାକ୍ - ବଜେଟ ପରାମର୍ଶ ବୈଠକରେ ଏକାଧିକ ଦାବି ରଖିଲେ ଉପମୁଖ୍ୟମନ୍ତ୍ରୀ**

# ବିକଶିତ ଓଡ଼ିଶା ପାଇଁ ଲୋଡ଼ିଲେ କେନ୍ଦ୍ର ସହାୟତା

- ଦ୍ରୁତ ଭିତ୍ତିଭୂମି ବିକାଶ ଏବଂ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅଧିକ ଅର୍ଥ ଆବଶ୍ୟକ
- ସମ୍ବଲପୁରଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ବଜେଟରେ ଉପଯୁକ୍ତ ବ୍ୟବସ୍ଥା
- ଶୀଘ୍ର ଶେଷ ହେଉ କୋଷ୍ଟାଲ୍ ହାଇୱେ, କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ
- 'ସୁଭଦ୍ରା' ଯୋଜନା ପାଇଁ ଆଂଶିକ କେନ୍ଦ୍ରୀୟ ସହାୟତା ଲୋଡ଼ିଲେ ଉପମୁଖ୍ୟମନ୍ତ୍ରୀ
- ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଲୋକଙ୍କୁ ମିଳୁ ଆଉ ୫ ଲକ୍ଷ ପିଏମ୍ ଆବାସ
- ଓଡ଼ିଶାରେ 'ଗ୍ରୀନ୍ ଏନର୍ଜି କରିଡର' ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମିଳୁ କେନ୍ଦ୍ରୀୟ ସହାୟତା



■ **ଭୁବନେଶ୍ୱର, ୨୨।୬(ସମିସ):** ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ପ୍ରାକ-ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଏକାଧିକ ଦାବି ରଖିଛନ୍ତି। ଆସନ୍ତା ୨୦୨୪-୨୫ କେନ୍ଦ୍ର ବଜେଟରେ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଶ୍ରୀ ସିଂହଦେଓ ଏକ ଲିଖିତ ସ୍ମାରକପତ୍ର ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଶିଳ୍ପ ବିକାଶଠାରୁ ଆରମ୍ଭ କରି ଶିକ୍ଷା, ଶକ୍ତି, ଗମନାଗମନ, ରାଜପଥ ନିର୍ମାଣ, ସହର ବିକାଶ, ବିଦ୍ୟୁତ୍, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଶକ୍ତି କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ କେନ୍ଦ୍ରର ସହଯୋଗ ଲୋଡ଼ିଛି ଓଡ଼ିଶା। ଏହାସହ ରାଜ୍ୟରେ 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ କେନ୍ଦ୍ରର ଆଂଶିକ ସହାୟତା ଲୋଡ଼ାଯାଇଛି। ଉପସ୍ଥାପିତ ହୋଇଥିବା ଦାବି ଏବଂ ପରାମର୍ଶଗୁଡ଼ିକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡ଼ିଛି।

ବୈଠକରେ ସ୍ମାରକପତ୍ର ପ୍ରଦାନ ସହ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଓଡ଼ିଶାରେ ଅନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ଓଡ଼ିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ପାଇଁ ସହାୟତା ପ୍ରଦାନ କରିବାକୁ ସେ କେନ୍ଦ୍ର ▶ପୃଷ୍ଠା-୯

**ଆନମନା ମୌସୁମୀ**

## ସଅଳ ଆସିଲା; ଅଳପ ବର୍ଷିଲା

**ଜୁନ୍ ପହିଲାରୁ ଏଯାଏଁ ୨୨ ଜିଲ୍ଲାରେ ନିଅଣ୍ଟିଆ ବର୍ଷା**

**୫ ଜିଲ୍ଲାରେ ଉତ୍କଟ ସ୍ଥିତି**

**ଲଘୁଚାପ ବର୍ଷା ଭରସାରେ ଚାଷୀ**

**ଆଜି ୧୯ ଜିଲ୍ଲାରେ କାଳବୈଶାଖୀ**

■ **ଭୁବନେଶ୍ୱର, ୨୨।୬(ସମିସ):** ଚଳିତଥର ଦକ୍ଷିଣ-ପୂର୍ବ ମୌସୁମୀ ବାୟୁ ସଅଳ ଆସିଥିଲା। ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିବା ବେଳେ ଏଥର ଭଲ ବର୍ଷା ହେବା ନେଇ ସାଧାରଣରେ ଆଶା ସୃଷ୍ଟି ହୋଇଥିଲା। ତେବେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରେ କିଛିଦିନ ଧରି ଧିମେଇ ଯାଇଥିବା ବେଳେ ଏହାର ପ୍ରଭାବ ରାଜ୍ୟବ୍ୟାପୀ ଅନୁଭୂତ ହୋଇଛି। ତେବେ ଗତ ଜୁନ୍ ୧ ତାରିଖରୁ ୨୨ ତାରିଖ ମଧ୍ୟରେ ୨୨ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୫ଟି ଜିଲ୍ଲାରେ ବର୍ଷାକୁ ନେଇ ଉତ୍କଟ ସ୍ଥିତି ଥିବାବଳେ ଚାଷୀ ଏବେ ଲଘୁଚାପ ବର୍ଷା ଭରସାରେ ରହିଛନ୍ତି। ଆସନ୍ତା ୨୬ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ଓ ୨୮ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ବ୍ୟକ୍ତ କରିଛନ୍ତି ପାଣିପାଗ ବିଜ୍ଞାନୀ।

ଜୁନ୍ ୧ ତାରିଖରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୩୭.୨ ମିଲିମିଟର ବର୍ଷା ହେବା କଥା। ମାତ୍ର ୨୨ ତାରିଖ ମଧ୍ୟରେ ୮୩.୬ ମିଲିମିଟର ବର୍ଷା ହୋଇଛି। ଯାହା ସ୍ୱାଭାବିକ ବର୍ଷାଠାରୁ ପ୍ରାୟ ୩୯ ପ୍ରତିଶତ କମ୍ ଅଟେ। ଏହି ନିଅଣ୍ଟିଆ ବର୍ଷା ଏବେ ସାଧାରଣରେ ସାଧାରଣରେ ବେଶି ଚିନ୍ତା ସୃଷ୍ଟି କରିଛି। ପାଣିପାଗ କେନ୍ଦ୍ର ପ୍ରଦତ୍ତ ତଥ୍ୟ ଅନୁଯାୟୀ ପୁରୀ ଜିଲ୍ଲାରେ ଜୁନ୍ ୧ରୁ ୨୨ ତାରିଖ ମଧ୍ୟରେ ସର୍ବାଧିକ ୭୧ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ମୟୂରଭଞ୍ଜରେ ୬୮ ପ୍ରତିଶତ, ବାଲେଶ୍ୱରରେ ୬୩ ପ୍ରତିଶତ, ବଲାଙ୍ଗିରରେ ୬୧ ପ୍ରତିଶତ, କୋରାପୁଟ ଓ କେନ୍ଦ୍ରାପଡ଼ାରେ ୪୭ ପ୍ରତିଶତ, ଭଦ୍ରକରେ ୪୯ ପ୍ରତିଶତ, କେନ୍ଦୁଝରରେ ୬୦ ପ୍ରତିଶତଚ କମ୍ ବର୍ଷା ହୋଇଛି। ଯାହା ପରିବେଶବିତ୍ ତଥା ▶ପୃଷ୍ଠା-୯

■ **୫୩ ତମ ଜିଏସ୍‌ଟି ପରିଷଦ ବୈଠକ**

# ପେଟ୍ରୋଲ, ଡିଜେଲରେ ଜିଏସ୍‌ଟି ନିଷ୍ପତ୍ତି ଅଗଷ୍ଟରେ

- ପ୍ଲାଟଫର୍ମ ଟିକଟରେ ଲାଗିବନି ଟିକସ
- କେନ୍ ଦୁଗ୍ଧ, କାର୍ଟୁନ୍ ବାକ୍ସ ଉପରେ ଲାଗିବ ୧୨ ପ୍ରତିଶତ ଜିଏସ୍‌ଟି
- ଶିକ୍ଷାନୁଷ୍ଠାନ ପରିସର ବାହାରେ ହଷ୍ଟେଲ୍ ରହଣିରୁ ଟିକସ ବାଦ୍
- ନକଲି ବିଲ୍ ବନ୍ଦ କରିବା ପାଇଁ ଲାଗୁ ହେବ ବାୟୋମେଟ୍ରିକ୍ ବ୍ୟବସ୍ଥା
- ସୌର ଚୁଲା ଉପରେ ୧୨% ଟିକସ

■ **ନୂଆଦିଲ୍ଲୀ,୨୨।୬(ଏଜେନ୍ସି):** ଦେଶରେ ଦର ବୃଦ୍ଧି ତାତିରୁ ତ୍ରାହି ପାଇବାକୁ ହେଲେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍ଟି ପରିସରଭୁକ୍ତ କରିବା ଜରୁରୀ। ଦୀର୍ଘଦିନ ହେବ ହୋଇଆସୁଥିବା ଏହି ଦାବି ଚଳିତଥରର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍ଟି) ପରିଷଦ ବୈଠକରେ ମଧ୍ୟ ଫଳପ୍ରସୂ ହୋଇପାରିନାହିଁ। କାରଣ ଶନିବାର ଅନୁଷ୍ଠିତ ୫୩ ତମ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍ଟି) ପରିଷଦ ବୈଠକରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେପରି କୌଣସି ତତ୍କାଳ ନିଷ୍ପତ୍ତି ନିଆଯାଇନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍ଟି ଅଧୀନକୁ ଆଣିବା ପାଇଁ ଆଇନରେ ସେପରି କୌଣସି ସଂଶୋଧନର ଆବଶ୍ୟକତା ନାହିଁ। ଜିଏସ୍ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଏକ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଛି। ଏ ସମ୍ପର୍କରେ ନିଷ୍ପତ୍ତି ଅଗଷ୍ଟ ମାସରେ ନିଆଯିବ ବୋଲି ବୈଠକ ପରେ ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୫୩ ତମ ଜିଏସ୍ଟି ପରିଷଦ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ଏଣିକି ପ୍ଲାଟଫର୍ମ ଟିକଟ ଉପରେ ଆଉ ଟିକସ ଲାଗିବନାହିଁ। କାରଣ ରେଳ ପ୍ଲାଟଫର୍ମ ଟିକସ,ବ୍ୟାଟେରୀ ଚାଳିତ ଗାଡ଼ି, ବିଶ୍ରାମ ଏବଂ ପ୍ରତୀକ୍ଷା ଗୃହ ଭଳି ରେଳ ସେବାଗୁଡିକ ଉପରୁ ଏଣିକି ଜିଏସ୍ଟି ଆଦାୟ କରାଯିବନାହିଁ। ତେବେ କେନ୍ ଦୁଗ୍ଧ, ସୌର କୁକର ଉପରେ ▶ପୃଷ୍ଠା-୯

# ଏନ୍‌ଟିଏରେ ସୁଧାର ପାଇଁ ୭ ଜଣିଆ କମିଟି

**ପୂର୍ବତନ ଇସ୍ରୋ ମୁଖ୍ୟ କେ ରାଧାକ୍ରିଷ୍ଣନ୍ କମିଟିର ଅଧ୍ୟକ୍ଷ**

■ **ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):** ନିଟ୍ ଓ ୟୁଜିସି-ନେଟ୍ ଭଳି ଜାତୀୟ ସ୍ତରର ଅତି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାମାନ ପରିଚାଳନା କରୁଥିବା ଏନ୍‌ଟିଏର ଦକ୍ଷତା ବୃଦ୍ଧି ନିମନ୍ତେ କ'ଣ ସବୁ କରାଯିବା ଦରକାର ତାହା ସୁପାରିସ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏକ ୭ ଜଣିଆ କମିଟି ଗଢ଼ିଛି। କମିଟିରେ ପ୍ରଖ୍ୟାତ ଶିକ୍ଷାବିତ୍ ଓ ପ୍ରବିଧିଜ୍ଞ(ଟେକ୍‌ନୋକ୍ରାଟ୍) ମାନଙ୍କୁ ସଦସ୍ୟ ଭାବେ ନିଆଯାଇଛି। ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଓ ବର୍ତ୍ତମାନ ଆଇଆଇଟି କାନପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ'ର ଅଧ୍ୟକ୍ଷ ଥିବା ଡ. କେ ରାଧାକ୍ରିଷ୍ଣନ୍ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଦିଲ୍ଲୀ ଏମସ୍'ର ପୂର୍ବତନ ନିର୍ଦ୍ଦେଶକ ଡ. ରଣଦୀପ ଗୁଲେରିଆ, ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉପକୁଳପତି ବିଜେ ରାଓ, ଆଇଆଇଟି ଦିଲ୍ଲୀର ଡିନ୍ ଆଦିତ୍ୟ ମିତ୍ତଲ ଓ ଆଇଆଇଟି ମାଡ୍ରାସର ପୂର୍ବତନ ପ୍ରଫେସର କେ ରାମମୂର୍ତ୍ତି ଏହି କମିଟିର ସଦସ୍ୟ ଅଛନ୍ତି। ଏହା ଛଡ଼ା ଏହି କମିଟିରେ ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୋବିନ୍ଦ ଜୟସ୍ୱାଲ ଓ କାମଯୋଗୀ ଭାରତର ବୋର୍ଡ ମେମ୍ବର ତଥା ପିପୁଲ ଷ୍ଟ୍ରଙ୍ଗ ସଂସ୍ଥାର ସହ-ସଂସ୍ଥାପକ ପଙ୍କଜ ବଂଶଲ ମଧ୍ୟ ସଦସ୍ୟ ଅଛନ୍ତି। ପରୀକ୍ଷା ପ୍ରକ୍ରିୟାରେ ସୁଧାର, ଅସାଧୁ ଉପାୟରେ ପରୀକ୍ଷାରେ ପାସ୍ କରିବାର ସୁଯୋଗ କେହି ଯେପରି ନ ପାଆନ୍ତି ତାହା ସୁନିଶ୍ଚିତ କରାଯିବା, ଡାଟା ସୁରକ୍ଷା ପ୍ରୋଟକଲ୍‌କୁ ସୁଦୃଢ଼ ତଥା ଅଭେଦ୍ୟ କରାଯିବା, ଏନ୍‌ଟିଏରେ ସଂସ୍କାର ଅଣାଯିବା ଆଦି ସମ୍ପର୍କରେ କମିଟି ସୁପାରିସ କରିବ।

## ହଟିଲେ ଏନ୍‌ଟିଏ ଡିଜି

**ଅବସରପ୍ରାପ୍ତ ଆଇଏଏସ୍ ପ୍ରଦୀପ ସିଂହଙ୍କୁ ଦାୟିତ୍ୱ**

**ଆଜି ହେବାକୁ ଥିବା ନିଟ୍-ପିଜି ପରୀକ୍ଷା ରଦ୍ଦ**

■ **ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):** ନିଟ୍ ବିବାଦ ମଧ୍ୟରେ ଶନିବାର ରାତିରେ କେନ୍ଦ୍ର ସରକାର ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ମହାନିର୍ଦ୍ଦେଶକ (ଡିଜି) ସୁବୋଧ କୁମାର ସିଂହଙ୍କୁ ହଟାଇ ଦେଇଛନ୍ତି। ପ୍ରଦୀପ ସିଂହ ଖରୋଲାଙ୍କୁ ନୂଆ ଡିଜି ନିଯୁକ୍ତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏବେ ସେ ଇଣ୍ଡିଆନ ଟ୍ରେଡ ପ୍ରମୋସନ ଅର୍ଗାନାଇଜେସନର ସିଏମ୍‌ଡି ଅଛନ୍ତି। ଗତ ମେ' ୧ ତାରିଖରେ ସେ ଅତିରିକ୍ତ ଭାବେ ଷ୍ଟାଫ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି)ର ଅଧ୍ୟକ୍ଷ ଦାୟିତ୍ୱ ନେଇଥିଲେ। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ଆଇନ କାର୍ଯ୍ୟକାରୀ ହେବାର ୨୪ ଘଣ୍ଟା ନ ପୂରୁଣ ରବିବାର ହେବାକୁ ଥିବା ନିଟ୍-ପିଜି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ କରିଦିଆଯାଇଛି।



ସୁବୋଧ କୁମାର ସିଂହ

## ଲୋକକଥା



ନିଟ୍-ନେଟ୍ କେଲେଙ୍କାରିରେ
ବିଦ୍ୟାର୍ଥୀ ହେଲେଣି ବାଉଳା,
ଏଇଥିରୁ ଦେଶବାସୀ ହେଜିବେଣି
ଶାସନଟା କେତେ ହୁଗୁଳା।
ଦୋଷୀ ବୁଲୁଛନ୍ତି ମୁକୁଳା,
ଆଇନ ବ୍ୟବସ୍ଥା ନ କହିବା ଭଲ
ବଡ଼ବଡ଼ିଆଙ୍କୁ ଫୁଙ୍ଗୁଳା !!

**ଆଇଟି କର୍ମଚାରୀଙ୍କୁ ଛଟେଇ ଛାଟ**

# ୨୦୨୪ରେ ୯୦ ହଜାର ଚାକିରିରୁ ବିଦା

- ପ୍ରଥମାର୍ଦ୍ଧରେ ୯୮,୮୩୪ କର୍ମଚାରୀଙ୍କୁ ସାମୟିକ ଅବ୍ୟାହତି
- ଖର୍ଚ୍ଚ କାଟ୍ ପାଇଁ ୩୩୭ଟି ଟେକ୍ କମ୍ପାନୀ କରିଛନ୍ତି କର୍ମଚାରୀ ଛଟେଇ
- ବର୍ଷ ୨୦୨୩ ତୁଳନାରେ ୫୯% ଅଧିକ ଛଟେଇ ହୋଇଛି
- ଅଧିକ ବେତନପ୍ରାପ୍ତ କର୍ମଚାରୀ ସବୁଠୁ ବେଶୀ ଅସୁରକ୍ଷିତ





■ **ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):** ସାରା ବିଶ୍ୱରେ ଆଇଟି କର୍ମଚାରୀଙ୍କ ଉପରେ ପଡିଛି ଚଡ଼କ। ସମ୍ପ୍ରତି ଟେକ୍ ଶିଳ୍ପରେ ଚାଲିଛି ଛଟେଇ। କେବଳ ଚଳିତବର୍ଷ ସାରା ବିଶ୍ୱରେ ୯୦ ହଜାରରୁ ଅଧିକ କର୍ମଚାରୀ ଚାକିରିରୁ ବିଦା ହୋଇଛନ୍ତି। ୨୦୨୨ରେ ଆମାଜନ, ଆଲଫାବେଟ୍, ମାଇକ୍ରୋସଫ୍ଟ ଏବଂ ମେଟା ଭଳି ଟେକ୍ କମ୍ପାନୀ ଏଭଳି ବ୍ୟାପକ ଛଟେଇ କରିଥିଲେ। ତେବେ ୨୦୨୪ର ପ୍ରଥମାର୍ଦ୍ଧରେ ୯୮,୮୩୪ କର୍ମଚାରୀଙ୍କୁ ଆଇଟି କମ୍ପାନୀଗୁଡିକ ସାମୟିକ ଅବ୍ୟାହତି ଦେଇଛନ୍ତି। ଅପରପକ୍ଷେ ଆଇଟି କମ୍ପାନୀଗୁଡିକ ୨୦୨୩ ତୁଳନାରେ ଚଳିତଥର ୫୯% ଅଧିକ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ୩୩୭ଟି ଟେକ୍ କମ୍ପାନୀ କର୍ମଚାରୀଙ୍କୁ ଦେଖାଇଛନ୍ତି ପ୍ରସ୍ଥାନର ରାସ୍ତା। ସୂଚନାନୁଯାୟୀ, ଖର୍ଚ୍ଚ କାଟ୍ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଇ ଟେକ୍ କମ୍ପାନୀଗୁଡିକ କର୍ମଚାରୀ ଛଟେଇ ପନ୍ଥା ଆପଣାଇଥିବା ଲେଅଫ୍ସଡଟ୍‌ଏଫ୍‌ୱାଇଆଇ ପକ୍ଷରୁ ଜାରି କରାଯାଇଥିବା ଏକ ରିପୋର୍ଟରୁ ଜଣାପଡିଛି। ତେବେ ଏହି ଛଟେଇରେ ଅଧିକ ବେତନପ୍ରାପ୍ତ କର୍ମଚାରୀମାନେ ନିଜକୁ ବିଶେଷ ଭାବରେ ଅସୁରକ୍ଷିତ ମଣୁଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ଆଇଟି ଏବଂ ଆଇଟି ସକ୍ଷମ ସେବା (ଆଇଟିଇଏସ୍) କ୍ଷେତ୍ରରେ ଏହି ଛଟେଇ ଅଭ୍ୟାସ ଅଧିକରୁ ଅଧିକ ହେବାରେ ଲାଗିଛି। ସର୍ବଭାରତୀୟ ଆଇଟି ଏବଂ ଆଇଟିଏସ୍ କର୍ମଚାରୀ ସଂଘ (ଏଆଇଆଇଟିଇୟୁ)ର ତଥ୍ୟ ଅନୁଯାୟୀ, ୨୦୨୩ରେ ପ୍ରାୟ ଭାରତର ୨୦,୦୦୦ ଟେକ୍ନୋଲୋଜି ▶ପୃଷ୍ଠା-୯

■ **ସର୍ଟସର୍କିଟରୁ ବାଣ ଗୋଦାମରେ ବିସ୍ଫୋରଣ**

## ଜିଅନ୍ତା ଜଳିଗଲେ ବ୍ୟବସାୟୀ



■ **ବୈଶିଙ୍ଗା, ୨୨।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମହୁଲପାଟଣା ଗାଁରେ ଶନିବାର ଅପରାହ୍ଣରେ ବିଦ୍ୟୁତ୍ ସର୍ଟସର୍କିଟରୁ ବାଣ ଗୋଦାମରେ ବିସ୍ଫୋରଣ ଘଟିଥିଲା। ଏଥିରେ ବାଣ ବ୍ୟବସାୟୀ ଖଗେଶ୍ୱର ପଲେଇ (୫୬) ଓରଫ୍ ବାଦଲ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶନିବାର ଅପରାହ୍ଣରେ ସେ ତାଙ୍କ ଘର ନିକଟ ଏକ ଅସ୍ଥାୟୀ ଗୃହରେ ଗଚ୍ଛିତ ଥିବା ବାଣ ଗୋଦାମକୁ ଯାଇଥିଲେ। ସେଠାରେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗିଯିବାରୁ ଗଚ୍ଛିତ ଥିବା ବାରୁଦ ଏବଂ ବିସ୍ଫୋରକ ସାମଗ୍ରୀଗୁଡ଼ିକ ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦରେ ସମଗ୍ର ଗାଁ ଥରି ଉଠିଥିଲା। ଏହି ଘଟଣା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଖଗେଶ୍ୱରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ବେଳେ ଅସ୍ଥାୟୀ ଘରର ଛପର ଉଡ଼ି ଯାଇଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ପୂରା ଗାଁ ସ୍ତବ୍ଧ ହୋଇଯାଇଛି।

### ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଚାଲିଲା ବୁଲ୍‌ଡୋଜର୍

# ଦଳୀୟ କାର୍ଯ୍ୟାଳୟ ଧ୍ୱସ୍ତ

**ଗୁଣ୍ଟୁର, ୨୨।୬(ଏଜେନ୍ସି):** ଆନ୍ଧ୍ର ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓ୍ୱାଇଏସ୍‌ଆର୍‌ସିପି'ର ନିର୍ମାଣାଧୀନ କେନ୍ଦ୍ରୀୟ ଦପ୍ତରରେ ଶନିବାର ସକାଳ ୫ଟା ୩୦ମିନିଟରେ ବୁଲ୍‌ଡୋଜର୍ ଚାଲିଛି। ଏହାକୁ ସମ୍ପୂର୍ଣ୍ଣ ଧ୍ୱସ୍ତ କରିଦିଆଯାଇଛି। ଗୁଣ୍ଟୁରର ସୀତାନଗରମ୍‌ରେ ଥିବା ବୋଟ୍ ୟାର୍ଡ ପରିସରରେ ବେଆଇନ ଭାବେ ଦଖଲ କରାଯାଇଥିବା ୮୭୦.୪ ବର୍ଗମିଟର ଜମିରେ ଏହି କୋଠାର ନିର୍ମାଣ ପ୍ରାୟତଃ ସରିଥିଲା। ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ କୋଠାଧ୍ୱସ୍ତର

**କାର୍ଯ୍ୟାନୁଷ୍ଠାନର ସମୟକୁ ନେଇ ଚର୍ଚ୍ଚା**

**ଠିକ୍ ଏହି ସମୟରେ ଗିରଫ ହୋଇଥିଲେ ଚନ୍ଦ୍ରବାବୁ**

**ମୁଖ୍ୟମନ୍ତ୍ରୀଙ୍କୁ ଏକଛତ୍ରଶାସକ କହିଲେ ଜଗନ ମୋହନ**

**ପ୍ରତିଶୋଧର ରାଜନୀତି କରୁଛନ୍ତି ସରକାର**



ସମୟ ଚର୍ଚ୍ଚାରେ ରହିଛି। ସୂଚନା ଅନୁଯାୟୀ ରାଜ୍ୟରେ ୱାଇଏସ୍‌ଆରସିପିର ସରକାର ଥିବାବେଳେ ଦୁର୍ନୀତି ମାମଲାରେ ଗତ ବର୍ଷ ସେପ୍ଟେମ୍ବର ମାସରେ ସକାଳ ୬ଟାରେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କୁ ସିଆଇଡି ତାଙ୍କ ଘରୁ ଗିରଫ କରିଥିଲା। ସେହିପରି ୱାଇଏସଆରସିପିର ଅଫିସ ମଧ୍ୟ ୫ଟା ୩୦ରେ ଭଙ୍ଗା ଯାଇଥିଲା। ଏହା ପୂର୍ବରୁ ହାଇଦରାବାଦ ମହାନଗର ନିଗମ (ଜିଏଚଏମସି) ରେଡ୍ଡୀଙ୍କ ଲୋଟସ ପଣ୍ଡ ବାସଭବନକୁ ଲାଗି ଫୁଟ୍‌ପାଥରେ ଥିବା ବେଆଇନ ନିର୍ମାଣକୁ ଭାଙ୍ଗି ଦେଇଥିଲା। ସୁରକ୍ଷାକର୍ମୀ ଏହାକୁ ବ୍ୟବହାର କରୁଥିଲେ। ମୁଖ୍ୟମନ୍ତ୍ରୀ ପଦରୁ ଜଗନ ମୋହନ ରେଡ୍ଡୀ ଇସ୍ତଫା ଦେବାର ୧୦ ଦିନ ଭିତରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଓ୍ୱାଇଏସ୍‌ଆର୍‌ସିପି ମୁଖ୍ୟ ଜଗନ ମୋହନ ରେଡ୍ଡି କହିଛନ୍ତି, କ୍ଷମତାକୁ ଆସିବା କ୍ଷଣି ଚନ୍ଦ୍ରବାବୁ ନାଇଡୁଙ୍କ ଏନ୍‌ଡିଏ ସରକାର ପ୍ରତିଶୋଧର ରାଜନୀତି ଆରମ୍ଭ କରିଦେଇଛି। ଗତକାଲି ଓ୍ୱାଇଏସ୍‌ଆର୍‌ସିପି ଗୁଣ୍ଟୁର ଜିଲ୍ଲା ସଭାପତି ଏମ୍ ଶେଷଗିରି ରାଓ ଏହି ସମ୍ଭବ୍ୟ ଧ୍ୱଂସ(ଡିମୋଲିସନ୍)କୁ ରୋକାଯିବା ନିମନ୍ତେ ଆବେଦନ କରି ଆନ୍ଧ୍ର ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ହାଇକୋର୍ଟ ମଧ୍ୟ ପିଟିସନ୍‌ର ବିଚାର ନ ସରିବା ଯାଏଁ ଡିମୋଲିସନ୍ କାର୍ଯ୍ୟକଳାପ ବନ୍ଦ ରଖାଯିବା ନିମନ୍ତେ ଆଦେଶ ଦେଇଥିଲେ। ଓ୍ୱାଇଏସ୍‌ଆର୍‌ସିପି'ର ଓକିଲ ହାଇକୋର୍ଟଙ୍କ ଆଦେଶର ନକଲ ଆନ୍ଧ୍ର ପ୍ରଦେଶ କ୍ୟାପିଟାଲ୍ ରିଜିୟନ୍ ଡେଭଲପମେଣ୍ଟ ଅଥରିଟି(ଏପି ସିଆର୍‌ଡିଏ) କମିଶନର୍‌ଙ୍କୁ ଗତକାଲି ହିଁ ଦେଇଥିଲେ। ତା' ସତ୍ତ୍ୱେ ଆଜି ଭୋର୍‌ରୁ କୋଠାକୁ ଭାଙ୍ଗିଦିଆଯାଇଛି ଯାହା ଅଦାଲତ ଅବମାନନା ବୋଲି ଓ୍ୱାଇଏସ୍‌ଆରସିପି ଦର୍ଶାଇଛି। ଅନ୍ୟପକ୍ଷରେ ତେଲୁଗୁ ଦେଶମ୍ ପାର୍ଟି କହିଛି, ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯିବାରେ ଭୁଲ କିଛି ନାହିଁ। ଜମିଟି ସରକାରୀ ଓ ଜଳସେଚନ ବିଭାଗର ସମ୍ପତ୍ତି। ଜଳସେଚନ ବିଭାଗର ଦୁଇ ଏକର ଜମି ବେଆଇନ ଭାବେ ଅକ୍ତିଆର କରି ଓ୍ୱାଇଏସ୍‌ଆର୍‌ସିପି ସେଠାରେ ତା'ର ଦପ୍ତର ନିର୍ମାଣ କରୁଥିଲା। ଏହା ପରେ ସେଠାରେ ଥିବା ଆଉ ୧୫ ଏକର ସରକାରୀ ଜମି ଅକ୍ତିଆର କରିଥାନ୍ତା।


### ହେମନ୍ତ ସୋରେନଙ୍କ ମନି ଲଣ୍ଡରିଂ ମାମଲାରେ ଇଡି ଚଢ଼ଉ

## କୋଟିଏ ଟଙ୍କା; ୧୦୦ ବୁଲେଟ୍ ଜବତ

**ରାଞ୍ଚି, ୨୨।୬(ଏଜେନ୍ସି):** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ଅନ୍ୟ କେତେକଙ୍କ ବିରୋଧରେ ଜମି ହଡ଼ପ ଓ ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତକାଲି ରାଞ୍ଚିର କାଙ୍କେ ରୋଡ୍‌ରେ ଥିବା କମଲେଶ ସିଂହ ନାମକ ବ୍ୟକ୍ତିଙ୍କ ଘରେ ଚଢ଼ଉ ଓ ଖାନତଲାସୀ କରିଥିଲା। ଇଡି ସେଠାରୁ ନଗଦ ୧ କୋଟି ଟଙ୍କା ଓ ୧୦୦ଟି ଜୀବନ୍ତ ଗୁଳି(ବୁଲେଟ୍) ଜବତ କରିଛି। ଗୁଳି ମିଳିଥିବାରୁ ଏଥିରେ ଇଡି ଆର୍ମସ ଆକ୍ଟ ଅନୁଯାୟୀ ଏକ ପୁଲିସ୍ କେସ୍ କରିଛି। ସୋରେନ ଜମି ହଡ଼ପ ଓ ମନିଲଣ୍ଡରିଂ ମାମଲାରେ ଇଡି ଏଯାଏଁ ସୋରେନଙ୍କ ସମେତ ରାଞ୍ଚି ଡେପୁଟି କମିସନର ତଥା ଆଇଏଏସ୍ ଅଫିସର ଛବି ରଞ୍ଜନ ଓ ଅନ୍ୟ ୨୩ ଜଣଙ୍କୁ ଗିରଫ କଲାଣି। ରାଞ୍ଚିର ବରଗାଇନ ଅଞ୍ଚଳରେ ୮.୮୬ ଏକର ଜମିରେ ଥିବା ଅନେକ ପ୍ଲଟ୍ ସହ ମୋଟ ୨୬୬ କୋଟି ଟଙ୍କା ମୂଲ୍ୟର ଜମିବାଡ଼ି(ଲ୍ୟାଣ୍ଡ ପାର୍ସଲ୍) ମଧ୍ୟ ଏହି ମାମଲାରେ ଇଡି ଆଟାଚ୍ କରିଛି। ଏସବୁ ସ୍ଥାବର ସମ୍ପତ୍ତି ସୋରେନ ବେଆଇନ ଭାବେ ଅର୍ଜିଥିବା ଦର୍ଶାଇ ଇଡି ଏଯାଏଁ ୪ଟି ଚାର୍ଜସିଟ୍ ଦାଖଲ କଲାଣି। ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ମାତ୍ର କେଇ ମିନିଟ ପରେ ଇଡି ତାଙ୍କୁ ଝାଡ଼ଖଣ୍ଡ ରାଜଭବନରୁ ହିଁ ଗତ ଜାନୁଆରୀ ୩୧ ତାରିଖରେ ଗିରଫ କରିଥିଲା। ସେବେଠାରୁ ସୋରେନ ରାଞ୍ଚିର ବିର୍ସା ମୁଣ୍ଡା କେନ୍ଦ୍ରୀୟ କାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି।



**ଏ ପର୍ଯ୍ୟନ୍ତ ଜବତ ହେଲାଣି ୨୬୬ କୋଟି ଟଙ୍କାର ଜମି ଓ ପ୍ଲଟ୍**




ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା 'ମାଆଙ୍କ ନାମରେ ଗଛ ଟିଏ' ଅଭିଯାନରେ ସାମିଲ ହୋଇ ସ୍ୱର୍ଗୀୟ ମାଆଙ୍କ ନାମରେ ଗଛ ଲଗାଇଛନ୍ତି।

### ■ ପ୍ରୋଟେମ୍ ସ୍ପିକର୍ ଚୟନ ନେଇ ସରକାର-ଇଣ୍ଡିଆ ବ୍ଲକ୍ ମୁହାଁମୁହିଁ

## ବାଚସ୍ପତିଙ୍କ ସହାୟକ କମିଟିରୁ ଓହରି ପାରନ୍ତି ବିରୋଧୀ

**ନୂଆଦିଲ୍ଲୀ,୨୨।୬(ଏଜେନ୍ସି):** ଅଷ୍ଟାଦଶ ଲୋକସଭାର ପ୍ରୋଟେମ୍(କାମଚଳା) ବାଚସ୍ପତି ଭାବେ କ୍ରମାଗତ ଭାବେ ୭ଥର ଲୋକସଭାକୁ ନିର୍ବାଚିତ ହୋଇଥିବା କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୧୯ ତାରିଖରେ ନିଯୁକ୍ତ କରିସାରିଥିବା ସତ୍ତ୍ୱେ ବିରୋଧୀ ଇଣ୍ଡିଆ ବ୍ଲକ୍ ଏନେଇ ଆପତ୍ତି ଉଠାଇଛି। ଇଣ୍ଡିଆ ବ୍ଲକ୍‌ର ବୃହତ୍ତମ ଦଳ କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରୋଟେମ୍ ବାଚସ୍ପତି ପଦ ପାଇଁ ଲୋକସଭାକୁ ୮ଥର ନିର୍ବାଚିତ ହୋଇଥିବା କେରଳ ସାଂସଦ କେ ସୁରେଶଙ୍କୁ ଉପେକ୍ଷା କରି ୭ଥର ନିର୍ବାଚିତ ଭର୍ତ୍ତୃହରିଙ୍କୁ ଚୟନ କରିଛନ୍ତି। ଏପରି କରି ସରକାର ସର୍ବବରିଷ୍ଠ ସାଂସଦଙ୍କୁ ପ୍ରୋଟେମ୍ ବାଚସ୍ପତି ଚୟନ କରାଯିବାର ସଂସଦୀୟ ପରମ୍ପରାକୁ ଅବଜ୍ଞା କରିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଲ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇ ଏନ୍‌ଡିଏ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଉ ପାଦେ ଆଗେଇଯାଇ କଂଗ୍ରେସ ସାଂସଦ ମାଣିକରାମ ଟାଗୋର ଓ ବରିଷ୍ଠ କଂଗ୍ରେସ ନେତା ଗୌରବ ଗୋଗୋଇ କହିଛନ୍ତି କେ ସୁରେଶ ଜଣେ ଦଳିତ ହୋଇଥିବାରୁ ପ୍ରୋଟେମ୍ ବାଚସ୍ପତି ହେବାରୁ ତାଙ୍କୁ ବଞ୍ଚିତ କରାଯାଇଛି। ଜଣେ ଦଳିତ ୫୪୩ ଜଣ ସାଂସଦଙ୍କୁ ଶପଥପାଠ କରାଇବେ ଏହା ବିଜେପି ତୁଙ୍ଗ ନେତୃତ୍ୱ ଚାହିଁନାହାନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ କହିଛନ୍ତି, ବିଜେପି ଓ ତା'ର ପୃଷ୍ଠପୋଷକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ଉଚ୍ଚ ଜାତି ରାଜନୀତି କରନ୍ତି। ତେଣୁ ସଂରକ୍ଷିତ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଜଣେ ଦଳିତ ସାଂସଦ ସବୁଠାରୁ ବରିଷ୍ଠ ହୋଇଥିଲେ ବି ତାଙ୍କୁ ପ୍ରୋଟେମ୍ ବାଚସ୍ପତି ଭାବେ ଚୟନ କରିବାକୁ ବିଜେପି ତୁଙ୍ଗ ନେତୃତ୍ୱ ଅନିଚ୍ଛୁକ ହୋଇଛନ୍ତି। ଅନ୍ୟ ପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସଂସଦୀୟ ବିଧିବ୍ୟବସ୍ଥା ଓ ପରମ୍ପରାକୁ ଆଦୌ ଉପେକ୍ଷା କରାଯାଇନାହିଁ। କେ ସୁରେଶ ୮ଥର ସାଂସଦ ହୋଇଛନ୍ତି, କିନ୍ତୁ ୧୯୯୮ରୁ ୨୦୦୪ ଯାଏଁ ସେ ଲୋକସଭା ସାଂସଦ ନ ଥିଲେ। କଂଗ୍ରେସ ଏନେଇ ସାମାଜିକ ଗଣମାଧ୍ୟମରେ ଅସତ୍ୟ ପ୍ରଚାର କରି ସମସ୍ତଙ୍କୁ ଭ୍ରମିତ କରୁଛି। ମନ୍ତ୍ରୀ ରିଜିଜୁ ପୁଣି କହିଛନ୍ତି, କଂଗ୍ରେସ ଭୁଲିଯାଇଛି ଯେ ୨୦୦୪ରେ ସଂସଦୀୟ ପରମ୍ପରା ଭାଙ୍ଗି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଲୋକସଭାକୁ ୯ଥର ନିର୍ବାଚିତ ହୋଇଥିବା ସାଂସଦ ଜର୍ଜ ଫର୍ଣ୍ଣାଣ୍ଡେଜଙ୍କୁ ଉପେକ୍ଷା କରି ୮ଥର ନିର୍ବାଚିତ ହୋଇଥିବା ବାଲାସାହେବ ଭିଖେ ପାଟିଲଙ୍କୁ ପ୍ରୋଟେମ୍ ବାଚସ୍ପତି ବାଛିଥିଲା।

ନବନିର୍ବାଚିତ ଲୋକସଭା ସାଂସଦମାନଙ୍କୁ ଶପଥପାଠ କରାଇବାରେ ପ୍ରୋଟେମ୍ ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ସହାୟତା ଦେବାକୁ ଏକ ପାଞ୍ଚଜଣିଆ ପ୍ୟାନେଲ୍ ଗଢ଼ାଯାଇଛି। ପ୍ୟାନେଲ୍‌କୁ ଡିଏମ୍‌କେ ସାଂସଦ ଟିଆର୍ ବାଲୁ, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ, କଂଗ୍ରେସ ସାଂସଦ କେ ସୁରେଶଙ୍କ ସମେତ ଦୁଇ ବିଜେପି ସାଂସଦ ରାଧା ମୋହନ ସିଂହ ଓ ଫଗନ ସିଂହ କୁଲାସ୍ତେ ମନୋନୀତ ହୋଇଛନ୍ତି। ଚର୍ଚ୍ଚା ହେଉଛି ଯେ ପ୍ୟାନେଲ୍‌ରେ ଥିବା ତିନି ଇଣ୍ଡିଆ ବ୍ଲକ୍ ସାଂସଦ ସେମାନଙ୍କ ଦାୟିତ୍ୱରୁ ଓହରିଯିବେ।





**ପୂର୍ବରୁ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କୁ ଉପେକ୍ଷା କରିଥିଲା କଂଗ୍ରେସ**

### ତେଲଙ୍ଗାନାରେ ଛାଡ଼ ହେବ ୨ ଲକ୍ଷ ପର୍ଯ୍ୟନ୍ତ କୃଷି ଋଣ



**ହାଇଦରାବାଦ, ୨୨।୬ (ଏଜେନ୍ସି):** ତେଲଙ୍ଗାନାର ରେଭନ୍ତ ରେଡ୍ଡୀ ସରକାର କୃଷକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ ବୈଠକ ପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ୪୦ ଲକ୍ଷ କୃଷକ ଲାଭାନ୍ୱିତ ହେବେ। ମାତ୍ର ଏହା ଦ୍ୱାରା ରାଜକୋଷ ଉପରେ ୩୧ ହଜାର କୋଟି ଟଙ୍କାର ବୋଝ ପଡ଼ିବ। ତେବେ ଗତ ବର୍ଷ ଡିସେମ୍ବର ୯ ତାରିଖ ପୂର୍ବରୁ ନିଆଯାଇଥିବା କୃଷି ଋଣକୁ କେବଳ ଛାଡ଼ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର କୃଷକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଖୁବଶୀଘ୍ର ଋଣଛାଡ଼ ନେଇ ମାର୍ଗଦର୍ଶିକା ଜାରି କରାଯିବ।

## ବିସ୍ଫୋରଣରେ ୪ ମୃତ

**ଗୁରୁଗ୍ରାମ, ୨୨।୬ (ଏଜେନ୍ସି):** ହରିୟାଣା ଗୁରୁଗ୍ରାମର ଦୌଲତାବାଦ ଶିଳ୍ପାଞ୍ଚଳରେ ଥିବା ଫାୟାରବଲ୍ କାରଖାନାରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଏହା ପରେ କାରଖାନାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହା ଦ୍ୱାରା ସମ୍ପୂର୍ଣ୍ଣ ଅଞ୍ଚଳ ଦୋହଲି ଯାଇଛି। ଏହି ଅଗ୍ନିକାଣ୍ଡରେ ୬ ଜଣ ଜଳି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅଗ୍ନିକାଣ୍ଡର ସୂଚନା ମିଳିବା ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଲାଗିଥିବା କୁହାଯାଉଛି। ଏହି ନିଆଁ ରାସାୟନିକ ସାମଗ୍ରୀରେ ଲାଗିଯିବାରୁ ବିସ୍ଫୋରଣ ହୋଇଥିଲା।

## ମଣିପୁରରେ ସିଏପିଏଫ୍‌କୁ ବିରୋଧ

**ଇମ୍ଫାଲ, ୨୨।୬ (ଏଜେନ୍ସି):** ଲୋକସଭା ନିର୍ବାଚନ ଶେଷ ହେବା ପରେ ମଣିପୁରରେ ଆରମ୍ଭ ହୋଇଥିବା ହିଂସା ଥମିବାର ନା ଧରୁନାହିଁ। ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ସିଙ୍ଗଜାମେଇ ଥାନା କ୍ଷେତ୍ରରେ ପହଞ୍ଚିଥିବା କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ (ସିଏପିଏଫ) ଯବାନଙ୍କୁ ମେଇତି ସମ୍ପ୍ରଦାୟର ମହିଳା ସଂଗଠନ ମେଇରା ପାଇବିସର ଶହ ଶହ କର୍ମୀ ସିଙ୍ଗଜାମେଇ ଥାନାରେ ପହଞ୍ଚି ଆକ୍ରମଣ କରିଛନ୍ତି। ପ୍ରଦର୍ଶନକାରୀ କହିଛନ୍ତି ଯେ ଇମ୍ଫାଲ ଅଞ୍ଚଳରେ କେନ୍ଦ୍ରୀ ବାହିନୀର ଆବଶ୍ୟକତା ନାହିଁ। ଏହି ବିରୋଧ ପରେ ସିଏପିଏଫ୍ ଯବାନ ଥାନାରୁ ଫେରି ଯାଇଥିଲେ।

## ଇସ୍ରାଏଲ ଆକ୍ରମଣରେ ୪୨ ମୃତ

**ତେଲ ଆଭିଭ, ୨୨।୬ (ଏଜେନ୍ସି):** ଇସ୍ରାଏଲ ସେନା (ଆଇଡିଏଫ) ଶୁକ୍ରବାର ଗାଜାର ରାଫା ନିକଟରେ ଥିବା ଅଲ୍-ମୱାସିର ପାଲେଷ୍ଟାଇନ ଶରଣାର୍ଥୀ ଶିବିର ଉପରେ ବୋମାମାଡ଼ କରିଛି। ଏହି ଆକ୍ରମଣରେ ଅତିକମ୍‌ରେ ୪୨ ଜଣ ପ୍ରାଣ ହରାଇଛନ୍ତି। ୫୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଗାଜାର ସରକାରୀ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାକୁ ନେଇ ଇସ୍ରାଏଲକୁ ସମାଲୋଚନା କରାଯାଉଛି।

## ଉରିରେ ୨ ଆତଙ୍କବାଦୀ ନିପାତ

**ଶ୍ରୀନଗର, ୨୨।୬ (ଏଜେନ୍ସି):** ଜମ୍ମୁ-କାଶ୍ମୀର ଉରି ସେକ୍ଟରର ଗୋହଲନ ଅଞ୍ଚଳରେ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଛି। ଶନିବାର ସକାଳେ ୨ ଆତଙ୍କବାଦୀଙ୍କୁ ନିପାତ କରିଛି। ସେଠାରେ ଅଧିକ ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିଛି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ସୂଚନା ମିଳିଛି। ଏହା ପୂର୍ବରୁ ଗତ ୧୯ ତାରିଖରେ ବାରାମୂଲାର ହାଦିପୋରାରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ୨ ଆତଙ୍କବାଦୀ ନିପାତ ହୋଇଥିଲେ। ୨ ଯବାନ ମଧ୍ୟ ଆହତ ହୋଇଥିଲେ।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରିଥିବା ପଣ୍ଡିତଙ୍କ ପରଲୋକ



**ବାରାଣସୀ, ୨୨।୬ (ଏଜେନ୍ସି):** ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ମୁଖ୍ୟ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦିକ୍ଷୀତ ଶନିବାର ସକାଳେ ପ୍ରାଣ ହରାଇଛନ୍ତି। ୮୨ ବର୍ଷୀୟ ଆଚାର୍ଯ୍ୟ କିଛି ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କୁ ଗୁରୁତର ରୋଗ ହୋଇଥିଲା। ମଣିକର୍ଣ୍ଣିକା ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପଣ୍ଡିତଙ୍କ ପୂର୍ବଜ ନାଗପୁର ଏବଂ ନାସିକ ଗଡ଼ଜାତରେ ଅନେକ ଧାର୍ମିକ ଅନୁଷ୍ଠାନ କରାଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ପୂଜା ପଦ୍ଧତିରେ ସିଦ୍ଧହସ୍ତ ଥିଲେ। ବାରାଣସୀର ମୀରଘାଟ ସ୍ଥିତ ସାଙ୍ଗବେଦ ମହାବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି।

### କେନାଲ ସଫା ସମୟରେ ସୁରକ୍ଷା ଅବହେଳା

## ବିହାରରେ ପୁଣି ଏକ ପୋଲ ଭୁଶୁଡ଼ିଲା



**ପାଟନା, ୨୨।୬ (ଏଜେନ୍ସି):** ବିହାରରେ ପୋଲ ଭୁଶୁଡ଼ିବାର ଧାରା ଜାରି ରହିଛି। ବକ୍ରା ନଦୀରେ ନିର୍ମିତ ପୋଲ ଭୁଶୁଡ଼ିବାର ୫ ଦିନ ପରେ ଶନିବାର ସକାଳେ ମହାରାଜଗଞ୍ଜର ପଟେଢ଼ାର ଗଣ୍ଡକ କେନାଲ ଉପରେ ନିର୍ମିତ ବ୍ରିଜ ଅଚାନକ ଭାଙ୍ଗି ଯାଇଛି। ଗୋଟିଏ ଖମ୍ବ ଧସିବା ପରେ ସମ୍ପୂର୍ଣ୍ଣ ପୋଲ କେନାଲ ଭିତରକୁ ଖସି ପଡ଼ିଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ପୋଲ ଭାଙ୍ଗିଯିବାରୁ ଦୁଇ ଗାଁ ପଟେଢ଼ା ଏବଂ ଗୌରଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ବିଭାଗ ପକ୍ଷରୁ କେନାଲ ସଫା କରାଯାଇଥିଲା। ଏହି ସମୟରେ କେନାଲରୁ ମାଟି ବାହାର କରି ବନ୍ଧକୁ ଫୋପଡ଼ା ଯାଇଥିଲା। ଏଥିଯୋଗୁଁ ପୋଲର ଖମ୍ବ ଦୁର୍ବଳ ହୋଇଯାଇଥିଲେ, ତେଣୁ ଏହା ଭାଙ୍ଗି ଯାଇଥିଲା। କେନାଲ ସଫା ସମୟରେ ବିଭାଗ ସୁରକ୍ଷା ନିୟମ ପାଳନ କରି ନ ଥିଲା। ଏଥିଯୋଗୁଁ ଖମ୍ବ ଉପରେ ଅତିରିକ୍ତ ଭାର ପଡ଼ିଥିଲା। ଏହି ପୋଲର ଓସାର ୩୦ ଫୁଟ ଥିଲା। ପ୍ରାୟ ୩୦ ବର୍ଷ ତଳେ ଏହାର ନିର୍ମାଣ କରାଯାଇଥିଲା। ପୋଲ ଭୁଶୁଡ଼ିବା ଯୋଗୁଁ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ଦିଲ୍ଲୀରେ ବାଂଲା ପ୍ରଧାନମନ୍ତ୍ରୀ ହସିନା

## ଅନେକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):** ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗତକାଲି ନୂଆଦିଲ୍ଲୀ ପହଞ୍ଚିବା ପରେ ଆଜି ସକାଳେ ତାଙ୍କୁ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ତା'ପରେ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କରଙ୍କୁ ଭେଟିବା ପରେ ହସିନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ। ବିବିଧ ପ୍ରସଙ୍ଗରେ ଉଭୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉଭୟେ ପ୍ରଧାନମନ୍ତ୍ରୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ କରାଯିବା ପ୍ରୟାସରେ କିପରି ବିଶେଷ ସଫଳତା ମିଳିଛି ତାହା ପ୍ରକାଶ କରିଥିଲେ।



ସାମ୍ବାଦିକଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ସାମୁଦ୍ରିକ କ୍ଷେତ୍ରରେ ଓ ନୀଳ ଅର୍ଥନୀତି(ସାଗର ସମ୍ପଦ ସମ୍ବନ୍ଧିତ), ଡିଜିଟାଲ ଡୋମେନ୍ ଓ ଗ୍ରୀନ ପାର୍ଟନରସିପ୍ ନେଇ ଉଭୟ ଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପୁଣି ଉଭୟ ଭାରତ ଓ ବାଂଲାଦେଶ ମଧ୍ୟରେ ରେଳ ସଂଯୋଗ ଓ ବିଦ୍ୟୁତ ସରବରାହ ଭଳି ଭିତ୍ତିଭୂମିଗୁଡ଼ିକର ବିସ୍ତାର ପାଇଁ ଚୁକ୍ତି ସ୍ୱାକ୍ଷର କରାଯାଇଛି। ସେନାର ଆଧୁନିକୀକରଣ, ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ, ଆତଙ୍କବାଦ ନିର୍ମୂଳନ କ୍ଷେତ୍ରରେ ସହଯୋଗ, ସୀମା ପରିଚାଳନା ଓ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କିତ କେତେକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଭାରତର ନେବରହୁଡ୍ ଫାଷ୍ଟ ଓ ଆକ୍ଟ ଇଷ୍ଟ ନୀତି, ଭିଜନ ସାଗର ଓ ଇଣ୍ଡୋ-ପାସିଫିକ୍ ଭିଜନ୍'ର ଦ୍ୱାର ଦେଶରେ ତଥା ସବୁଠାରୁ ନିକଟରେ ରହିଛି ବାଂଲାଦେଶ। ତେଣୁ ବାଂଲାଦେଶ ସହ ସୁସମ୍ପର୍କ ରଖିବାକୁ ଭାରତ ସର୍ବଦା ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। ମିଳିତ ସାମ୍ବାଦିକ ସମ୍ମିଳନୀରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ହସିନା କହିଥିଲେ, ଭାରତ ହେଉଛି ବାଂଲାଦେଶର ସବୁଠାରୁ ଅଧିକ ଭରସାଯୋଗ୍ୟ ପଡ଼ୋଶୀ ବନ୍ଧୁ ଦେଶ। ବାଂଲାଦେଶର ସ୍ୱାଧୀନତା ହାସଲରେ ଭାରତର ଭୂମିକା କଦାଚିତ୍ ଭୁଲିହେବନି। ଆଜି ଆମେ ସୁରକ୍ଷା, ବାଣିଜ୍ୟ, କନେକ୍ଟିଭିଟି, ଉଭୟ ଦେଶକୁ ଛୁଉଁଥିବା ନଦୀଗୁଡ଼ିକର ଜଳ ବଣ୍ଟନ, ପାଓ୍ୱାର ଓ ଏନର୍ଜି, ଆଞ୍ଚଳିକ ଓ ବହୁପାକ୍ଷିକ ସହଯୋଗ ଆଦି ଅନେକ ବିଷୟରେ ଚୁକ୍ତି ସ୍ୱାକ୍ଷର କରିଛୁ।





# ଆଜିଠୁ ପଟି ଦିଅଁ ଦର୍ଶନ







**ପୁରୀ, ୨୨।୬(ସମିସ):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ରବିବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ପଟିଦିଅଁ ରୁପରେ ଦର୍ଶନ ଦେବେ। ଶନିବାର ସ୍ନାନବେଦୀରେ ସ୍ନାନ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଥିଲେ ଠାକୁର। ଏହପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିବେ। ତାଟିରେ ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

■ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲାନି ବ୍ୟବସ୍ଥାବଳୀ

## ଦର୍ଶନରେ ବାଧା

**ପୁରୀ, ୨୨।୬ (ସମିସ):** ସମସ୍ତେ ବ୍ୟବସ୍ଥାବଳୀ ମାନିବେ। ବ୍ୟବସ୍ଥାବଳୀ ଊର୍ଦ୍ଧ୍ୱକୁ ଯାଇ କେହି କିଛି କରିପାରିବେ ନାହିଁ। ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ସେମାନଙ୍କ ଦର୍ଶନରେ ଯେପରି କୌଣସି ବାଧା ନ ଉପୁଜେ, ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବେ। ବ୍ୟବସ୍ଥାବଳୀକୁ ଯିଏ ନ ମାନିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ନାନଯାତ୍ରା ପୂର୍ବରୁ ଏମିତି ନୀତି ନିୟମ ଏବଂ କଟକଣାର ପାଠ ପଢ଼ାଇଥିଲା ମନ୍ଦିର ପ୍ରଶାସନ। ହେଲେ ଠିକଣା ବେଳକୁ କିଛି ସେବାୟତଙ୍କ କ୍ଷେତ୍ରରେ ଏହା ଫେଲ୍ ମାରିଛି। ସେମାନେ ନିଜ ଆଚରଣରେ ସୁଧାର ଆଣିପାରି ନଥିବା ଦେଖିବାକୁ ମିଳିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଗରେ ଠିଆ ହେବାଠାରୁ ଆରମ୍ଭ କରି ଭକ୍ତଙ୍କୁ ତୁଳସୀ ବାଣ୍ଟି ପଇସା ଆଦାୟ କରିଛନ୍ତି। ଏମିତି ଅଳ୍ପ କିଛି ସେବାୟତ ବ୍ୟବସ୍ଥାବଳୀକୁ ଭୁଲିଯାଇଥିବା ଭଳି ଜଣାପଡୁଥିଲା।

ଏଥର ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ କିଛି ସେବକ ଠାକୁରଙ୍କ ଆଗରେ ଠିଆ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେହି ଦାରୁବିଗ୍ରହଙ୍କ ସମ୍ମୁଖରେ ବସି ରହିଥିଲେ। ଫଳରେ ଭକ୍ତଙ୍କ ଦର୍ଶନରେ ବାଧା ଉପୁଜିଥିଲା। ଦାୟିତ୍ୱରେ ଥିବା ଅଧିକାରୀ କହିବାରୁ ଅଳ୍ପ ସମୟ ସମ୍ପୃକ୍ତ ସେବକମାନେ ଠାକୁରଙ୍କ ସମ୍ମୁଖରୁ ହଟିଯାଉଥିବା ବେଳେ ପୁଣି ଆସି ଠିଆ ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ କେତେଜଣ ସେବାୟତ ଏଥର ସଚେତନ ଥିବା ଭଳି ଜଣାପଡୁଥିଲେ। ଯେଉଁମାନେ ଠାକୁରଙ୍କ ଆଗରେ ଠିଆ ହୋଇ ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି କରୁଥିଲେ, ସେମାନଙ୍କୁ ବାରଣ ମଧ୍ୟ କରୁଥିଲେ। ଏହାବ୍ୟତୀତ ଆଉ କେତେଜଣ ଭକ୍ତଙ୍କ ଦର୍ଶନ ବାଟରେ ଭିଡ଼ର କାରଣ ସାଜିଥିଲେ। ଧାଡ଼ିରେ ଯାଉଥିବା ଭକ୍ତଙ୍କୁ ଠାକୁରଙ୍କ ତୁଳସୀ ଓ ଫୁଲ ଦେଉଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ହେଉଥିଲା। କେହି କେହି ଏହି ଫୁଲ ଓ ତୁଳସୀ ନେବାକୁ ଅପେକ୍ଷା କରି ଛିଡ଼ା ହେଉଥିବାରୁ ପୁଲିସକୁ ମଧ୍ୟ ନାକେଦମ୍ ହେବାକୁ ପଡୁଥିଲା।

### ଗଢ଼ା ଚାଲିଛି ତିନିରଥ...

## ଦ୍ୱିତୀୟ ଭୂଇଁ ଫିଟିଙ୍ଗ ସରିଲା



**ପୁରୀ, ୨୨।୬(ସମିସ):** ଆଉ ୧୪ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ତେଣୁ ରଥଖଳାରେ ରଥ ନିର୍ମାଣ କାମ ବେଶ୍ ଦ୍ରୁତଗତିରେ ଚାଲିଛି। ଶନିବାର ତଳେ ଦ୍ୱିତୀୟ ଭୂଇଁ ଫିଟିଙ୍ଗ କରାଯାଇଥିଲା। ଏହାକୁ ନମ୍ବରିଂ କରାଯାଇ ଖୋଲାଯାଇଛି। ସେହିପରି ରଥଖଳାରେ ଖଦି ଓରା ପହଞ୍ଚିବା ପରେ ଏଥିରେ ବିନ୍ଧ କରାଯାଇଛି। ରବିବାର ରଥ ଉପରକୁ ପ୍ରଥମ ଭୂଇଁ ଉଠିବ। ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛ'କାଠ ସେଟିଙ୍ଗ ହେବ। ପ୍ରତ୍ୟେକ ରଥରେ ଚଉଦ ନାହାକା ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ କରାଯିବ। ଏହାପରେ ଦ୍ୱିତୀୟ ଭୂଇଁ ଉଠାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରଥଖଳାରେ ତୃତୀୟ ଭୂଇଁ ସେଟିଙ୍ଗ କରାଯିବ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଅଁଳା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାରେଡିକୁ ସାଇଜ୍ କରୁଛନ୍ତି ମହାରଣା ସେବକ। ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ ରାହୁରୂପ ଖୋଦେଇ ଜାରି ରଖିଛନ୍ତି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପୋଟଳ ପାଇଁ ପୋଟଳ ନଦା କଣ୍ଟା ନିର୍ମାଣ କରୁଛନ୍ତି। ଚିତ୍ରକାର ସେବକମାନେ ତିନି ରଥର ପାର୍ଶ୍ୱ ଦେବଦେବୀ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

## ଚିତ୍ରସେନ ରାଉତ ଓ ଉମେଶ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ

**ଭୁବନେଶ୍ୱର, ୨୨।୬(ସମିସ):** ପୂର୍ତ୍ତ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଧିକାରୀ ଚିତ୍ରସେନ ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଓଏଫ୍ଏସ୍ ଅଧିକାରୀ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

ଏହା ପୂର୍ବରୁ ଗତ ୧୭ ତାରିଖରେ କେନ୍ଦୁଝର ଉପ-ଜିଲ୍ଲାପାଳ ଥିବା ଓଏଏସ୍ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ସରକାର ନିଯୁକ୍ତି ଦେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଏବଂ ପ୍ରମୁଖ ସଚିବ କିଏ ହେବ ତାକୁ ନେଇ ସଂଶୟ ଲାଗି ରହିଛି।

## ପଦୋନ୍ନତି ପାଇଲେ ୧୨ ଡେପୁଟି ସେକ୍ରେଟାରୀ


**ଭୁବନେଶ୍ୱର, ୨୨।୬(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଯାମିନୀ ଷଡ଼ଙ୍ଗୀଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ମୋ ସ୍କୁଲର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପାରୁଲ ପଟୱାରୀ ଚଳିତ ମାସ ୨୪ ତାରିଖରୁ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଥିବାରୁ ଶ୍ରୀମତି ଷଡ଼ଙ୍ଗୀ ଏହି ଦାୟିତ୍ୱ ନିର୍ବାହ କରିବେ। ଆଜି ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଡେପୁଟି ସେକ୍ରେଟାରୀ ଭାବେ କାର୍ଯ୍ୟରତ ୧୨ ଜଣ ଓଏସ୍ଏସ୍ କ୍ୟାଡର୍ ଅଧିକାରୀଙ୍କୁ ଯୁଗ୍ମ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେହିପରି ୨୨ ଜଣ ଓଏସ୍ଏସ୍ କ୍ୟାଡର୍ ଅଧିକାରୀ ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ ବୋଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଯାମିନୀ ଷଡ଼ଙ୍ଗୀଙ୍କୁ ଓସେପା ଏବଂ 'ମୋ ସ୍କୁଲ' ଦାୟିତ୍ୱ**

### କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଲେ ରାଜ୍ୟ ସରକାର

# ଆଗକୁ ବଢ଼ିବ ସେମିକଣ୍ଡକ୍ଟର ଓ ଚିପ୍ ଉତ୍ପାଦନ ଅଭିଯାନ

**ଭୁବନେଶ୍ୱର,୨୨।୬(ସମିସ):** ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ଏବଂ ବହୁଳ ଉପଯୋଗୀ ଇଲେକ୍ଟ୍ରୋନିକ୍ ଉପକରଣ କୁହାଯାଉଥିବା ସେମିକଣ୍ଡକ୍ଟର ଏବଂ ଚିପ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶାକୁ ଯେପରି ଅଧିକରୁ ଅଧିକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ନିର୍ମାତା ଆସିବେ ଏବଂ ଏହାର ଉତ୍ପାଦନରେ ଓଡ଼ିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ସହାୟତା ଲୋଡ଼ିଛନ୍ତି ରାଜ୍ୟ ସରକାର। ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ରାଜ୍ୟରେ ସେମିକଣ୍ଡକ୍ଟର ଏବଂ ଚିପ୍ ଉତ୍ପାଦନ ପାଇଁ ବିଦେଶୀ ପୁଞ୍ଜିନିବେଶ ସହ ଦକ୍ଷତା ବୃଦ୍ଧି ଏବଂ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଭୂମିକା ଗୁରୁତ୍ୱବହନ କରୁଛି। ଏ କ୍ଷେତ୍ରରେ କେନ୍ଦ୍ରର ସହାୟତା ନିର୍ଣ୍ଣାୟକ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।



ସେମିକଣ୍ଡକ୍ଟର ଏବଂ ଚିପ୍ ଚାରି ଚକିଆ ଯାନ ଠାରୁ ଆରମ୍ଭ କରି ମୋବାଇଲ୍ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ସମଗ୍ର ବିଶ୍ୱରେ ଏହାର ବହୁଳ ଚାହିଦା ରହିଥିଲେ ସୁଦ୍ଧା ଏହାର ଉତ୍ପାଦନ କେବଳ ଆମେରିକା, ଜାପାନ୍, ଦକ୍ଷିଣ କୋରିଆ ଭଳି କିଛି ଦେଶରେ ସୀମିତ ରହିଛି। ଏପରିକି କୋଭିଡ୍ ସମୟରେ ଚିପ୍ ଓ ସେମିକଣ୍ଡକ୍ଟର ଯୋଗାଣ ବ୍ୟାହତ ହେବାରୁ କାର୍ ଉତ୍ପାଦନ ଏକ ପ୍ରକାର ପ୍ରଭାବିତ ହୋଇଥିଲା। ଏହି କ୍ଷେତ୍ରରେ ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବ ରାଜ୍ୟ ସରକାର ୨୦୨୩ ମସିହାରେ ଓଡ଼ିଶା ସେମିକଣ୍ଡକ୍ଟର ଆଣ୍ଡ ଫେବ୍‌ଲେସ୍ ନୀତି ପ୍ରଣୟନ କରିବା ସହିତ ପୁଞ୍ଜିନିବେଶ ଆଣିବାରେ ସଫଳ ହୋଇଥିଲେ। ବିଶେଷକରି ଗତବର୍ଷ ଜୁଲାଇ ମାସରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କର ଦଳ ଆମେରିକାର ସିଲିକନ୍ ଭ୍ୟାଲି ଯାଇ ପ୍ରମୁଖ ନିବେଶକମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଏମ୍ଓୟୁ ମଧ୍ୟ ସ୍ୱାକ୍ଷର ହୋଇଥିଲା। ଏହା ପରେ ଚଳିତ ବର୍ଷ ପ୍ରାରମ୍ଭରେ ଓଡ଼ିଶାରେ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ତିନିଟି କମ୍ପାନୀ ସହିତ ବୁଝାମଣା ସ୍ୱାକ୍ଷର କରିଥିଲେ। ସେମିକଣ୍ଡକ୍ଟର, ଚିପ୍ ସହିତ ପ୍ରିଣ୍ଟ ସର୍କିଟ୍ ବୋର୍ଡ ଉତ୍ପାଦନ ନୂଆ ଦିଗନ୍ତ ଆବିଷ୍କାର କରିଥିଲା। ବଡ଼ କଥା ହେଉଛି, 'ସିଲିକନ୍ ଭେଲି'ରେ ଅନେକ ନିବେଶକ ଓଡ଼ିଶା ସରକାରଙ୍କ ନୀତିକୁ ସମର୍ଥନ ଜଣାଇବା ସହ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। କେବଳ ଉତ୍ପାଦନ ନୁହେଁ; ଏହି କ୍ଷେତ୍ର ପାଇଁ ଦକ୍ଷ ମାନବସମ୍ବଳର ଘୋର ଅଭାବ ରହିଥିବାରୁ ଓଡ଼ିଶାର ଯୁବକଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଥିଲା। ତେବେ ଏହି କ୍ଷେତ୍ରରେ ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ନୂଆ ସରକାର ମଧ୍ୟ ଏହି ଅଭିଯାନକୁ ଆଗକୁ ନେବା ପାଇଁ ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କ ଠାରୁ ସହାୟତା ମାଗିଛନ୍ତି।

- **ତ୍ୱରାନ୍ୱିତ ହୋଇପାରିବ ଏଫ୍‌ଡିଆଇ, ଦକ୍ଷତା ବୃଦ୍ଧି ଓ ବଜାର ସଂଯୋଗ**
- **ରାଜ୍ୟରେ ଆଇଟି ଶିଳ୍ପର ମୂଳଦୁଆ ପକାଇଥିଲେ ପୂର୍ବ ସରକାର**

ଆଇଟି ବିଶେଷଜ୍ଞଙ୍କ କହିବା ଅନୁସାରେ, ଅନ୍ୟ ଶିଳ୍ପ ଠାରୁ ସେମିକଣ୍ଡକ୍ଟର ଓ ଚିପ୍ ଶିଳ୍ପ ବହୁତ ଅଲଗା। ଏଥିରେ ବ୍ୟାପକ ପୁଞ୍ଜି ଏବଂ ଦକ୍ଷ ମାନବସମ୍ବଳ ଆବଶ୍ୟକତା ରହିଛି। ବହୁତ କମ୍ ଦେଶରେ ଏହାର ଉତ୍ପାଦନ ହେଉଥିବାରୁ ଏହାର ଚାହିଦା ଢ଼େର ଅଧିକ। କିନ୍ତୁ ଉତ୍ପାଦନ ପରିପ୍ରେକ୍ଷୀରେ ମଧ୍ୟ ଆହ୍ୱାନ କିଛି କମ୍ ନୁହେଁ। ଏହାର ଉତ୍ପାଦନ ଆରମ୍ଭ ହେଲେ ଭାରତୀୟ ଏବଂ ବିଶ୍ୱ ବଜାରରେ ଚାହିଦା ପୂରଣ କ୍ଷେତ୍ରରେ ଭାରତର ଗୁରୁତ୍ୱ ବିଶ୍ୱ ଦରବାରରେ ବୃଦ୍ଧି ପାଇବ। ପୂର୍ବ ସରକାର ନିଜ ଉଦ୍ୟମରେ ବିଦେଶରୁ ପୁଞ୍ଜିପତିଙ୍କୁ ଆଣି ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଚିପ୍ ଉତ୍ପାଦନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। କିନ୍ତୁ ଏବେ କେନ୍ଦ୍ର ଓ ରାଜ୍ୟରେ ସମାନ ସରକାର ହୋଇଥିବାରୁ ଓଡ଼ିଶା ସରକାର ଦିଲ୍ଲୀରୁ ସହାୟତା ଲୋଡ଼ିଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗ ରହିଲେ ବିଦେଶୀ ପୁଞ୍ଜି ଆଣିବା ଏବଂ ବଜାର ସଂଯୋଗୀକରଣ ସହଜ ହୋଇପାରିବ। ଓଡ଼ିଶା ସରକାରଙ୍କର ନିଜସ୍ୱ ନୀତି ରହିଥିବା ବେଳେ କେନ୍ଦ୍ର ସରକାରଙ୍କର ମଧ୍ୟ ନୀତି ରହିଛି। ତେଣୁ ଉଭୟ ସରକାର ସହଯୋଗ କଲେ ସେମିକଣ୍ଡକ୍ଟର ଏବଂ ଚିପ୍ ଉତ୍ପାଦନରେ ଓଡ଼ିଶା କୀର୍ତ୍ତିମାନ ସ୍ଥାପନ କରିପାରିବ ବୋଲି କୁହାଯାଉଛି।

DADLS-12

ଓଡ଼ିଶା ସରକାର



ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ
ରାଜ୍ୟସ୍ତରୀୟ ବଳିଦାନ ଦିବସ
୨୩ ଜୁନ ୨୦୨୪
ସକାଳ ୮ ଘଟିକା : ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର,
ଭୁବନେଶ୍ୱରସ୍ଥିତ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ପୂର୍ବାହ୍ନ ୧୧ ଘଟିକା ସାଧାରଣ ସଭା ଜୟଦେବ ଭବନ
ମୁଖ୍ୟ ଅତିଥି :
ଶ୍ରୀମତୀ ସୁରମା ପାଢ଼ୀ
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନନୀୟ ଅତିଥି :
ଡ. ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ମୁଖ୍ୟବକ୍ତା :
ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ
ବିଶିଷ୍ଟ ଶିକ୍ଷାବିତ୍
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0035/2425



ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଗଜ ବେଶ

## ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା

**ବଇଣ୍ଡା, ୨୨।୬(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁର, ଘୋଷାର, ବିଲେଇନାଳୀ, ଆଠମଲ୍ଲିକ ବ୍ଲକ ପେଡ଼ିପଥର, ଠାକୁରଗଡ଼ ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଶନିବାର ଦେବସ୍ନାନ ପୂର୍ଣ୍ଣିମା ପାଳନ ହୋଇଛି। ବିଶେଷ କରି ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଭୁ ତିନି ଠାକୁରଙ୍କୁ ୧୦୮ ଗରା ପାଣିରେ ସ୍ନାନ



କରାଯାଇଥିଲା। ଯଥା ରୀତି ନୀତି ନିୟମ ଅନୁସାରେ ପ୍ରଭୁ ତିନି ଠାକୁରଙ୍କୁ ପୂଜା କରାଯାଇଥିଲା। ପୂଜକ ସହଦେବ ତ୍ରିପାଠୀ, ଭବାନୀ ଶଙ୍କର ମିଶ୍ର, ପ୍ରବୀଣ ରଥ, ସୁଶାନ୍ତ ରଥ ପୂଜା କରିଥିଲେ। ଏଥିରେ ଗ୍ରାମର ହୃଷୀକେଶ ପ୍ରଧାନ, ନୀଳାଦ୍ରୀ ସାହୁ, ପ୍ରତାପ ସାହୁ, ସୁଶାନ୍ତ ସାହୁ, ଯୋଗୀନ୍ଦ୍ର ଖିଲାର, ଅନୁପ ସାହୁ, ଅମିତ କୁମାର ସାହୁ ସହଯୋଗ କରିଥିଲେ।

## ବର୍ଷା ପାଇଁ ବଡ଼ହୁଲାରେ ହୋମଯଜ୍ଞ କଲେ ଗ୍ରାମବାସୀ



**ବଇଣ୍ଡା, ୨୨।୬(ସମିସ):** ମୌସୁମୀର ଲୁଚକାଳି ଖେଳବେଳେ କିଭଳି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡରେ ଭଲ ବର୍ଷା ହେବ, ସେ ନେଇ ଶନିବାର କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମର ଶିବମନ୍ଦିର ନିକଟରେ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୋମ ଯଜ୍ଞ କରାଯାଇଛି। ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଥମେ ପ୍ରଭୁ ଶିବ ପରେ ଦକ୍ଷିଣ କାଳୀଙ୍କୁ ପୂଜାକରିବା ପରେ ସୂର୍ଯ୍ୟ ପୂଜା କରାଯାଇ ହୋମଯଜ୍ଞ ଆରମ୍ଭ କରିଥିଲେ। ପୂଜକ ଦିଲ୍ଲୀପ ଆଚାର୍ଯ୍ୟ, ସର୍ବେଶ୍ୱର ମହାପାତ୍ର ଯଥା ରୀତି ନୀତି ଅନୁସାରେ ପ୍ରଭୁ ଇନ୍ଦ୍ର ଦେବତାଙ୍କୁ ପୂଜା କରିଥିଲେ। କିଭଳି ସଠିକ ଭାବରେ ଭଲ ବର୍ଷା ହେବ ଏଥିସହିତ ଏହି ଅଞ୍ଚଳର କୃଷକଙ୍କ ବିକାଶ ହୋଇପାରିବ, ସେ ନେଇ ପୂଜା କରିଥିଲେ। ହୋମରେ ଗ୍ରାମର ଭାସ୍କର ପ୍ରଧାନ ଓ ତାଙ୍କ ପତ୍ନୀ ସୁକାନ୍ତି ପ୍ରଧାନ କର୍ତ୍ତା ଭାବରେ ଯୋଗ ଦେଇଥିଲେ। ହୋମଯଜ୍ଞ କରାଯିବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ମନ୍ଦିର ପରିଚାଳନା କମିଟିର ସଭାପତି କୁଞ୍ଜବିହାରୀ ଦେହୁରୀ, ସମ୍ପାଦକ ସୁଦାମ ଚରଣ ପ୍ରଧାନ, ଗୋକୁଳ ପ୍ରଧାନ, ଯାଦବ ସ୍ୱାଇଁ, ଭୀଷ୍ମ ଦେହୁରୀ, ଦ୍ୱିତୀକୃଷ୍ଣ ଦେହୁରୀ, କାଳୀମନ୍ଦିର ପୂଜକ, ରବୀନ୍ଦ୍ର ବେହେରା, ମନ୍ଦିରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା , ୨୨।୬(ସମିସ):** ଠାକୁରଗଡ଼ ପୁଲିସ ଶୁକ୍ରବାର ଦିନ ଟାପଡୋଲ ଅଞ୍ଚଳରୁ ୯ ଟି ବିଦେଶୀ ମଦ ବୋତଲ ଜବତ କରିଛି। ଏଥିସହ ମଦ ବ୍ୟବସାୟୀ ସେହି ଅଞ୍ଚଳର ମୁକେଶ ପ୍ରଧାନଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ପୁଲିସ କହିଛି ଯେ, ମୁକେଶ ଏକ ବ୍ୟାଗ ମାଧ୍ୟମରେ ଘରେ ମଦ ବିକ୍ରିକରିବା ପାଇଁ ନେଉଥିବା ବେଳେ ଖବର ପାଇ ଠାକୁରଗଡ଼ ପୁଲିସ ଚଢ଼ଉ କରି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପଞ୍ଚତତ୍ତ୍ୱ ପାର୍କ ନିର୍ମାଣରେ ଅନିୟମିତତା

# ଉଦ୍‌ଘାଟନର ୬ ମାସ ପରେ ବି ଝୁଲିଛି ତାଲା

**ଅନୁଗୋଳ, ୨୨।୬(ସମିସ) :** ଉଦଘାଟନ ପରେ ୬ ମାସ ହେବ ଅନୁଗୋଳ ପୌରପାଳିକା ଅନ୍ତର୍ଗତ ପଞ୍ଚତତ୍ତ୍ୱ ପାର୍କ ଗେଟରେ ତାଲା ପଡିଛି। ପାର୍କ ଭିତରକୁ ଯିବା ସମ୍ପୂର୍ଣ୍ଣ ନିଷେଧ ଅଛି। ଏନେଇ ଅନୁଗୋଳ ପୌରପାଳିକା ନିରବଥିବା ବେଳେ ଜିଲ୍ଲା ପ୍ରଶାସନ ବି ପାର୍କ ଖୋଲିବାକୁ ତତ୍ପରତା ଦେଖାଉ ନାହାଁନ୍ତି। ଏଣୁ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) ଫଣ୍ଡରୁ କୋଟି କୋଟି ଟଙ୍କା ବ୍ୟୟରେ ଏହି ପଞ୍ଚତତ୍ତ୍ୱ ପାର୍କ ନିର୍ମାଣ କରାଯାଇଥିଲା। ପାର୍କ ନିର୍ମାଣ ସମୟରେ ନିର୍ମାଣ କାର୍ଯ୍ୟର ଫଟୋ ଉଠାଇବାକୁ ମନା କରିଥିଲେ ତତ୍କାଳୀନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଆଉ ଅଧ ପନ୍ତରିଆ ଅବସ୍ଥାରେ ହିଁ ଏହାକୁ ଲୋକାର୍ପିତ କରାଯାଇଥିଲା। କିନ୍ତୁ ଏମିତି ତରବରିଆ ହୋଇ କାହିଁକି ଉଦଘାଟନ




କରାଯାଇଥିଲା, ତାହା କାହାକୁ ବି ଜଣାନାହିଁ। ତେବେ ବ୍ରିଜ ଏଣ୍ଡ ଗ୍ରୁପ ନାମକ ଠିକା ସଂସ୍ଥା ପାର୍କ ନିର୍ମାଣ କାର୍ଯ୍ୟକୁ ହାତକୁ ନେଇଥିଲା। ଗତ ଜାନୁଆରୀ ୨୪ ତାରିଖରେ ତତ୍କାଳୀନ ପଞ୍ଚାୟତିରାଜ, ପାନୀୟ ଜଳ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଏହି ପାର୍କ ଉଦଘାଟନ କରିଥିଲେ। କିନ୍ତୁ ପାର୍କ ଉଦଘାଟନ ହେବାର ୬ ମାସ ବିତିଯାଇଥିଲେ ମଧ୍ୟ ଗେଟରେ ତାଲା ପଡିଛି। ସାଧାରଣ ଲୋକ ଭିତରକୁ ଯିବା ସମ୍ଭବ ହୋଇପାରିନାହିଁ। ଏ ନେଇ ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ କହିବା ଅନୁସାରେ, ପାର୍କ ଭିତରେ କିଛି କାର୍ଯ୍ୟ ଶେଷ ହୋଇନାହିଁ। କିଛିଦିନ ପରେ ପାର୍କ ଖୋଲିଯିବ। ଡିଏମଏଫ ଫଣ୍ଡରୁ ୭ କୋଟି ଟଙ୍କାରେ ପାର୍କ ନିର୍ମାଣ ହୋଇଛି ବୋଲି ଶ୍ରୀ ନାୟକ କହିଛନ୍ତି। ଅନ୍ୟପଟେ ପ୍ରଶାସନର ଅବହେଳାରୁ ଉଦଘାଟନ ପରେ ବନ୍ଦ ହୋଇ ରହିବା ବିଡ଼ମ୍ବନାର ବିଷୟ। ତୁରନ୍ତ ପାର୍କ ଖୋଲାଯିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତତକାଳୀନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସେତେବେଳେ ପୌରପାଳିକାର ମଧ୍ୟ ଅଧକ୍ଷ ଥିଲେ। ତେଣୁ ସେ ସମୟରେ ଶ୍ରୀ ସ୍ୱାଇଁ ଅନୁଗୋଳରେ ଏଭଳି ବହୁ କାମ ନିଜର ସ୍ୱାର୍ଥ ହାସଲ ପାଇଁ ଅଧପନ୍ତରିଆ ଭାବେ କରିଛନ୍ତି। ତେଣୁ ସେସବୁ କାମର ଏକ ଉଚ୍ଚସ୍ତରୀୟ ତଦନ୍ତ ସରକାର କରିବା ପାଇଁ ସାଧାରଣରେ ଦାବି ହେଉଛି।

## କୋଇଲା ଖଣି ଠିକାଶ୍ରମିକଙ୍କ ୫ ଦଫା ଦାବିପତ୍ର

**ତାଳଚେର ସଦର, ୨୨।୬(ସମିସ):** ତାଳଚେର କୋଇଲା ଖଣିଗୁଡିକରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ୫ ଦଫା ଦାବି ନେଇ ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ପାଞ୍ଚ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଠିକା ଶ୍ରମିକମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଦାବିପତ୍ର ଦେଇଥିଲେ। ତାଳଚେର ଅଞ୍ଚଳରେ ଥିବା ଏମସିଏଲ୍‌ର ବିଭିନ୍ନ କୋଇଲା ଖଣିଗୁଡିକରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ଗିଫ୍ଟ କାର୍ଡ ପ୍ରଦାନ କରିବା, ଭୁବନେଶ୍ୱରୀ



ଖଣିରେ କାର୍ଯ୍ୟ କରୁଥିବା କେସିସି କମ୍ପାନୀ ଓ ସାଇଲୋରେ ସ୍ଥାନୀୟ କ୍ଷତିଗ୍ରସ୍ତ ଯୁବକ, ଯୁବତୀଙ୍କୁ ନିଯୁକ୍ତି, ସମସ୍ତ ଠିକା ଶ୍ରମିକଙ୍କ ଉଚିତ ପ୍ରାପ୍ୟ ଠିକାଦାରଙ୍କ ବିଲ୍‌ରୁ କାଟି ଏମ୍‌ସିଏଲ୍ ମାଧ୍ୟମରେ ପ୍ରଦାନ କରିବା, ଠିକା ଶ୍ରମିକ ମିକମାନଙ୍କର ରବିବାର ଏବଂ ପେଡ୍ ହଲିଡେ ଗୁଡ଼ିକରେ ଡବଲ ହାଜିରା ପ୍ରଦାନକରିବା ଏବଂ ଖଣିରେ କାର୍ଯ୍ୟ କରୁଥିବା ବିନା ଏଚପି ଏଚପିସି ଠିକା ଶ୍ରମିକମାନଙ୍କର ସିଏମ୍‌ପିଏଫ୍ ଦ୍ୱାରା ନିର୍ଦ୍ଧାରିତ ଦରମା ପ୍ରଦାନ କରିବା ପ୍ରଭୃତି ଦାବି ପତ୍ରରେ ଉଲେଖ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତ ଦାବି ଉପରେ ଉଚିତ ପଦକ୍ଷେପ ନନେଲେ ସଂଘ ପକ୍ଷରୁ ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଖଣି ବନ୍ଦ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ସଂଘର ସଭାପତି ପ୍ରକାଶ କରିଛନ୍ତି।

## ଲିଙ୍ଗରାଜ ଖଣିରୁ ଲକ୍ଷାଧିକ ଟଙ୍କାର ସିସି କ୍ୟାମେରା ଚୋରି

**ତାଳଚେର ସଦର, ୨୨।୬(ସମିସ):** ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ ଗତକାଲି ସିସି କ୍ୟାମେରା ଚୋରି ହୋଇଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ଲିଙ୍ଗରାଜ କୋଇଲା ଖଣିର ୨ ନମ୍ବର ସାଇଡିଂରେ ୧ ଲକ୍ଷ ୩୮ ହଜାର ଟଙ୍କାର ୨ଟି ପିଟୁଜେଡ୍ କ୍ୟାମେରା, ୭୬ ହଜାର ଟଙ୍କାର ୭ଟି ଆଇପି କ୍ୟାମେରା, ୧ ଲକ୍ଷ ୧୦ ହଜାର ଟଙ୍କାର ୮ପୋର୍ଟ ପିଇଓ ସୁଇଚ୍ ୭ଟି ଏବଂ ୩୬ ହଜାର ଟଙ୍କାର ୮ଟି ୟୁପିଏସ୍ ଲାଗିଥିଲା। ଗତକାଲି ରାତିରେ କିଛି ଦୁର୍ବୃତ୍ତ ଏସବୁକୁ ଚୋରାଇ ନେଇଛନ୍ତି। ଏ ସଂପର୍କରେ ଆଜି ଲିଙ୍ଗରାଜ କୋଇଲା ଖଣିର ଡେପୁଟି ମ୍ୟାନେଜର୍ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ୍ ଛାନଭିନ୍ କରିଥିଲା। କୋଇଲା ମାଫିଆ ଖଣିର କେତେକ ସୁରକ୍ଷାକର୍ମୀଙ୍କୁ ହାତକରି କ୍ୟାମେରା ଚୋରି କରିବା ସହ କୋଇଲା ଚୋରି କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ କୋଇଲା ମାଫିଆ, ସୁରକ୍ଷା କର୍ମଚାରୀ ଶୀଘ୍ର ବନ୍ଧାହେବେ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ଗ୍ରୀଷ୍ମକାଳୀନ ଏନ୍‌ସିସି ଶିବିରରେ ଏସଭିଏମରୁ ୧୦ କ୍ୟାଡେଟ୍



**ନାଲକୋ ନଗର, ୨୨।୬(ସମିସ):** ଢେଙ୍କାନାଳ ସିନର୍ଜୀ କଲେଜ କ୍ୟାମ୍ପସଠାରେ ଜାତୀୟ ସମର ଶିକ୍ଷ୍ୟାର୍ଥୀ ବାହିନୀ (ଜୁନିୟର)ର ଗ୍ରୀଷ୍ମକାଳୀନ ଶିବିରରେ ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିରର ଏନସିସି କ୍ୟାଡେଟମାନେ ଯୋଗଦେବାକୁ ଯାତ୍ରା କରିଛନ୍ତି। ବିଦ୍ୟାଳୟର ଏନସିସି ଅଫିସର ଜଗନ୍ନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ କମାଣ୍ଡାଣ୍ଟ ରୁଦ୍ର ନାରାୟଣ ମହାପାତ୍ର, ସତ୍ୟଜିତ ଭୁତିଆଙ୍କ ସମେତ ୧୦ଜଣ ଏନସିସି କ୍ୟାଡେଟ ଯୋଗଦେବେ। ଚଳିତ ମାସ ୨୧ ତାରିଖଠାରୁ ୩୦ ତାରିଖ ଯାଏ ଅନୁଷ୍ଠିତ ଶିବିରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏନସିସି କ୍ୟାଡଟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜାତୀୟ ସଂହତି, ଜାତୀୟ ସୁରକ୍ଷା ସମ୍ପର୍କିତ ତାଲିମ ପ୍ରଦାନ କରାଯିବାକୁ ଏହି ଶିବିରର ମୂଳଲକ୍ଷ୍ୟ ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ। ଏନସିସି କ୍ୟାଡଟମାନଙ୍କର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଯୋଗଦାନକୁ ନେଇ ବିଦ୍ୟାଳୟଅଧକ୍ଷ ଡ଼. ଶତ୍ରୁଘନ ବେହେରା ଶୁଭେଚ୍ଛା ଜଣାଇଛନ୍ତି।






## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଥାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଇଣ୍ଡା , ୨୨।୬(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦୀର୍ଘ ବର୍ଷ ହେବ ବଇଣ୍ଡା ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାରମ୍ବାର ଅଭିଯୋଗ



ପରେ ଅନ୍ୟ ଅଞ୍ଚଳରେ ଥିବା ଫାଣ୍ଡି ଗୁଡିକକୁ ଥାନା ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ପରିଣତ କରାଯାଇଥିବା ବେଳେ ବଇଣ୍ଡାକୁ ସବୁ କ୍ଷେତ୍ରରେ ଅବହେଳା କରାଯାଉଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଫଳରେ ଶୁକ୍ରବାର ବଇଣ୍ଡା ଗ୍ରାମର ଉପ ସଭାପତି ଅରବିନ୍ଦ ସାହୁ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ୨ ଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବଇଣ୍ଡା ଅନୁଗୋଳ ଜିଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ଭାବରେ ପରିଚିତ। ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳ ଭାବରେ ପରିଚିତ ଥିବା ବେଳେ ଏହି ଛକରେ ୫୫ ନମ୍ବର ଜାତୀୟ ରାଜପଥ ସହ ରେଳପଥ ଯାଇଛି। ଯାହା ଫଳରେ ବଇଣ୍ଡା ଅଞ୍ଚଳର ବେଶ ଗୁରୁତ୍ୱ ବୃଦ୍ଧି ପାଇଛି। ଫଳରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବଇଣ୍ଡା ମେଡିକାଲରେ ଆବଶ୍ୟକ ଯନ୍ତ୍ରପାତି କିମ୍ବା ଆବଶ୍ୟକ ବେଡ୍ ନଥିବା ଯୋଗୁଁ ଏହି ଅଞ୍ଚଳର ରୋଗୀମାନେ ୪୫ କିମି ଦୂରରେ ଥିବା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଫଳରେ ଗରିବ ଶ୍ରେଣୀର ଲୋକେ ସଠିକ ସେବା ପାଇପାରୁନାହାନ୍ତି। ବଇଣ୍ଡା ମେଡିକାଲକୁ ପ୍ରାଥମିକରୁ ଗୋଷ୍ଠୀ ସ୍ୱାସ୍ଥ୍ୟରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବରୁ ତା ୧୫/୧୦/୨୦୧୬ ଓ ତା ୧/୦୫/୨୦୨୩ ରେ ରାଜ୍ୟ ସରକାରଙ୍କ ଠାରେ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ବଇଣ୍ଡା ଠାରେ ଥିବା ଫାଣ୍ଡିରେ ଏହି ଅଞ୍ଚଳବାସୀ ସଠିକ ସେବା ପାଇପାରୁନାହାନ୍ତି। ଆବଶ୍ୟକ ପୁଲିସ କର୍ମଚାରୀ ନଥିବା ଯୋଗୁଁ ଲୋକେ ହଣ୍ଡପା ଥାନା ଉପରେ ନିର୍ଭର କରୁଛନ୍ତି। ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ସହ ଆବଶ୍ୟକ କର୍ମଚାରୀ ଯୋଗାଇଦେବା ପାଇଁ ପୂର୍ବରୁ ତା ୦୨/୦୨/୨୦୧୮ ଓ ତା ୨୦/୦୬/୨୦୨୩ ରେ ପୁଲିସ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଅଞ୍ଚଳବାସୀଙ୍କ ଦାବିକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ତୁରନ୍ତ ଏଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ

**ଢେଙ୍କାନାଳ, ୨୨।୬(ସମିସ):** ଢେଙ୍କାନାଳ ଜିଲ୍ଲାର ଇନ୍ଦିପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ବ୍ୟବସାୟୀ ତଥା ସମାଜସେବୀ ଅଜୟ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ପରିଚୟ ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟର ସମ୍ପାଦକ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ତଥା ଅନ୍ୟ ବିଦ୍ୟାଳୟମାନଙ୍କରୁ ମୋଟ୍ ୨୩୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚର୍ଯ୍ୟା, ସେବକ, ସେବିକା, ପରିଚାଳନା ସମିତିର ସଦସ୍ୟ, ଅଭିଭାବକ ଓ ଶୁଭେଚ୍ଛୁ ଏବଂ ମୁଖ୍ୟ ଅତିଥି ମହୋଦୟ ନିଜେ ଶିଶୁଙ୍କ ସହିତ ମିଶି ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ହରିହର ସାହୁ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଆସନ ଓ ପ୍ରାଣାୟାମ ବିଷୟରେ ତାଲିମ ପ୍ରଦାନ କରିବା ସହିତ ଆସନ ଓ ପ୍ରାଣାୟାମର ଉପକାରିତା ସମ୍ବନ୍ଧରେ ଅବଗତ କରାଇଥିଲେ ଏବଂ ଦୈନନ୍ଦିନ ଜୀବନରେ ଯୋଗାଭ୍ୟାସ ପ୍ରତିଦିନ କରିବା ପାଇଁ ସଂକଳ୍ପ ପାଠ କରାଇଥିଲେ।

## ଦେବସ୍ନାନ ପୂର୍ଣ୍ଣିମାରେ ଭଜନ ସଂଧ୍ୟା



**ଢେଙ୍କାନାଳ, ୨୨।୬(ସମିସ):** ଢେଙ୍କାନାଳ ଶ୍ରୀଶ୍ରୀ ସିଦ୍ଧ ବଳରାମ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବଳରାମଜୀଉ ଭଜନ ସଂଧ୍ୟା ପକ୍ଷରୁ ଭଜନ ପରିବେଷଣ ହୋଇଯାଇଛି। ସ୍ଥାନୀୟ କଣ୍ଠଶିଳ୍ପୀମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁମଧୁର ଭଜନ ଓ ଜଣାଣ ଗାନ କରିଥିଲେ। ଭକ୍ତମାନେ ଏହାକୁ ମନଭରି ଶୁଣି ଆନନ୍ଦଲାଭ କରିଥିଲେ। ସୁମଧୁର ଗୀତ 'ଚିଠି ବାସୁଛି ତୁଳସୀ ତୁଳସୀ...', 'ଚକ୍ରରେ ଘୋଡେଇ ରଖିଥିବ ମୋତେ...' ଓ 'ମାକୁ ମାଗିବ ଅଳିକରି...' ପ୍ରଭୃତି ଗୀତ ଆକର୍ଷଣ ଥିଲା। ଭଜନ ସଂଧ୍ୟା ପକ୍ଷରୁ ରଞ୍ଜିତ କୁମାର ହୋତା, ସୁଧୀର ଦାସ, ଉମାଶଙ୍କର ଜେନାମଣି, ବୈକୁଣ୍ଠ ସାହୁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଉତମ ଦାସ, ବିଷ୍ଣୁପ୍ରିୟା ହୋତା, ସଂଯୁକ୍ତା ଦାସ, ଭେନୁ ପାଣି, ସମୀର, ସଞ୍ଜୟ, ପ୍ରତ୍ୟୁଷା, ରଶ୍ମିରଞ୍ଜନ ସାହୁ, ମମତା ଚାନ୍ଦ, ସ୍ମିତାରାଣୀ ନନ୍ଦ, ମାନସ ଓ ସବିତା ଦିଦି ପ୍ରମୁଖ କଳାକାରମାନେ ସୁମଧୁର ସଙ୍ଗୀତ ଗାନ କରିଥିଲେ। ଅର୍ଗାନ ବାଦକରେ ଥିଲେ ଲକ୍ଷ୍ମୀଧର, ତାବଲାରେ ଗିରିଶ ଏବଂ ରବି, ହାର୍ମୋନିୟମ୍‌ରେ ବୈକୁଣ୍ଠ ସାର୍ ଏବଂ ପ୍ୟାଡ୍ରେ ଭେନୁ ପାଣି ସହଯୋଗ କରିଥିଲେ।

## ଢେଙ୍କାନାଳ ମହାବିଦ୍ୟାଳୟରେ ଯୋଗ ଦିବସ



**ଢେଙ୍କାନାଳ,୨୨।୬(ସମିସ):** ସ୍ଥାନୀୟ ଢେଙ୍କାନାଳ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଯୋଗ ଦିବସକୁ ପାଳନ କରିବା ପାଇଁ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ମୁଖ୍ୟ ସଂଯୋଜକ ଡ. ରବର୍ଟ ଉଇଲିୟମ ଭାତ୍ରାଙ୍କ ନେତୃତ୍ୱରେ ଯୋଗଦିବସ ପାଳିତ ହୋଇଥିଲା। ଡ. ଭାତ୍ରା ଆନ୍ତର୍ଜାତିକ ଯୋଗଦିବସର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦିବସରେ ଡ. ବିନୋଦିନୀ ପାତ୍ର ମୁଖ୍ୟ ପ୍ରଶିକ୍ଷିକା ଭାବରେ ଯୋଗଦେଇ ବିଭିନ୍ନ ଯୋଗାଶନ କରାଇଥିଲେ। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ଦେବରାଜ ପରିଡ଼ା, ଡ. ଦେବାଶିଷ ମହାନ୍ତି, ଡ. ଅମୃତ କୁମାର ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଯୁବରେଡକ୍ରସର ଅଫିସର ଡ. ପୁଷ୍ପାଞ୍ଜଳୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇଆଇଏମ୍‌ସିରେ ଚନ୍ଦନଗଛ ଚୋରି ଘଟଣା

# ବନବିଭାଗ ନିରବଦ୍ରଷ୍ଟା; ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ, ୨୨।୬(ସମିସ)**

ଢେଙ୍କାନାଳ ସହରରେ ଥିବା ଭାରତୀୟ ଜନସଞ୍ଚାର ସଂସ୍ଥାନ ବା ଆଇଆଇଏମସିରୁ ଚନ୍ଦନ ଗଛ ଚୋରି ହେବା ଘଟଣାରେ ବିଭାଗୀୟ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରି ନଥିବା ଯୋଗୁଁ ଏଠାରେ ତାଙ୍କ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବନବିଭାଗ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ନାପସନ୍ଦ କରାଯାଇଛି।

ଆଇଆଇଏମସି ଆରମ୍ଭ ହେବା ଦିନଠାରୁ ପରିସରକୁ ସୁନ୍ଦର କରିବାକୁ ଚନ୍ଦନ ଗଛ ସହିତ ଅନ୍ୟାନ୍ୟ ବହୁ ମୂଲ୍ୟବାନ ଗଛ ଲଗାଯାଇଥିଲା। ଏହି କାର୍ଯ୍ୟାଳୟ ପରିସରରେ ୨୪ଘଣ୍ଟିଆ ସୁରକ୍ଷାକର୍ମୀ ନିୟୋଜିତ ରହିଛନ୍ତି। ମାତ୍ର ପରିସରରେ ରହିଥିବା ୨ଟି ଚନ୍ଦନ ଗଛକୁ ଯୋଜନାବଦ୍ଧ ଭାବେ କାଟି ଗାଏବ କରିଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସଂସ୍ଥାନର ଆଡମିନିଷ୍ଟ୍ରେଟିଭ ବ୍ଲକ ଓ ଅଡିଓ ଭିଡିଓ ବ୍ଲକ ମଝିରେ ଥିବା ଏକ ୧୨ ବର୍ଷର ଚନ୍ଦନ ଗଛ ମୁଖ୍ୟ ଫାଟକ ତଥା ସୁରକ୍ଷାକର୍ମୀଙ୍କ ଗୃହ ନିକଟରେ ଥିବା ଚନ୍ଦନ ଗଛ କଟାଯାଇଛି। ଆଉଟସୋର୍ସିଂ କର୍ମଚାରୀଙ୍କୁ ଲଗାଇ ଗଛ କଟାଯାଇଥିବା ଅଲୋଚନା ହେଉଛି। ପ୍ରଥମେ ଅଡିଓ- ଭିଡିଓ ବ୍ଲକ ନିକଟରେ ଥିବା ଗଛକୁ କାଟିଥିଲେ। ଏହାର ଦୁଇଦିନ ପରେ ମୁଖ୍ୟ ଫାଟକ ନିକଟରେ ଥିବା ଅନ୍ୟ ଏକ ଗଛକୁ ସମାନ ଭାବରେ କାଟି ନେଇଥିବା ଅଭିଯୋଗ ହୋଇଛି। ଚନ୍ଦନ ଗଛ ଭଳି ଦୁଇଟି ମୂଲ୍ୟବାନ ଗଣ୍ଡିକୁ ୩ ଜଣ କର୍ମଚାରୀ ଭାଗବାଣ୍ଟି ନେଇ ଯାଇଥିବା




ବେଳେ ମୁହଁ ବନ୍ଦ କରିବାକୁ ଅନ୍ୟ କର୍ମଚାରୀଙ୍କୁ ଡାଳଗୁଡିକୁ ଦିଆଯାଇଛି। ଏପରିକି ଛାତ୍ରାବାସ ସମ୍ମୁଖରେ ଥିବା ଏକ ମୋଟା ଶାଗୁଆନ ଗଛ କାଟିବାକୁ ମଧ୍ୟ ଯୋଜନା ଚଳାଇଥିଲେ। ସମ୍ପୃକ୍ତ କର୍ମଚାରୀ ପୂର୍ବରୁ ଆଇଆଇଏମସିର ଅନେକ ସାମଗ୍ରୀ ଘରକୁ ନେଇଯିବା ପରେ ଧରାପଡ଼ି ପୁଣି ଅପଦସ୍ତ ହୋଇ ଆଣି ଫେରାଇବାର ନଜିର ରହିଛି। ସବୁ ଘଟଣା କର୍ତ୍ତୃପକ୍ଷଙ୍କ ଜାଣତରେ ହେଉଥିଲେ ମଧ୍ୟ ନିରବ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆଡମିନିଷ୍ଟ୍ରେଟିଭ ଆଣ୍ଡ ଫାଇନାନ୍ସ ଦାୟିତ୍ୱରେ ଥିବା ଜିସି ଦାଶଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଆଇଆଇଏମସି ଦିଲ୍ଲୀ ମୁଖ୍ୟ ଶାଖାକୁ ଅବଗତ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ ରିପୋର୍ଟ ଅନୁସାରେ ପଦକ୍ଷେପ ନେବେ ବୋଲି ଶ୍ରୀ ଦାଶ କହିଛନ୍ତି। ଗଛ କାଟିବା ପୂର୍ବରୁ ବନବିଭାଗର କୌଣସି ଅନୁମତି ନିଆ ନଯାଇ କାଟାଯାଇଥିବା ବେଳେ ଗଛ କାଟିବା ପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିଲାମ କରାଯିବା ବ୍ୟବସ୍ଥା ରହିବା କଥା। ବନବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ଗଛ କାଟିବା ଏକ ଜଘନ୍ୟ ଅପରାଧ ହୋଇଥିବା ବେଳେ ବନବିଭାଗ ଏପର୍ଯ୍ୟନ୍ତ ଚୁପ ବସିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ନିଜଆଡୁ ଏହାର ତଦନ୍ତ କରିବା ଉଚିତ ବୋଲି ପରିବେଶବିତ୍ ଓ ବୃଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଆଇଆଇଏମସି ମହାନିର୍ଦ୍ଦେଶକ ଏଡିଜି ଡ.ନୀତୀଶ ରସ୍ତୋଗୀ ଜିଲ୍ଲା ଗସ୍ତରେ ଆସି ପରିସରରୁ ଚନ୍ଦନ ଗଛ ଗାଏବ ହେବା ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଗଛର ଗଣ୍ଡି ଅଧିକାରୀଙ୍କ ଭାଗରେ ପଡ଼ିଥିବା ବେଳେ ଡାଳ ତଳିଆ କର୍ମଚାରୀମାନେ ନେଇଯାଇଛନ୍ତି। ଘଟଣାକୁ ଲୁଚାଇବା ପାଇଁ ସେଠାରେ ଥିବା ସାଣ୍ଡାଲଉଡ୍ ଲେଖାଥିବା ଫଳକକୁ ବି ଭାଙ୍ଗି ଦେଇଛନ୍ତି। ଦୀର୍ଘଦିନ ହେବ ଜଣେ କର୍ମଚାରୀ ଏଠାରେ ନିଜର କାୟା ବିସ୍ତାର କରି ଆଧିପତ୍ୟ ଜାହିର କରୁଥିବା ବେଳେ ଏଭଳି ମନୋମୁଖୀ କାର୍ଯ୍ୟ କରିବାରେ ଲିପ୍ତ ରହିଛନ୍ତି। ସେହିପରି ସାଧାରଣ ଗଛଟିଏ କଟିଲେ ବନବିଭାଗ ସାଧାରଣ ଲୋକଙ୍କ ନାମରେ ମାମଲା ରୁଜ୍ଜୁ କରି ଜେଲ ହାଜତ ପଠାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଏକ ପ୍ରମୁଖ ଅନୁଷ୍ଠାନରୁ ଚନ୍ଦନ ଗଛ କାଟିନେଲେ ମଧ୍ୟ ବନବିଭାଗ ନିରବ ରହିବା ନେଇ ସମାଲୋଚନା କରାଯାଇଛି। ଏପରିକି ବନବିଭାଗ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଲାସୁତରା ହୋଇଥିବାରୁ ମାମଲା ରୁଜ୍ଜୁ କରିବାକୁ ବନବିଭାଗ କୁଣ୍ଠକୁଣ୍ଠ ହେଉଥିବା ଜଣାପଡ଼ିଛି। ଏହି ଗଛ କାଟିବା ଘଟଣା ଢେଙ୍କାନାଳରୁ ଦିଲ୍ଲୀ ପର୍ଯ୍ୟନ୍ତ ଆଲୋଚନା ହେଉଥିବା ବେଳେ ବନବିଭାଗ ଏବଂ ପୁଲିସ କିପରି ଜାଣିପାରୁ ନାହାନ୍ତି, ତାକୁ ନେଇ ବିସ୍ମୟ ସୃଷ୍ଟି ହୋଇଛି।

# ସ୍ନାନବେଦୀରେ ମହାପ୍ରଭୁଙ୍କ ଗଜାନନ ବେଶ

**ହିନ୍ଦୋଳ, ୨୨।୬(ସମିସ)**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ନୀଳାଦ୍ରି ବିହାରସ୍ଥିତ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ସୁବାସିତ ଜଳରେ ବୈଦିକ ନୀତିରେ ସ୍ନାନ କରାଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ



ମଙ୍ଗଳାର୍ପଣ, ସୂର୍ଯ୍ୟପୂଜା, ଗୋ-ପୂଜା କରାଯାଇ ସ୍ନାନ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ଦେବୀ ସୁଭଦ୍ରାଙ୍କୁ ୨୨ ଗରା ଓ ଶ୍ରୀସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହାପରେ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗଜାନନ ବେଶ କରାଯାଇଥିଲା। ପ୍ରଭୁଙ୍କର ଏହି ଦିବ୍ୟ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗିଥିଲା। ସ୍ଥାନୀୟ ସାନହିନ୍ଦୋଳ ଓ ଖଜୁରିଆ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଏହି ଉତ୍ସବର ସଫଳତା ନିମନ୍ତେ ମନ୍ଦିର ପରିଚାଳନା କମିଟିର ସଭ୍ୟ ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରଦ୍ୟୁତ କୁମାର ପତି, ମଙ୍ଗରାଜ ପ୍ରଧାନ, ବାବୁରାମ ନାହାକ, ସୁରେଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ, ବିଭୂତି ଭୂଷଣ ସାହୁ, ଡ଼.ପଣ୍ଡିତ କର, ଭଗବାନ ସାହୁ, ବିମଳ ପ୍ରଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

**ଯୋରନ୍ଦା :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକସ୍ଥିତ ଦଧିସିଙ୍ଗା ଜଗନ୍ନାଥ ମନ୍ଦିର ଠାରେ ସ୍ନାନଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟା ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା କରାଯାଇ ୧ କିମି ଦୂର ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଛେରା



ପହଁରା କରାଯାଇ ସ୍ନାନବେଦୀକୁ ନିଆଯାଇଥିଲା। ଗ୍ରାମ ଉପସଭାପତି ମାୟାଧର ମହାନ୍ତି ଛେରାପହଁରା କରିଥିଲେ। ସ୍ନାନଯାତ୍ରାରେ ଗ୍ରାମବାସୀ ସାମିଲ ହୋଇ ହରିବୋଲ ହୁଳହୁଳି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ପ୍ରଭୁ ସୁଦର୍ଶନ, ପ୍ରଭୁ ବଳଭଦ୍ର, ଭଗିନୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରି ନିଆଯାଇଥିଲେ। ଶ୍ରୀମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉମାନଙ୍କ ୧୦୮ ଗରା ସୁଶୋଭିତ ପାଣିରେ ସ୍ନାନ କରାଯାଇଥିଲା। ପୂଜକ ପଣ୍ଡିତ ଶର୍ମାଶ୍ରୀ ତ୍ରିଲୋଚନ ଦାସ, ପ୍ରଦୀପ ପଣ୍ଡା ପୂଜାନୀତି ପରିଚାଳନା କରିଥିଲେ। ଗ୍ରାମ ସମ୍ପାଦକ ଶ୍ରୀବତ୍ସ ମହାନ୍ତି, ସୁଦର୍ଶନ ବେହେରା, ରାକେଶ ମହାନ୍ତି, ରବି ବାରିକ, ମଳୟ ମହାନ୍ତି, ଶ୍ରୀବତ୍ସ ପରିଡ଼ା, ମାୟାଧର ନାୟକ, ବିଦ୍ୟାଧର ମହାନ୍ତି, ଶ୍ରୀକାନ୍ତ ମଲ୍ଲିକ, ଉତ୍ସବ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମର ରାଧାକୃଷ୍ଣଜୀଉ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଓ ଶ୍ରୀରାମ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ସହରରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସହରର ଜଗନ୍ନାଥମନ୍ଦିର ଠାରେ ରୀତିନୀତି ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହେବା ପରେ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇ ସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ପଣ୍ଡିତ ସତୀଶ ପ୍ରସାଦ



ଆଚାର୍ଯ୍ୟଙ୍କ ପୌରୋହିତ୍ୟ ରେ କାମାକ୍ଷାନଗର ଗଜପତି ସୁବ୍ରତ କୁମାର ତ୍ରିପାଠୀ, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ପଣ୍ଡିତ ଶ୍ରୁତିପଦ ନନ୍ଦ, ହିମାଂଶୁ ଶେଖର ମହାପାତ୍ର, ସଞ୍ଜୟ ମିଶ୍ର, ଅଜିତ ଦାଶ, ପ୍ରିୟବ୍ରତ ପଣ୍ଡା, ପ୍ରତ୍ୟୁଷ ମିଶ୍ର, ଗୁଡୁ ମିଶ୍ର, ଶ୍ୟାମ ସୁନ୍ଦର ସାହୁ, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ସେବାକାର୍ଯ୍ୟ କରିଥିଲେ। ସେହିପରି ସହରର ଆଳତୁମା ଗ୍ରାମରେ ଥିବା ବହୁ ପୁରାତନ ଦଧିବାମନ ଜୀଉଙ୍କ ମନ୍ଦିରରେ ମଧ୍ୟ ଯଥା ନୀତି ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଜିରିଡ଼ାମାଳି ସ୍ଥିତ ରଘୁନାଥ ଜୀଉ ମନ୍ଦିରରେ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି।

**ଢେଙ୍କାନାଳ:** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଜିଉ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମଙ୍ଗଳାର୍ପଣ ପୂଜା ପରେ ବଳରାମ, ସୁଭଦ୍ରା, କୃଷ୍ଣ ଓ ଜଗନ୍ନାଥଙ୍କୁ ସ୍ନାନ ବେଦିରେ ବିଜେ କରାଯାଇଥିଲା। ସେଠାରେ ମନ୍ତ୍ର, ପୂଜା ଅର୍ଚ୍ଚନା, ପାଞ୍ଚାମୃତ ପରେ



ସ୍ନାନ ବେଦୀରେ ଶୁଦ୍ଧ ଜଳରେ ସ୍ନାନ କରାଯାଇଥିଲା। ପରେ ନୂତନ ବସ୍ତ୍ର ତୁଳସୀ ହାର ଫୁଲହାର ଲାଗି କରାଯାଇଥିଲା। ଠାକୁରଙ୍କୁ ଚନ୍ଦନ ବେଶ କରାଯାଇଥିଲା। ବଳରାମ, ସୁଭଦ୍ରା, କୃଷ୍ଣଙ୍କୁ ସୁନାବେଶ ଓ ଜଗନ୍ନାଥଙ୍କୁ ରୂପା ବେଶ କରାଯାଇଥିଲା। ସକାଳ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ସମୟରେ ଫଳମୂଳ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ପୂର୍ବରୁ ସନ୍ଧ୍ୟା ଆଳତି କରାଯାଇ ଖେଚୁଡ଼ି, ଅନ୍ନ, ଡାଲମା ପୁରି ଭୋଗ ଲାଗି କରାଯିବ। ରାତ୍ରରେ ଠାକୁରଙ୍କୁ ଅଣସର ପିଣ୍ଡକୁ ସ୍ଥାନନ୍ତର କରାଯାଇଛି। ସେହିପରି ମୀନା ବଜାର ସ୍ଥିତ ଦଧିବାମନ ଜୀଉ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳିତ ହୋଇଯାଇଛି। ବୃନ୍ଦାବନପୁର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଆଞ୍ଚଳିକ ରଥଯାତ୍ରା ସମନ୍ୱୟ କମିଟି ତରଫରୁ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

**ଭୁବନ:** ଭୁବନ ଜଗନ୍ନାଥ ମଣ୍ଡପ ଠାରେ ଥିବା ଜଗନ୍ନାଥ ମନ୍ଦିରରେ ରୀତିନୀତି ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ ହେବା ପରେ ପହଣ୍ଡି କରାଯାଇ ସ୍ନାନବେଦୀକୁ ଅଣାଯାଇ ସ୍ନାନ କରାଯାଇଛି। ପଣ୍ଡିତ ତୁଷାରକାନ୍ତି ମିଶ୍ରଙ୍କ ପୌରୋହିତ୍ୟରେ ଭୁବନର



ଗଜପତି ରାମଚନ୍ଦ୍ର ରାଉତ, ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ତଥା ନଗରପାଳ ଶୁଭେନ୍ଦୁ ସାହୁ, ସମ୍ପାଦକ ନିରଞ୍ଜନ ଗୁରୁ, କୋଷାଧ୍ୟକ୍ଷ ପ୍ରଭାସ ସେନାପତି, ଉପଦେଷ୍ଟା ଗୋପୀନାଥ ମାହାନ୍ତି, ପୂର୍ଣ୍ଣନନ୍ଦ୍ର ମିଶ୍ର, ଜ୍ଞାନରଞ୍ଜନ ମିଶ୍ର ଭୁବନରେ ଘଣ୍ଟିଆ ମଣ୍ଡଳୀଙ୍କ ପ୍ରମୁଖ ସେବାକାର୍ଯ୍ୟ କରିଥିଲେ। ସେହିପରି ବାଲିବୋ ଗ୍ରାମ ମନ୍ଦିରରେ ମଧ୍ୟ ଯଥା ନୀତି ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଛି। ପଣ୍ଡିତ କପତରୁ ମିଶ୍ରଙ୍କ ପୌରୋହିତ୍ୟରେ ସେବାକାର୍ଯ ହୋଇଥିଲା ସଭାପତି ଶିଶିର କୁମାର ଦାସ, ସମ୍ପାଦକ ଯୋଗୀ ବରାଳ, ପ୍ରକାଶ ବରାଳ, ଗୋକୁଳ ବାରିକ, ମଳୟ ତ୍ରିପାଠୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ନୀଳକଣ୍ଠପୁର ଗ୍ରାମ ମନ୍ଦିରରେ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ଭୁବନ ବ୍ଲକ ମଠକରଗୋଲା ପଞ୍ଚାୟତର ବାଲିସାହିରେ ଥିବା ଜଗନ୍ନାଥ ମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

**ଗଁଦିଆ:** ଗଁଦିଆ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଧାର୍ମିକ ପୀଠ ଦେଓଗାଁଠାରେ ପୂଜାପାଉଥିବା ମହାପ୍ରଭୁ ବଳଦେବଜୀଉଙ୍କ ସ୍ନାନଯାତ୍ରା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ପ୍ରଥମେ ଠାକୁରଙ୍କୁ ଅପରାହ୍ନରେ ବଳଦେବଜୀଉ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ପୂଜାପଣ୍ଡା ଓ ସେବକମାନଙ୍କ ଦ୍ୱାରା ହରିବୋଲ ହୁଳହୁଳି ଘଣ୍ଟଖୋଳ ମାଦଳ ବାଦ୍ୟରେ ପହଣ୍ଡିରେ



ଠାକୁରଙ୍କୁ ଅଣାଯାଇ ସ୍ନାନ ମଣ୍ଡପରେ ସେବକଙ୍କ ଦ୍ୱାରା ୧୦୮ ଗରାପାଣିରେ ଠାକୁରଙ୍କୁ ଗାଧୋଇଦେଇ ସ୍ନାନମଣ୍ଡପକୁ ସୁନ୍ଦର ଭାବରେ ସଜ୍ଜିତ କରାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଜନସାଧରଣ ଓ ଭକ୍ତମାନଙ୍କୁ ଦର୍ଶନ ଦେବା ନିମନ୍ତେ ସ୍ନାନମଣ୍ଡପରେ ବିଜେ କରାଯାଇଛି। ଏହାପରେ ମଧ୍ୟ ରାତ୍ରିରୁ ପ୍ରଭୁ ବଳଦେବ ଅଣସର ଗୃହକୁ ପ୍ରବେଶ କରିଛନ୍ତି।

### ହିନ୍ଦୋଳ ଉପଖଣ୍ଡରେ ସମନ୍ୱିତ ଶିଶୁବିକାଶ ବିଭାଗ ଦିଗହରା

# ୧୪ ବର୍ଷ ହେବ ଦୁଇ ଗୋଷ୍ଠୀ ହାତରେ ଛତୁଆ, ପୋଷାକ ଯୋଗାଣ ଦାୟିତ୍ୱ

**ହିନ୍ଦୋଳ, ୨୨।୬(ସମିସ):** ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ତଦନ୍ତ ବାଟବଣା। ଅନେକ କ୍ଷେତ୍ରରେ ଖୋଦ ରକ୍ଷକ ଏଠି ଭକ୍ଷକ ସାଜୁଛି, ଯାହାକୁ ନେଇ ବି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଦୁର୍ନୀତିକୁ ରୋକିବା ପରିବର୍ତ୍ତେ ପ୍ରଶ୍ରୟ ଦେଉଥିବା ଦେଖିବାକୁ ମିଳୁଛି। ଦୀର୍ଘ ବର୍ଷ ପରେ ହିନ୍ଦୋଳ ବ୍ଲକରେ ନୂତନ ଗୋଷ୍ଠୀଙ୍କୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯାଇପାରେ ବୋଲି ଆଲୋଚନା ଜୋର ଧରିଛି। ଏଭଳି ମହାଦୁର୍ନୀତିର ପାହାଡ଼ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ କାର୍ଯ୍ୟରତ ସମନ୍ୱିତ ଶିଶୁବିକାଶ ବିଭାଗରେ। ସରକାର ପ୍ରତ୍ୟେକ ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ପ୍ରଣୟନ କରିଥିବା ଜନମଙ୍ଗଳ ଯୋଜନାରେ ସୁଷମ ଖାଦ୍ୟ ବଦଳରେ ଜହର ବାଣ୍ଟୁଥିବା କାରଣରୁ ଏହାର ସଫଳତା ହିତାଧିକାରୀମାନେ ପାଇପାରୁନାହାନ୍ତି। ଉପଖଣ୍ଡରେ ୩୫ ଟି ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ନେଇ ହିନ୍ଦୋଳ ଉପଖଣ୍ଡ ଗଠନ ହୋଇଥିବା ବେଳେ ଉପଖଣ୍ଡରେ ୪୭୩ ଟି ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଉଛି। ଏଠାରେ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରାରେ ଗର୍ଭବତୀ, ପ୍ରସୂତି ଓ କୋମଳମତି ଶିଶୁମନଙ୍କ ସମସ୍ୟାକୁ ସମାଧାନ କରାଯାଉନାହିଁ। ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ପାଇଁ ବିଭାଗ କାର୍ଯ୍ୟକରିବା ନିୟମ ଥିବାବେଳେ ସମସ୍ତଙ୍କୁ କୁପୋଷଣ ତଥା ପୃଷ୍ଟିହୀନତାକୁ ଦୂରେଇ ରଖିବାକୁ ବିଭାଗ ପକ୍ଷରୁ ପୃଷ୍ଟିକର ଖାଦ୍ୟ ଯୋଗାଇଦେବା ପାଇଁ ନିୟମ ରହିଛି। ଅଙ୍ଗନବାଡ଼ି କେନ୍ଦ୍ର ସାହାର୍ଯ୍ୟରେ ଅଣ୍ଡା, ଛତୁଆ, ପୋଷାକ, ଜୋତା ଆଦି ଯୋଗେଇ ଦେବାପାଇଁ ସରକାଙ୍କ ନିୟମ ରହିଛି। ମାତ୍ର ବିଭାଗୀୟ




ଅଧିକାରୀଙ୍କ ଲୋଭଖୋର ମନୋବୃତ୍ତି ପାଇଁ ଏହାର ସୁବିଧା ଉପଖଣ୍ଡର ଜନସାଧାରଣ ପାଇପାରୁ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରିକି ଗର୍ଭବତୀ, ପ୍ରସୂତି ଓ କୋମଳମତି ଶିଶୁମାନଙ୍କୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର। ଯାହାକୁ ଜନସାଧାରଣ ବ୍ୟବହାର ଅନୁପଯୁକ୍ତ ଭାବି ଗୋରୁ କୁଣ୍ଡରେ ଢାଳୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିୟମ ଅନୁଯାୟୀ ଗର୍ଭବତୀ ଓ ପ୍ରସୂତିଙ୍କୁ ଯେତିକି ଅଣ୍ଡା ଯୋଗାଇବା କଥା, ତାଠାରୁ ଯଥେଷ୍ଟ କମ ଅଣ୍ଡା ଯୋଗାଇ ଦିଆଯାଉଛି। ଏଣୁ ଏହାର ସୁଫଳ ଜନସାଧାରଣ ପାଇପାରୁ ନଥିବା ଦେଖିବାକୁ ମିଳୁଛି। ନିମ୍ନମାନର ଛତୁଆ ପ୍ରସ୍ତୁତି କରି ବିତରଣ କରାଯାଉଥିବା ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ଆଜକୁ ୧୪ ବର୍ଷ ହେବ କେବଳ ନିର୍ଦ୍ଦିଷ୍ଟ ୨ଟି ଗୋଷ୍ଠୀଙ୍କୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯିବା ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ବଦଳରେ ପୁରସ୍କାର ସ୍ୱରୂପ କେବଳ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଖରେ ବନ୍ଧା ପଡ଼ିଛି ସରକାରୀ ବିଭାଗ ବୋଲି ସବୁଠି ଚର୍ଚ୍ଚା ଜୋରଧରିଛି। ଗତବର୍ଷ ଛତୁଆ ଅତ୍ୟନ୍ତ ନିମ୍ନମାନର ଓ ପୋଷାକ ଜୋତା ବଣ୍ଟନରେ ହିନ୍ଦୋଳ ଉପଖଣ୍ଡରେ ବ୍ୟାପକ ଦୁର୍ନୀତି ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଇବା ପରେ ରାତି ଅଧିଆ ବିଭାଗୀୟ ଅଧିକାରିଣୀଙ୍କୁ ବଦଳି କରାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ଦୁଇଟି ଗୋଷ୍ଠୀ ବିରୁଦ୍ଧରେ କୌଣସି କାର୍ଯାନୁଷ୍ଠାନ ନିଆ ନଯାଇ ପୁରସ୍କାର ସ୍ୱରୂପ ପୁନର୍ବାର ବ୍ଲକର ଛତୁଆ, ପୋଷାକ ବଣ୍ଟନର ଦାୟିତ୍ୱ ଦିଆଯାଇଛି। ସେହିଦିନଠାରୁ ମଧ୍ୟ ଉପଖଣ୍ଡ ବିଭିନ୍ନ କେନ୍ଦ୍ରରେ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହୋଇଆସୁଛି। କିଛି ମାସ ପୂର୍ବରୁ ହିନ୍ଦୋଳ ବ୍ଲକରେ ହୋଇଥିବା ଦୁଇଟି ସମିତି ବୈଠକରେ ଛତୁଆ ନିମ୍ନମାନର ଦିଆଯାଉଛି ଓ ପୋଷାକ ବଣ୍ଟନରେ ଅନିୟମିତତା ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅଭିଯୋଗ କରାଯାଇଛି। ଗତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ଉପଖଣ୍ଡରେ ନିମ୍ନମାନର ଛତୁଆ ବଣ୍ଟନ ହେଉଥିବା ଏବଂ ୨ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଦୀର୍ଘ ଦିନ ହେବ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯାଉଥିବା ନେଇ ଜିଲ୍ଲା ପରିଷଦମାନେ ଅଭିଯୋଗ କରିଥିଲେ। ମାତ୍ର ଉପଖଣ୍ଡର ଛତୁଆ ଯୋଗାଣ ଦୁର୍ନୀତିରେ କିଛି ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଜିଲ୍ଲାପାଳ ଏହାକୁ ସ୍ୱତନ୍ତ୍ର ଧ୍ୟାନଦେଇ ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଦାବି ହୋଇଛି। ନୂତନ ଭାବେ ହୋଇଥିବା ସରକାର ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ନେବା ସହିତ ନୂତନ ଗୋଷ୍ଠୀଙ୍କୁ ବଣ୍ଟନ ଦାୟିତ୍ୱ ଦେବା ପାଇଁ ଉପଖଣ୍ଡର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କୂଅରୁ ୨ ମହିଳା ଉଦ୍ଧାର

**ଢେଙ୍କାନାଳ, ୨୨।୬(ସମିସ):** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଖମାର ସାହିରେ ଜନୈକ ବୃଦ୍ଧା ୩୦ ଫୁଟ ଗଭୀର କୂଅରେ ଖସିପଡ଼ିଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ଖମାର ସାହି ଏଲଆଇସି କଲୋନୀର କୁଳମଣି ନାଏକଙ୍କ ପତ୍ନୀ କାଳିବାଳା ନାଏକ(୭୦) ଅସାବଧାନତା ବଶତଃ କୂଅରେ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେହିପରି ସଦର ବ୍ଲକ ଅନ୍ତର୍ଗତ ତାଳବରକୋଟ ଗ୍ରାମର ସୁଶାନ୍ତ ରାଉତଙ୍କ ପତ୍ନୀ ଗୀତାଞ୍ଜଳି ରାଉତ(୨୪) କୌଣସି କାରଣରୁ କୂଅରେ ଖସିପଡ଼ିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି।

### ● ଝାରବନ୍ଧ ଗ୍ରାମ ପୋଖରୀରେ ମଲା ମାଛ

## ସନ୍ଦେହରେ ରୁଙ୍ଗଟା ମାଇନ୍ସ ବିଷାକ୍ତ ଧୂଆଁ

**ହିନ୍ଦୋଳ,୨୨।୬(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ନିକଟରେ ଗଢ଼ି ଉଠିଥିବା ରୁଙ୍ଗଟା ଇସ୍ପାତ କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଯୋଗୁ ଗଛ ପତ୍ର ଆଦିରେ ଏକ କଳା ଗୁଣ୍ଡର ଆବରଣ ପଡୁଥିବା ବେଳେ ପୋଖରୀ ପାଣିର ରଙ୍ଗ ବଦଳେଇ ଦେଉଛି। ଏହି କାରଣରୁ ହୁଏତ ଜଳ ପ୍ରଦୂଷିତ ହୋଇ



ମାଛ ମରିବାର କାରଣ ହୋଇଥାଇ ପାରେ ବୋଲି ସାଧାରଣରେ ସନ୍ଦେହ ଘନିଭୂତ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ଏହି ପ୍ରକାର ପ୍ରଦୂଷିତ ଜଳର ପ୍ରକୃତ କାରଣ ଖୋଜିବାକୁ ସାଧାରଣରେ ଦାବି ହୋଇଛି। ଆଗାମୀ ଦିନରେ ଏହି ସମସ୍ୟା ଗୃହପାଳିତ ପଶୁ ଓ ମଣିଷଙ୍କ ଉପରେ ବଡ଼ ସଙ୍କଟ ଆଣି ଦେବ ବୋଲି କୁହାଯାଉଛି।

# କଂସାରୀପାଟିଆରୁ ଚାଲିଛି ବେଧଡ଼କ ମାଟି ଚୋରି

**ପାରାଦୀପ,୨୨।୬(ସମିସ):** ଉଜୁଡିବାକୁ ବସିଛି ପାରାଦୀପର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କଂସାରୀପାଟିଆ। ବାଲି, ପାଣି ସହିତ ମାଟି ଲୁଟିନେଉଛନ୍ତି ମାଫିଆ। ବାଲି ଓ କାଠ ମାଫିଆଙ୍କ କବଳରେ କବଳିତ ହୋଇ କଂସାରୀପାଟିଆ

- ଅଭିଯୋଗ ପରେ ଜିଲ୍ଲା ମାଇନିଂ ଅଧିକାରୀଙ୍କ ଅଞ୍ଚଳ ପରିଦର୍ଶନ
- 'ପୂର୍ବପୁରୁଷର ଘେରି ପୋତି ହୋଇଥିବାରୁ ଖୋଳୁଛୁ'





ତାର ଅସ୍ତିତ୍ୱ ହରାଇବାକୁ ଯାଉଛି। ୧୯୯୯ ମହାବାତ୍ୟାରେ ଅନେକ ଧନ, ଜୀବନ ବଞ୍ଚାଇଥିବା କଂସାରୀପାଟିଆର ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ଲୋପ ପାଇଯିବାକୁ ବସିଥିବାବେଳେ କିଛି ଅସାଧୁ ମାଟି ବେପାରୀ ଘେରି ଖୋଳିବା ଆଳରେ ଖୁଲମଖୁଲା ମାଟି ବେପାର କରୁଥିବାବେଳେ ଏହାକୁ ନେଇ ବିରୋଧ କରୁଛନ୍ତି ଢ଼ିଙ୍କିଆ ଗ୍ରାମବାସୀ। ପ୍ରାକୃତିକ ରୀତିରାଜିରେ ପରିପୂର୍ଣ୍ଣ କଂସାରୀପାଟିଆ ଆଜି ବିପଦରେ। ଦିନରାତି କିଛି ଅସାଧୁ ବ୍ୟବସାୟୀ ମିଛ କାଗଜପତ୍ର ଦେଖାଇ ଅବାଧରେ ଘେରି ଖୋଳିବା ଆଳରେ ଚଳାଇଛନ୍ତି ବେଆଇନ ଭାବରେ ମାଟି, ବାଲି ଚୋରାଚାଲାଣ। ଯାହାକୁ ନେଇ ନିକଟରେ ରହିଥିବା ଢ଼ିଙ୍କିଆ ପଞ୍ଚାୟତବାସୀ ବିରୋଧ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଦପ୍ତରକୁ ଅଭିଯୋଗ ପଠାଇବା ସଙ୍ଗେ ସଙ୍ଗେ ଗଣମାଧ୍ୟମରେ ନିଜର ଅଭିଯୋଗ ଆଣିଛନ୍ତି।

୧୯୯୯ ମହାବାତ୍ୟା ସମୟରେ ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବା ସହିତ ଢ଼ିଙ୍କିଆ ଗ୍ରାମ ନିକଟରେ କୂଳ ଖାଇ ଗ୍ରାମ ଜଙ୍ଗଲ ଆଜି ଧ୍ୱଂସ ହେବାକୁ ବସିଛି। କିନ୍ତୁ ଦୁଃଖର ବିଷୟ ଗୋଟିଏ ପଟେ ସମୁଦ୍ର କୂଳ ଲଘୁଥିବା ବେଳେ କିଛି ଅସାଧୁ ଲାଭଖୋର ବ୍ୟବସାୟୀ ସିଆରଜେଡ ଉଲଙ୍ଘନ କରି ଖୁଲମଖୁଲା ମାଟି ବାଲି ଚୋରିକରି ବ୍ୟବସାୟ ଚଳାଇଛନ୍ତି। ସବୁ ଜାଣି ସ୍ଥାନୀୟ ପ୍ରଶାସନ ନିଦାବିଷ୍ଟ ପାଲଟିଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ବିଭିନ୍ନ ବିଭାଗକୁ ଏମାନେ ଅଭିଯୋଗ କରିଥିଲେ ମଧ୍ୟ ଏହାର କିଛି ସୁଫଳ ମିଳିନାହିଁ। ଅସାଧୁ ବ୍ୟବସାୟୀମାନେ ନିଜର କଳାବଜାର ଜାରି ରଖିଥିବା ବେଳେ କାହା ଇସାରାରେ ପ୍ରଶାସନ ନୀରବଦ୍ରଷ୍ଟା ପାଲଟିଛି ଏ ନେଇ ପ୍ରଶ୍ନ କରିଛନ୍ତି ଢ଼ିଙ୍କିଆ ଗ୍ରାମବାସୀ। ଢ଼ିଙ୍କିଆ ଗ୍ରାମବାସୀଙ୍କ ଅଭିଯୋଗ ପରେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଛନ୍ତି ଜଗତସିଂହପୁର ମାଇନିଂ ବିଭାଗ ଅଧିକାରୀ। ସ୍ଥିତି ପରଖିବା ପରେ ଏହା ସିଆରଜେଡ ଅଞ୍ଚଳ ଏଠି ମାଟି, ବାଲି ଉଠାଣ ମନା ବୋଲି କହିବା ସହିତ ଆମେ ଅଭିଯୋଗ ପାଇବା ପରେ ଆସିଥିଲୁ। ଏହା ବେଆଇନ କାର୍ଯ୍ୟ ବୋଲି କହିବା ସହିତ ଏହାର ତଦନ୍ତ କରାଯିବ ଏବଂ ଏହି ଅଞ୍ଚଳ ଜଙ୍ଗଲ ବିଭାଗ ଅଧୀନରେ ଥିବାରୁ ଆମେ ଜଙ୍ଗଲ ବିଭାଗ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି ମାଇନିଂ ଅଧିକାରୀ।

ତେବେ ବାଲି ଓ ମାଟି ଉଠାଉଥିବା ବ୍ୟବସାୟୀ ଜଣକ ଏ ନେଇ ଭିନ୍ନ ମତ ରଖିଛନ୍ତି। ଢ଼ିଙ୍କିଆ ଗ୍ରାମର କିଛି ବ୍ୟକ୍ତି ମୋତେ ଓ ଆମ ଘେରିର ଲୋକମାନଙ୍କୁ ଦାଦାବଟି ମାଗିବା ସହିତ ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେଉଛନ୍ତି। ମୁଁ ଟଙ୍କା ନଦେବାରୁ ମିଛରେ ଅଭିଯୋଗ କରିଛନ୍ତି। ରାଜାରାଜୁଡା ଅମଳରୁ ଏହି ଘେରିକୁ ଆମ ପୂର୍ବପୁରୁଷ ମାଛ ଧରି ପରିବାର ପ୍ରତିପୋଷଣ କରୁଥିଲେ। ଆମ ପୂର୍ବ ପୁରୁଷର ଘେରି ପୋତି ହୋଇଯିବା ଫଳରେ ଆମେ ଘେରି ଖନନ କରୁଛୁ ଆମର ପାରମ୍ପରିକ ମାଛ ବ୍ୟବସାୟ ପାଇଁ। ମାଟି ବିକ୍ରି କରିବା କଥା ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି ଘେରିର ସଦସ୍ୟ ବିଜୟ ରାଉତ। ମାଟି ଚୋରାଚାଲାଣକୁ ନେଇ ଗୋଟିଏ ପଟେ ଢ଼ିଙ୍କିଆ ଗ୍ରାମବାସୀଙ୍କ ଅଭିଯୋଗ, ମାଟି ବାଲି ଚୋରି ହେଉଥିବା ଭିଡିଓକୁ ଘେରି ବ୍ୟବସାୟୀ ପ୍ରତ୍ୟାଖ୍ୟାନ କରୁଥିବା ବେଳେ ମାଇନିଂ ଅଧିକାରୀଙ୍କ ବୟାନ ଘଟଣାକୁ ଭିନ୍ନ ମୋଡ଼ ଦେଉଥିବା ବେଳେ ଆଗାମୀ ଦିନରେ ପ୍ରଶାସନ ତଦନ୍ତ ପରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

## ବିଭିନ୍ନ ସ୍ଥାନରେ ଯୋଗ ଦିବସ

**କୁଜଙ୍ଗ,୨୨।୬(ସମିସ):** ପଙ୍କପାଳ ଖେଳପଡିଆରେ ଯୋଗ ମହୋତ୍ସବ ସମିତି ପଙ୍କପାଳ ପକ୍ଷରୁ ଯୋଗ ଦିବସ ଓ ସାମୂହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ଏସ୍ ପଙ୍କପାଳର ଗୋପୀନାଥ ଜୀୟୁ ପ୍ରଭାତ ଶାଖା, ପଙ୍କପାଳ ମଣ୍ଡଳ ଭାଜପା, ପଙ୍କପାଳ ସରସ୍ୱତୀ ଶିଶୁ ମନ୍ଦିର, ପଙ୍କପାଳ ବରିଷ୍ଠ ନାଗରିକ ମଞ୍ଚ ଓ ଅନ୍ୟାନ ସଂଗଠନର କର୍ମକର୍ତ୍ତାଙ୍କ ସହ ବହୁ ବ୍ୟବସାୟୀ, ଯୁବକମାନେ ଯୋଗଦେଇଥିଲେ। ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସମ୍ପର୍କ ପ୍ରମୁଖ ତାପସ କୁମାର ଦାଶ ସଂଯୋଜନା କରିଥିଲେ। ଏହି ଅବସରରେ ବିଜେପି ମଣ୍ଡଳ ସଭାପତି ପ୍ରତିପ୍ତ ମହାପାତ୍ର, ପଞ୍ଚାୟତର ପ୍ରମୁଖ ଦିଲୀପ ବେହେରା, ପରିକ୍ଷୀତ ସାହୁ, ବରିଷ୍ଠ ନାଗରକି ମଞ୍ଚ ସଭାପତି ଅଜୟ ଖୁଣ୍ଟିଆ, ଆର୍‌ଏସ୍‌ଏସ୍‌ର କୁଜଙ୍ଗ ଖଣ୍ଡ ପ୍ରମୁଖ ବିପିନ କୁମାର ମିଶ୍ର, କୃଷ୍ଣ ପ୍ରସନ୍ନ ଦାସ, ଶିବ ପାତ୍ର, ସଚ୍ଚିକାନ୍ତ ଦାଶ, ଶଶି ଭୂଷଣ ମଲ୍ଲ ପ୍ରମୁଖ ଯୋଗ ପ୍ରଦର୍ଶନ କରିବା ସହ ଉପସ୍ଥିତ ଶହ ଶହ ବିଦ୍ୟାର୍ଥୀଙ୍କୁ ଯୋଗର ମାହାତ୍ମ୍ୟ ନେଇ ଅବଗତ କରାଇଥିଲେ। ସେହିପରି ପଙ୍କପାଳ ସତ୍ୟସାଇ ଜ୍ଞାନବିକାଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି।

■ **ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ନାଗପୁର ପଞ୍ଚାୟତ ଗୋଠ ପଡିଆଠାରେ ଅତିରିକ୍ତ ବିଡିଓ ସଞ୍ଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ ଶିବିରକୁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ତହସିଲଦାର ଅଲୋକ ସେଠୀ ଆନୁଷ୍ଠାନିକ



ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ କର୍ମଚାରୀ, ତହସିଲ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ରହି ଯୋଗ ଶିକ୍ଷା କରିଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦା ପରିସରରେ ଅନୁଷ୍ଠିତ ଯୋଗ ଦିବସକୁ ପ୍ରଧାନ ଆଚାର୍ଯ୍ୟ ସସ୍ମିନ କୁମାର ସାହୁ ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯୋଗ ଶିକ୍ଷକ ସୁଦାମ ଚରଣ ପରିଡ଼ା, ବିଜୟ କୁମାର ମୁଦୁଲି ଶିଶୁ ଭାଇ ଓ ଭଉଣି ମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ଓ ବହୁ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ବନ୍ଧୁ ଉପସ୍ଥିତ ହୋଇ ଯୋଗ ଶିକ୍ଷା କରିଥିଲେ।

• ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ

## 'ଜ୍ଞାନମଣ୍ଡଳ ପ୍ରଣେତା ଭାବେ ବିନୋଦ ଚିରନମସ୍ୟ'

**ଜଗତସିଂହପୁର,୨୨।୬(ସମିସ):** ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୩୪ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ପାଳିତ ହୋଇଯାଇଛି। ଏହି ସଭାରେ ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗଙ୍ଗାଧର ଦାଶ ଯୋଗଦେଇ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସମାଜ ସଂସ୍କାରକ ତଥା ସୁଲେଖକ ଭାବେ ସ୍ୱର୍ଗତ ବିନୋଦ କାନୁନଗୋ ସୁପରିଚିତ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜ୍ଞାନମଣ୍ଡଳର ପ୍ରଣେତା ଭାବେ ବିନୋଦ କାନୁନ୍‌ଗୋ ସବୁଦିନ ପାଇଁ ଓଡିଆ ଜାତିର ଚିରନମସ୍ୟ ହୋଇ ରହିବେ। ଏଥିସହିତ ସେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ନିଜ ଜୀବନକୁ ସେ ଉତ୍ସର୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, କୈଳାସ ପତି, ରମେଶ ସାହୁ ଓ ରବୀନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ବିନୋଦ କାନୁନ୍‌ଗୋଙ୍କ ରଚିତ ପୁସ୍ତକ ପିଲାଙ୍କ ଜୟ ପ୍ରକାଶ, ପିଲାଙ୍କ ପଟେଲ, ଆଚାର୍ଯ୍ୟ ହରିହର, ଛାତିକି ପଥର କରି, ଗାନ୍ଧୀକଥା ଓ ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାଗ୍ରସ୍ତ ପରିବାରକୁ ସହାୟତା



**ଜଗତସିଂହପୁର,୨୨।୬(ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୭ ନଂ. ୱାର୍ଡ ଓହଳ ନୂଆବାଗର ସରୋଜ ଭୋଇ (୩୫) ଆଜକୁ ୨ମାସ ତଳେ ଏକ ବସ୍ ଦୁର୍ଘଟଣାରେ ଆହତ ହୋଇ ନିଜ ଘରେ ବିଛଣାରେ ଅଚଳ ହୋଇ ପଡିରହିଛନ୍ତି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ଏହି ପରିବାର ଏବେ ରୋଜଗାର ହରାଇ ଦୁଃଖ ଓ ଅଭାବ ମଧ୍ୟରେ ଗତିକରୁଛି। ଏହି ଖବର ପାଇବାପରେ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ କିଛି ସହାୟତା ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଆଜକୁ ୨ମାସ ତଳେ ସରୋଜ କଟକରୁ ବାଲେଶ୍ୱର ଯାଉଥିବା ବେଳେ ହଠାତ୍ ବସ୍‌ଟି ଜାରକା ନିକଟରେ ଓଲଟି ପଡିଥିଲା। ଏହି ବସ୍‌ରେ ଥିବା କିଛି ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଆଉ କିଛି ଲୋକ ଆହାତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିବା ସରୋଜ ମଧ୍ୟ ଗୁରୁତର ଆହାତ ହୋଇଥିଲେ। ତାଙ୍କର ଗୋଡ଼ହାତ ସହିତ ମେରୁଦଣ୍ଡ ଉପରେ ଆଘାତ ହୋଇଥିଲା। କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପରେ ଏବେ ଘରେ ବିଛଣାରେ ପଡିରହିଛନ୍ତି। ଏଭଳି ପରିସ୍ଥିତିରେ ରୋଜଗାର ହରାଇ ଏହି ପରିବାର ଆର୍ଥିକ ଅଭାବ ମଧ୍ୟରେ ଗତିକରୁଛି। ଖବର ପାଇ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ସରୋଜ ସ୍ୱାଇଁ, ସନ୍ତୋଷ କରଣ, ଦିପ୍ତୀ ରଞ୍ଜନ ବିଶ୍ୱାଳ, ସୁଦୀପ ଦାସ, ରଶ୍ମି ରଞ୍ଜନ ମହାନ୍ତି ପ୍ରମୁଖ କିଛି ରାସନ୍ ସାମଗ୍ରୀନେଇ ଉକ୍ତ ପରିବାରକୁ ଯୋଗାଇ ଦେବା ସହିତ ସରକାରୀସ୍ତରରେ କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଏରସମାର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା

**ଏରସମା,୨୨।୬(ସମିସ):** ଏରସମା ବ୍ଲକ ଗଡ଼କୁଜଙ୍ଗର କୁଞ୍ଜବୀହାରୀ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ଆଉ ଏହାପରେ ମହାପ୍ରଭୁ କୁଞ୍ଜବୀହାରୀ ଜଗନ୍ନାଥ ଗଜାନନ ବେଶରେ ସଜ୍ଜିତ ହୋଇଥିଲେ। ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ କୁଞ୍ଜବୀହାରୀ ଠାକୁରଙ୍କୁ ଗଜାନନ ବେଶରେ ଦର୍ଶନ କରିବାକୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ଜିଲ୍ଲାର ବହୁ ସ୍ଥାନରୁ ମଧ୍ୟ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁଅ ଛୁଟିଥିଲା। ସେହିପରି ଏରସମା ଜଗନ୍ନାଥ ମନ୍ଦିରରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ଏରସମା ପ୍ରେସ ବ୍ଲକର ସମସ୍ତ ସଦସ୍ୟ ଏରସମା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗଡକୁଜଙ୍ଗ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟିବୋର୍ଡର ମୁଖ୍ୟ ରାଜେନ୍ଦ୍ର ବେହେରା ଓ ସମସ୍ତ କାର୍ଯ୍ୟକର୍ତ୍ତାମାନେ ମିଶି ସହଯୋଗ କରିଥିଲେ।

## ମୃତ ଛାତ୍ରଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ଏରସମା,୨୨।୬(ସମିସ):** ଏରସମା ବ୍ଲକ ଅନ୍ତର୍ଗତ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସରୋଜକୁମାର ପଙ୍ଗା ଗତ ସେପ୍ଟେମ୍ବର ମାସ ୩୦ ତାରିଖରେ ପୋଖରୀରେ ବୁଡି ପ୍ରାଣହରାଇଥିଲେ। ପୂର୍ବରୁ ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀ ସୁରକ୍ଷା ବୀମା ଯୋଜନା କରାଯାଇଥିବା ବେଳେ ମୃତ ଛାତ୍ରଙ୍କ ପରିବାରକୁ ଦି ନିୟୁ ଇଣ୍ଡିଆ ବୀମା କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ବୀମା କମ୍ପାନୀରେ ବିଦ୍ୟାଳୟ ତରଫରୁ ବୀମା କ୍ଷତି ପୂରଣ ପ୍ରଦାନ ପାଇଁ ଅଭିଯୋଗ ପରେ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟକୁ ବୀମା ରାଶି ବାବଦକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗତକାଲି ମୃତ ଛାତ୍ର ସରୋଜଙ୍କ ମା' ରିନାରାଣୀ ପଙ୍ଗାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ଲେଙ୍କା ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଏହି ରାଶି ପ୍ରଦାନ କରିଛନ୍ତି।

## ଟ୍ରେଲର ଦୁର୍ଘଟଣାରେ ଷଣ୍ଢ ମୃତ; ରାସ୍ତାରୋକ

**ପାରାଦୀପ,୨୨।୬(ସମିସ):** ଇଫ୍‌କୋ ଛକ ନିକଟ ଭାସ୍କର କମ୍ପ୍ଲେକ୍ସ ସମ୍ମୁଖରେ ଆଜି ସନ୍ଧ୍ୟା ୭ଟା ସମୟରେ ଏକ ଟ୍ରେଲର ଷଣ୍ଢକୁ ଧକ୍କା ଦେଇଥିଲା। ଖବର ପାଇ ପାରାଦୀପ ବଜରଙ୍ଗ ଦଳର ସଦସ୍ୟମାନେ ପହଞ୍ଚି ଷଣ୍ଢର ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ବଞ୍ଚାଇ ପାରିନଥିଲେ। ଏହାପରେ କିଛିସମୟ ପାଇଁ ସ୍ଥାନୀୟ ଯୁବକ ଓ ବଜରଙ୍ଗ ଦଳର ସଦସ୍ୟମାନେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରଲର ସହ ଡ୍ରାଇଭରକୁ ସ୍ଥାନୀୟ ଲୋକେ ଅଟକାଇ ପୁଲିସ ଜିମା ଦେଇଥିବା ଜଣାପଡିଛି। ତେବେ ବେପରୁଆ ଗାଡିଚାଳନା ପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ବାରମ୍ବାର ଏପରି ଦ୍ରୁତ ଗାଡିଚାଳନା ଯୋଗୁ ଦୁର୍ଘଟଣାରେ ଷଣ୍ଢ ଓ ଗୋରୁ ଗାଈଙ୍କ ମୃତ୍ୟୁ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଦଳର କର୍ମୀମାନେ ଅଭିଯୋଗ କରିଛନ୍ତି।

## ସୁଶିଲ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

**ଏରସମା,୨୨।୬(ସମିସ):** ଏରସମା ଭଳି ଏକ ଉପକୂଳବର୍ତ୍ତୀ ଅଞ୍ଚଳରେ ୯୦ ଦଶକରେ ସମ୍ବାଦପତ୍ର ପହଞ୍ଚାଇବା ଓ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟା ଓ ଅଞ୍ଚଳର କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ବାଦପତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବାରେ ସାମ୍ବାଦିକ ସ୍ୱର୍ଗତ ସୁଶିଲ ମହାନ୍ତିଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଅଞ୍ଚଳରେ ସାମ୍ବାଦିକତା ସହିତ ବିଭିନ୍ନ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ରହି ଜଣେ ଭଲ ମଣିଷର ପରିଚୟ



ସୃଷ୍ଟି କରିପାରିଥିଲେ ବୋଲି ଇବ୍ରିସିଂଠାରେ ଆୟୋଜିତ ସୁଶିଲ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ, ପଣ୍ଡିତ ନାଗୁଚରଣ ଦେବତା, ଆଇନଜୀବୀ ବୀର ନାରାୟଣ ପାତ୍ର, ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ପର୍ଶୁରାମ ମନ୍ତ୍ରୀ, ନରେଶ ସ୍ୱାଇଁ, ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ହୃଷୀକେଶ ଜେନା ଅତିଥି ପରିଚୟ ପ୍ରଦାନ ଓ ଯଯାତି ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟସାହିରେ ଧର୍ମପ୍ରାଣାଙ୍କ ପାଇଁ ଶୋକସଭା

**କୁଜଙ୍ଗ,୨୨।୬(ସମିସ):** ପଙ୍କପାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ନାରୀନେତ୍ରୀ ମିନାକ୍ଷୀ ଦାସଙ୍କ ଶାଶୁ ମନୋରମା ଦାସଙ୍କ ଏକାଦଶାହ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠ ପୁଅ ତଥା ବିଜେପି ନେତା କୃଷ୍ଣ ପ୍ରସନ୍ନ ଦାସଙ୍କ ପୌରହିତ୍ୟରେ ଏହି ଏକାଦଶାହରେ ଆର୍‌ଏସ୍‌ଏସ୍‌ର ଜିଲ୍ଲା କାର୍ଯ୍ୟବାହ ମଳୟ କୁମାର ଲେଙ୍କା, ପଙ୍କପାଳର ସରପଞ୍ଚ ସରୋଜ କୁମାର ସେଠୀ(ମୁନା), ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ସମ୍ପାଦକ ଦିଲୀପ କୁମାର ବେହେରା, ବିଜେପି ନେତା ଗତିକୃଷ୍ଣ ଶତପଥି, ଆଇନଜୀବୀ ତପନ କୁମାର ଦାଶ, ଶିବ ପାତ୍ର, ନିକୁଞ୍ଜ ଚୌଧୁରୀ, କୃତିବାସ ଷଡଙ୍ଗୀ, ପଙ୍କପାଳର ପ୍ରାକ୍ତନ ସରପଞ୍ଚ କୈବର୍ତ୍ତ ନେତା ମିହିର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ପୁଅ ଶିବ ପ୍ରସନ୍ନ ଦାସଙ୍କ କନ୍ୟା ମମତା ଦାସ, ସସ୍ମିତା ଦାସ, ବୋହୂ ପଙ୍କପାଳର ପ୍ରାକ୍ତନ ସରପଞ୍ଚ ମିନାକ୍ଷୀ ଦାସଙ୍କ ସହ ସମସ୍ତ ଆତ୍ମୀୟସ୍ୱଜନ ପରିଚାଳନାରେ ସହଯୋଗ କରିଥିଲେ।

## ମାହାଲ ନାଟକ ମହୋତ୍ସବ ଉଦ୍‌ଘାଟିତ

# 'କାନ୍ଦେନା ଲୁହ ସରିଯିବ' ମଞ୍ଚସ୍ଥ




**ପାରାଦୀପ,୨୨।୬(ସମିସ):** ପାରାଦୀପ ଉପକଣ୍ଠ ଢ଼ିଙ୍କିଆ ପଞ୍ଚାୟତର ମାହାଲ ଗ୍ରାମରେ ମା' ରାମଚଣ୍ଡୀ ତୃତୀୟ ବାର୍ଷିକ ନାଟକ ପ୍ରତିଯୋଗିତା-୨୦୨୪ ଏବଂ ଗାଁ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି।"ମାହାଲ' ରାଜସ୍ୱ ଗ୍ରାମ ମାନ୍ୟତାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏହି "ଗାଁ ବାର୍ଷିକ ଉତ୍ସବ' ପାଳନ କରାଯାଉଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସାଦ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସ୍‌ଡବ୍ଲୁର ଉପସଭାପତି ଧନଞ୍ଜୟ କୁମାର ସିହ୍ନା, ବକ୍ତାଭାବେ ଜେଏସଡବ୍ଲୁର ଲୋକସମ୍ପର୍କ ଅଧିକାରୀ ନିର୍ମଳ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସରପଞ୍ଚ କିଶୋର ପରିଡା, ଯୁବନେତା ତନ୍ମୟ ସ୍ୱାଇଁ, ସମାଜସେବୀ ତାମିଲ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ସୁଧୀର ମହାପାତ୍ର, ଦୀନବନ୍ଧୁ ନାୟକ, ସଚ୍ଚିଦାନନ୍ଦ ଦାସ, ଅଦ୍ୱୈତ୍ୟ ଭୂୟାଁ, ଅକ୍ଷୟ ବେହେରା, ସୁରେନ୍ଦ୍ର ରାଉତ, ପ୍ରମୁଖ ଯୋଗ ଦେଇ ନିଜ ନିଜର ସ୍ୱଳ୍ପ ବକ୍ତବ୍ୟ ରଖିଥିଲେ। ମାହାଲ ଗ୍ରାମ୍ୟ କମିଟିର ସଭାପତି ଅନିରୁଦ୍ଧ ପରିଡାଙ୍କ ସଭାତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ରାଜନୀରେ ଇଶାନେଶ୍ୱର ନାଟ୍ୟ ସଂସଦ, ନିଶ୍ଚିନ୍ତପୁର ଇନ୍ଦୁପୁର ପାଟଣା, ବାଙ୍କୀ ମଞ୍ଚସ୍ଥ କରିଥିଲା ଡଃ ଦୀପକ ଜେନାଙ୍କ ରଚିତ ଏବଂ ବୁଲୁ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ନାଟକ "କାନ୍ଦେନା ଲୁହ ସରିଯିବ'। ମାହାଲ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ପାଦକ ଭ୍ରମରବର ସେଠୀ, ନିତ୍ୟାନନ୍ଦ କଟିକିଆ, ଧନୁ ଦଳାଇ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲାବେଳେ ଯୁବ ସମାଜସେବୀ ତଥା ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ନାଟକ ପ୍ରତିଯୋଗିତା ୪ ଦିନ ଧରି ଅନୁଷ୍ଠିତ ହେବ। ବିଚାରକ ଭାବେ ହେମନ୍ତ ସ୍ୱାଇଁ ଏବଂ ବିଜୟ ସ୍ୱାଇଁ ନାଟକର ମୂଲ୍ୟାଙ୍କନ କରୁଛନ୍ତି।

■ ଅଧସ୍ତନ କର୍ମଚାରୀଙ୍କଠାରୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା

## ପୋଷ୍ଟାଲ ଇନ୍ସପେକ୍ଟର୍ ଓ ଓଭରସିୟର୍ ଗିରଫ

**ବାରିପଦା/ବଡ଼ସାହି,୨୨।୬(ସମିସ):** ଜଣେ ଅଧସ୍ତନ କର୍ମଚାରୀଙ୍କଠାରୁ ଲାଞ୍ଚ ନେବା ଦୁଇଜଣ ଡାକ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ସେମାନଙ୍କୁ ସିବିଆଇ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲା ବଡ଼ସାହିରେ ଏହି ଘଟଣା ଘଟିଛି। ବଡ଼ସାହି ସବ୍‌ଡିଭିଜନ ପୋଷ୍ଟାଲ ଇନ୍ସପେକ୍ଟର ରୁବି ଦାସ ଓ ଓଭରସିୟର ସୁଶାନ୍ତ ଦାଶଙ୍କୁ ସିବିଆଇ ଶନିବାର ଗିରଫ କରିଛି। ପରେ ସିବିଆଇ ଇନ୍ସପେକ୍ଟର୍‌ଙ୍କ ଭଡ଼ାଘର ଓ ଅଫିସ୍‌ରେ ଚଢ଼ଉ କରି ଜରୁରୀ କାଗଜପତ୍ର ଯାଞ୍ଚ କରିଛି।





ସୂଚନା ଅନୁସାରେ, ବଡ଼ସାହି ସବ୍-ଡିଭିଜନ୍ ମାଣତ୍ରୀ ଉପଡାକଘର ଅଧୀନ ଦେଓପଡ଼ା ପୋଷ୍ଟ ଅଫିସ୍ ଶାଖାର ଏମ୍‌ବିପିଏମ ଭାବେ କାର୍ଯ୍ୟରତ ଅଜିତ କୁମାର ରାଉତଙ୍କ ଇନକ୍ରିମେଣ୍ଟ ବୃଦ୍ଧି କରିବା ପାଇଁ ଦୁହେଁ ତାଙ୍କୁ ଲାଞ୍ଚ ମାଗିଥିଲେ। ପ୍ରଥମେ ୧୫ ହଜାର ଟଙ୍କା ନେବା ପରେ ଆଉ ୫୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଜିତ୍ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ସିବିଆଇ ଡିଏସପି ରାନୁ ଚୌଧୁରୀଙ୍କ ନେତୃତ୍ୱରେ ୮ ଜଣଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଯୋଜନା ମୁତାବକ, ଆଜି ଅଜିତ ବୈଶିଙ୍ଗା ଥାନା ଅଧୀନ କଳମାସ୍ଥିତ ସୁଶାନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଲାଞ୍ଚ ଟଙ୍କା ଦେଇଥିଲେ। ଏହି ସମୟରେ ସିବିଆଇର ଅଫିସରମାନେ ସୁଶାନ୍ତଙ୍କୁ ମାଡ଼ି ବସିଥିଲେ। ଲାଞ୍ଚ ଟଙ୍କା ଜବତ କରିବା ପରେ ସିବିଆଇ ସୁଶାନ୍ତଙ୍କୁ ଧରି ପୋଷ୍ଟାଲ ଇନ୍ସପେକ୍ଟର ରୁବି ଦାସଙ୍କ ବଡ଼ସାହି ଭଡ଼ାଘରେ ଚଢ଼ଉ କରିଥିଲେ। ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଦିନତମାମ ଚଢ଼ଉ କରିବା ପରେ ଜିଲ୍ଲା ମୁଖ୍ୟାଳୟରେ ଅଧିକାରୀ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲେ। ରବିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି।

## ଜମିବାଡ଼ି ପାଇଁ ବାପାକୁ ମାରି ପୋତିଦେଲା

**ଖଇରା, ୨୨।୬ (ସମିସ):** ଜମିବାଡ଼ି ପାଇଁ ବାପାକୁ ହତ୍ୟା କରି ଏକ ପରିତ୍ୟକ୍ତ ସାରୁ କିଆରିରେ ପୋତିଦେବା ଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱରରେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଖଇରା ବ୍ଲକ, ଗରସଙ୍ଗ ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ସିମୁଳିଆ ପୁଲିସ୍ ଆଜି ମାଟି ତଳୁ ବାପାର ମୃତଦେହ ଜବତ କରିଛି। ମୃତକ ହେଲେ, ପ୍ରଭାକର ବେହେରା। ତେବେ ତାଙ୍କ ପତ୍ନୀ ଚମ୍ପାଙ୍କ ମଧ୍ୟ ପତ୍ତା ମିଳୁ ନଥିବାରୁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ, ପ୍ରଭାକରଙ୍କ ପୁଅ ରମେଶ ବେହେରା କେଉଁଆଡ଼େ ଫେରାର୍ ହୋଇଯାଇଛି। ପୁଲିସ୍ ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି।

ସୂଚନାନୁଯାୟୀ, ଗତ ୧୭ ତାରିଖଠାରୁ ପ୍ରଭାକରଙ୍କୁ ଗ୍ରାମବାସୀ ଦେଖିବାକୁ ପାଇନଥିଲେ। କିଛି ଗ୍ରାମବାସୀ କେବଳ ତାଙ୍କ ପତ୍ନୀ ଚମ୍ପାଙ୍କୁ ବିଧବା ଅବସ୍ଥାରେ ଦେଖିଥିଲେ। କିନ୍ତୁ ୧୮ ତାରିଖ, ମଙ୍ଗଳବାରରୁ ସେମାନଙ୍କ ଘରେ ତାଲା ପଡ଼ି ଯାଇଥିଲା। ଏକଥାକୁ ଗ୍ରାମବାସୀ ବିଶେଷ ଗୁରୁତ୍ୱ ଦେଇନଥିଲେ। ତେବେ ଶୁକ୍ରବାର ଦିନ ତାଙ୍କ ଘର ପାଖରେ ଥିବା ଏକ ସାରୁ କିଆରିରୁ ପଚାଗନ୍ଧ ବାହାରିବା



ଏବଂ କୁକୁରମାନେ ସେଠାରେ ମାଟି ତାଡ଼ିବାକୁ ଉଦ୍ୟମ କରିବାରୁ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା ଏବଂ ସେମାନେ ପ୍ରଭାକରଙ୍କ ଦୁଇ ଝିଅ ବାସନ୍ତୀ ଜେନା ଓ ମମତା ମଲିକଙ୍କୁ ଏ ସଂପର୍କରେ ଜଣାଇଥିଲେ।

ମମତା ଶୁକ୍ରବାର ଥାନାରେ ଅଭିଯୋଗ କରିବା ପରେ ଶନିବାର ସାଇଣ୍ଟିଫିକ ଟିମ୍ ଓ ସିମୁଳିଆ ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖଇରା ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କ ଉପସ୍ଥିତିରେ ଉକ୍ତ ସାରୁ କିଆରି ଖୋଳାଯିବା ପରେ ସେଠାରୁ ପ୍ରଭାକରଙ୍କ ଶବ ଜବତ ହୋଇଥିଲା। କିନ୍ତୁ ଚମ୍ପାଙ୍କ ପତ୍ତା ମିଳିନଥିଲା।

ପ୍ରଭାକରଙ୍କ ୨ ଝିଅ ବାସନ୍ତୀ ଓ ମମତାଙ୍କ ଅଭିଯୋଗ ଅନୁଯାୟୀ, ଜମି ପାଇଁ ବାପା-ମା'ଙ୍କ ଉପରେ ଭାଇ ରମେଶ ସବୁବେଳେ ଅତ୍ୟାଚାର କରୁଥିଲା। ଏପରିକି, କିଛି ଦିନ ତଳେ ମା'ଙ୍କ ନାମରେ ଥିବା ସମ୍ପତ୍ତି ବିକ୍ରି କରିଥିଲା। ଆପତ୍ତି

- ସାରୁ କିଆରିରୁ ଶବ ଉଦ୍ଧାର
- ମା'କୁ ବି ହତ୍ୟା କରିଥିବା ସନ୍ଦେହ, ପତ୍ତା ମିଳୁନି
- ଅଭିଯୁକ୍ତ ପୁଅ ଫେରାର

କରିବାରୁ ୨ ଭଉଣୀଙ୍କ ଯିବା ଆସିବା ମଧ୍ୟ ବନ୍ଦ କରିଦେଇଥିଲା। ତେଣୁ ସେ ହିଁ ବାପା-ମା'ଙ୍କୁ ହତ୍ୟା କରିଛି ବୋଲି ଦୁଇଜଣଯାକ ଅଭିଯୋଗ କରିଛନ୍ତି। ଚମ୍ପାଙ୍କ ଖୋଜଖୋବର ମିଳୁନଥିବାରୁ ତାଙ୍କୁ ମଧ୍ୟ ରମେଶ ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେ ଧରାପଡ଼ିଲେ, ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ୍ କହିଛି। ତାକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚଳାଇଛି।

## ବଜ୍ରପାତରେ ଜଣେ ମୃତ

**ଶିଖପାଲି,୨୨।୬(ସମିସ):** ଶୁକ୍ରବାର ରାତିରେ ମାଲକାନଗିରି ସଦର ନିକଟ ଚାଲାଣଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗନ୍ଧିପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ସେହି ସମୟରେ ଅନ୍ୟ ଏକ ସ୍ଥାନ ତଣ୍ଡିକି ପଞ୍ଚାୟତର ଗୁଟୁମଗୁଡ଼ା ଗ୍ରାମରେ ବଜ୍ରପାତରେ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଗନ୍ଧିପାଲି ଗ୍ରାମର ଚେରଙ୍ଗ ଦୁରୁଆ(୪୫) ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ପରିବାରଲୋକ ତାଙ୍କୁ ମାଲକାନଗିରି ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି। ସେହିଭଳି ତଣ୍ଡିକି ପଞ୍ଚାୟତର ଗୁଟୁମଗୁଡ଼ା ଗ୍ରାମ ମଙ୍ଗୁଡୁ ମାଡ଼କାମୀଙ୍କ ଏକ ବଳଦର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଗ୍ରାହକ ଜିତିଲେ ରୁଚି ମସଲାର ବଡ଼ ପୁରସ୍କାର

## ଅନୁଗୋଳ ଗ୍ରାହକଙ୍କୁ କାର୍ ସହିତ ୫ଜଣଙ୍କୁ ଇ-ସ୍କୁଟର ଉପହାର

**ଭୁବନେଶ୍ୱର/କଟକ, ୨୨।୬(ସମିସ):** ଦୀର୍ଘ ୪୯ ବର୍ଷ ଧରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ଏକ ନମ୍ବର ମସଲା ବ୍ରାଣ୍ଡ ଭାବରେ ପରିଚିତ ରୁଚି ଫୁଡ୍‌ଲାଇନ୍ ତାର ଗ୍ରାହକମାନଙ୍କୁ ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଯୋଜନାରେ ଗୋଟିଏ ମୂଲ୍ୟବାନ କାର୍ ଓ ୫ଟି ଇ-ସ୍କୁଟର ଉପହାର ପ୍ରଦାନ କରିଛି।

ଭୁବନେଶ୍ୱରର ଏକ ତାରକା ହୋଟେଲରେ ଆଜି ଆୟୋଜିତ ଉତ୍ସବରେ ରୁଚି ମସଲା ପକ୍ଷରୁ ଅନୁଗୋଳ ସହରରେ ଛୋଟ ଜଳଖିଆ ଦୋକାନ କରିଥିବା ସନୁ ବେହେରାଙ୍କୁ ପ୍ରଥମ ପୁରସ୍କାର ଭାବେ ମାରୁତି ସ୍ୱିଫ୍ଟ କାର୍ ଏବଂ କେନ୍ଦୁଝର ଜିଲ୍ଲା ବଡ଼ବିଲ୍‌ର ଇନ୍ଦୁମତୀ ସାହୁ, ବାଲେଶ୍ୱର ଜିଲ୍ଲା ସୋରର ତିଳୋତ୍ତମା ନାୟକ, ମୟୂରଭଞ୍ଜ ଜିଲ୍ଲା ବିଶୋଇର ବାବୁଲା ପାତ୍ର, ବ୍ରହ୍ମପୁରର ବୈଷ୍ଣବୀ ସାମନ୍ତରା, ରାୟଗଡ଼ାର ବାର୍ଥଲୋମି ସେନାପତିଙ୍କୁ ଇ-ସ୍କୁଟର ପ୍ରଦାନ କରାଯାଇଛି। ରୁଚିର ଏହି ବଡ଼ ଉପହାର ସେମାନଙ୍କ ପାଇଁ ସବୁବେଳେ ଅଭୁଲା ଓ ସ୍ମରଣୀୟ ହୋଇ ରହିବ ବୋଲି ବିଜେତାମାନେ କହିଥିଲେ। ରୁଚି ମସଲାର ୧୨ଟି ସାମଗ୍ରୀ କିଣିଥିବା ଗ୍ରାହକମାନଙ୍କ ପାଇଁ ଏହି ଅଫର୍ ଯୋଜନା ରହିଥିଲା। ଏହା ସହିତ ଗ୍ରାହକମାନଙ୍କୁ ପ୍ରତି ମାସରେ ସ୍ୱର୍ଣ୍ଣ, ରୌପ୍ୟମୁଦ୍ରା ଓ ସ୍ମାର୍ଟୱାଚ୍ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା।

ଓଡ଼ିଶାର ଏକ ନମ୍ବର ମସଲା ବ୍ରାଣ୍ଡ ଭାବେ ଅଶେଷ ଲୋକପ୍ରିୟତା ଅର୍ଜନ କରିଥିବା ରୁଚି ଉଦ୍ୟୋଗ ୪୯ ବର୍ଷର ଯାତ୍ରା ମଧ୍ୟରେ କୋଟିକୋଟି




ମୋବାଇଲ୍ ଆପ୍ ଜରିଆରେ ଘରେ ବସି ଗ୍ରାହକ ପାଇବେ ରୁଚି ମସଲା

ଗ୍ରାହକମାନଙ୍କର ବିଶ୍ୱସନୀୟତାକୁ ପାଥେୟ କରି ସଫଳତା ପାଇଛି ବୋଲି ଏକ ବାର୍ତ୍ତା ଜରିଆରେ କହିଥିଲେ ବିଶିଷ୍ଟ ଉଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଗ୍ରାହକମାନଙ୍କ ପାଇଁ ଓଡ଼ିଶାରେ ଏହା ଏକ ବଡ଼ ପୁରସ୍କାର ଏବଂ ଜାତୀୟସ୍ତରରେ ନିଜର ଗୁଣବତ୍ତା ଓ ସଫଳତା ପାଇଁ ରୁଚି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଅତିଥି ଭାବେ ଯୋଗଦେଇ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ, ସଲିନା ସାହୁ ଓ ରୁଚିର ନିର୍ଦ୍ଦେଶକ ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର କହିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ଏବଂ ରୁଚିର ପୁରୁଖା ବିତରକମାନେ ଯୋଗ ଦେଇଥିଲେ। ଏହି ଅବସରରେ ରୁଚିର ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ରୁଚି ଫୁଡ୍‌ଲାଇନ୍ ପକ୍ଷରୁ ଇ-କମର୍ସ ପ୍ଲାଟଫର୍ମ ଏବଂ ମୋବାଇଲ୍ ଆପ୍ 'ରୁଚି ଷ୍ଟୋର' କୁ ଲୋକାର୍ପିତ କରିବା ସହିତ ଏହାଦ୍ୱାରା ଗ୍ରାହକମାନେ ଦେଶର ଯେକୌଣସି ସ୍ଥାନରୁ ଅନ୍‌ଲାଇନ୍ ଜରିଆରେ ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ରିହାତି ମୂଲ୍ୟରେ ରୁଚିର ସମସ୍ତ ସାମଗ୍ରୀ ଘରେ ବସି ପାଇପାରିବେ ବୋଲି କହିଥିଲେ। ଏହି ପ୍ଲାଟଫର୍ମ ଜରିଆରେ ୩୦୦ ଟଙ୍କାର ସାମଗ୍ରୀ ମଗାଇଲେ ଗ୍ରାହକଙ୍କୁ କୌଣସି ବିତରଣ ଦେୟ ଦେବାକୁ ପଡ଼ିବନି।

ଉତ୍ସବରେ ସେଲସ୍ ହେଡ୍ ଦିଲ୍ଲୀପ ସାହୁ, ମାନବସମ୍ବଳ ବିଭାଗ ସହକାରୀ ମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ବରିଷ୍ଠ ପ୍ରବନ୍ଧକ ବିଜନ ମହାନ୍ତି, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, କ୍ୟୁସି ହେଡ୍ ଅଶୋକ କୁମାର ନାୟକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ରାମଚନ୍ଦ୍ର ବେହେରା, ରୁଚିର ଉପପ୍ରବନ୍ଧକ ନ୍ୟାୟବ୍ରତ ରାଉତ, ସାଗର ରଞ୍ଜନ ବାରିକ, ଶୁଭାଶିଷ ଜେନା, ସାଇ ସମ୍ବିତା ନାୟକ, ସୋନାଲି ସାହୁ ଓ ପୂର୍ବାଶା ପ୍ରିୟଦର୍ଶିନୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଲିପି ମହାପାତ୍ର, କଣ୍ଠଶିଳ୍ପୀ ସ୍ୱୟଂ ପ୍ରକାଶ ପାଢ଼ୀ ଓ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭମ୍ ମଞ୍ଚ ସଞ୍ଚାଳନ କରିଥିଲାବେଳେ ହ୍ୱାଇଟ କାନ୍‌ଭାସର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ଓ ବିଷ୍ଣୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ୱାସନଳୀରେ କ୍ଷୀର ପଶି ୫ଦିନର ଶିଶୁ ମୃତ

**ତୁରୁମୁଙ୍ଗା, ୨୨।୬ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ରେଙ୍ଗାଳବେଡ଼ା ଗାଁରେ ସ୍ତନ୍ୟପାନ ସମୟରେ ଶ୍ୱାସନଳୀରେ କ୍ଷୀର ପଶିଯିବାରୁ ୫ଦିନର ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲା, ଗ୍ରାମର ଶୁକଲାଲ ଟୁଡୁ ଓ ଗୌରୀ ଟୁଡୁଙ୍କ ୫ଦିନର ଶିଶୁପୁତ୍ର। ଗତ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁପୁତ୍ରର ଜନ୍ମ ହୋଇଥିଲା। ତେବେ ଆଜି ସକାଳୁ ଶିଶୁ ପୁତ୍ରଟି ନିଃଶ୍ୱାସପ୍ରଶ୍ୱାସ ନେଇ ନପାରି ଗୁରୁତର ହୋଇପଡ଼ିଥିଲା। ପରିବାରଲୋକେ ତାକୁ ପାଟଣା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ସ୍ତନ୍ୟପାନ ସମୟରେ ଶ୍ୱାସନଳୀରେ କ୍ଷୀର ପଶି ଯାଇଥିବାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ପାଟଣା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ହାଇକୋର୍ଟଙ୍କ ନିଆରା ଜାମିନ ସର୍ତ୍ତ

## ଚାରା ଲଗାଇ ରକ୍ଷଣାବେକ୍ଷଣ କରିବେ ଅଭିଯୁକ୍ତ

**କଟକ, ୨୨।୬(ସମିସ):** ଓଡ଼ିଶା ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବେଳେ ପରିବେଶ ସୁରକ୍ଷା ପାଇଁ ନିଆରା ଜାମିନ ସର୍ତ୍ତ ରଖିଛନ୍ତି। ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୨୦୨୨ରୁ ଜେଲରେ ଥିବା ନୂଆପଡ଼ା ଜିଲ୍ଲାର ଗଣ୍ଡରାମ ମାଝୀଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିବା ବେଳେ ୫୦ଟି ଆମ୍ବ, ତେନ୍ତୁଳି ଓ ନିମ ଚାରା ରୋପଣ କରିବା ଓ ଦୁଇ ବର୍ଷ ଏହାର ରକ୍ଷଣାବେକ୍ଷଣ କରିବା ଭଳି ସର୍ତ୍ତାରୋପ କରିଛନ୍ତି। ଗଣ୍ଡରାମଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ଡିଏଫଓ ଆବଶ୍ୟକ ଚାରା ଯୋଗାଇଦେବେ। ସମ୍ପୃକ୍ତ ଥାନା ଆଇଆଇସି ଏହାର ତଦାରଖ କରିବା ସହିତ ଆବେଦନକାରୀ ମଧ୍ୟ ଥାନାରେ ରକ୍ଷଣାବେକ୍ଷଣ ନେଇ ସତ୍ୟପାଠ ଦେବେ। ଯଦି ଏହି ଜାମିନ ସର୍ତ୍ତ ଉଲ୍ଲଂଘନ କରନ୍ତି, ତେବେ ଆବେଦନକାରୀଙ୍କ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ସେହିପରି ଜାମିନ ପ୍ରଦାନ ବେଳେ ନିମ୍ନ ଅଦାଲତ ମଧ୍ୟ ସର୍ତ୍ତ ଧାର୍ଯ୍ୟ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ପ୍ରକାଶ ଯେ ଏକ ଫୌଜଦାରୀ ମାମଲାର ଶୁଣାଣି କରି ନୂଆପଡ଼ା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ଗଣ୍ଡରାମ ଓ ଅନ୍ୟ ଜଣଙ୍କୁ ୩ ବର୍ଷ ଜେଲ ଓ ୧ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ। ଏହି ନିର୍ଦ୍ଦେଶକୁ ନୂଆପଡ଼ା ଅତିରିକ୍ତ ଦୌରାଜଜ୍ ଅଦାଲତ କାଏମ ରଖି ୨୦୨୨, ଏପ୍ରିଲ ୧୨ରେ ରାୟ ପ୍ରକାଶ କରିଥିଲେ। ଏହି ରାୟ ବିରୋଧରେ ଗଣ୍ଡରାମ ୨୦୨୪ରେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀ ୨୦୨୨ରୁ ଜେଲରେ ଥିବା ବେଳେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି।

ବାରିପଦା ବସ୍‌ଷ୍ଟାଣ୍ଡରେ ହଣାକଟା ଘଟଣା

## ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ; ଯାତ୍ରୀ ହନ୍ତସନ୍ତ

**ବାରିପଦା, ୨୨।୬ (ସମିସ):** ବସ୍ ଚଳାଚଳ ସମୟକୁ ନେଇ ଶୁକ୍ରବାର ରାତିରେ ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ଦୁଇଗୋଷ୍ଠୀ ମଧ୍ୟରେ ହଣାକଟା ଘଟଣା ଅଧିକ ଜଟିଳ ହେବାରେ ଲାଗିଛି। ଏହି ଘଟଣାରେ ପୁଲିସ୍ ୨ଟି ମାମଲା ରୁଜୁ କରି ମୋଟ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକଙ୍କ ସମେତ ୪ଜଣ ରହିଛନ୍ତି। ସେମାନଙ୍କ ବିରୋଧରେ ସଙ୍ଗିନ ଦଫା ଲାଗିଥିବାରୁ ଏବଂ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବସ୍ ମାଲିକ ସଂଘ ଧର୍ମଘଟ ଜାରି ରଖିଛି। ଫଳରେ ବସ୍ ଚଳାଚଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିଛି। ଏହାଦ୍ୱାରା ଆଜି ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

ଗତକାଲିଠାରୁ ବସ୍ ଚଳାଚଳ ବନ୍ଦ ଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ବୈଠକ ଡକାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର,



ଏସ୍‌ପି ଏସ୍. ସୁଶ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରାଙ୍କ ସମେତ ବାରିପଦା ବସ ମାଲିକ ସଂଘର ସଭାପତି ଅଜୟ କୁମାର ବେହେରା ସମେତ ଅନ୍ୟ ବସ୍ ମାଲିକଙ୍କୁ ନେଇ ଆଲୋଚନା ହୋଇଥିଲା। ବସ୍ ମାଲିକ ଓ କର୍ମଚାରୀମାନେ ବସଷ୍ଟାଣ୍ଡରେ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ଦାବି କରିବା ସହ ଗତକାଲି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ବିଭିନ୍ନ ଦାବି ନେଇ ବହୁ ସମୟ ଧରି ଆଲୋଚନା କରିବା ପରେ ନିଷ୍କର୍ଷ ବାହାରିଥିଲା ଏବଂ ଶନିବାର ସନ୍ଧ୍ୟା ସୁଦ୍ଧା ଜିଲ୍ଲାବ୍ୟାପୀ ବସ୍ ଚଳାଚଳ ସ୍ୱାଭାବିକ କରିବା ନେଇ ବାରିପଦା ବସ ମାଲିକ ସଂଘ ପକ୍ଷରୁ ସଭାପତି ଅଜୟ ବେହେରା ଜିଲ୍ଲା ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଗିରଫ ହୋଇଥିବା ସାଧାରଣ ସମ୍ପାଦକଙ୍କ ସମେତ ୪ ଜଣଙ୍କ ବିରୋଧରେ ସଙ୍ଗିନ ଦଫା ଲାଗିଥିବାରୁ ଏବଂ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସଂଘ ବସ୍ ଧର୍ମଘଟରୁ ଓହରି ନାହିଁ।

ଗତକାଲିର ଗଣ୍ଡଗୋଳ ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏଥିସହ ପରିବହନ ବିଭାଗ ପକ୍ଷରୁ ବସ ଚଳାଚଳ ସମୟକୁ ନେଇ ମଧ୍ୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବ ବୋଲି ଏସ୍‌ପି ଏସ୍. ସୁଶ୍ରୀ କହିଛନ୍ତି। ବସଷ୍ଟାଣ୍ଡ ତଥା ବାରିପଦା ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୁଲିସ ମୁତୟନ କରାଯିବା ସହ

- ବାହାରୁନି ସମାଧାନର ବାଟ
- ସଂଘର ସାଧାରଣ ସମ୍ପାଦକଙ୍କ ସମେତ ଦୁଇ ଗୋଷ୍ଠୀରୁ ୧୦ ଗିରଫ
- ବସ ମାଲିକ ସଂଘ ଓ ଜିଲ୍ଲା ପ୍ରଶାସନର ଆଲୋଚନା ବିଫଳ

ଆଲର୍ଟ ରହିବେ। ଜିଲ୍ଲାରେ ବସ୍ ଚଳାଚଳ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ନିମନ୍ତେ ସରକାରୀ ବସ ଚଳାଚଳ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଘରୋଇ ବସ୍‌ଷ୍ଟାଣ୍ଡରୁ ଭଦ୍ରକର ଏକ ଘରୋଇ ବସ୍ (ଦୁର୍ଗା) ରାଇରଙ୍ଗପୁର-ବ୍ରହ୍ମପୁର ଚଳାଚଳ ସମୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ଏଥିରେ ୮ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ୫ ବର୍ଷ ପରେ ଶିମିଳିପାଳକୁ ଫେରିଲେ ବାପ-ପୁଅ

**କରଞ୍ଜିଆ, ୨୨।୬ (ସମିସ):** ୫ବର୍ଷ ପରେ ଘରକୁ ବାହୁଡ଼ିଛନ୍ତି ଦନ୍ତା ରାଜକୁମାର ଓ ମହେନ୍ଦ୍ର। ସାତକୋଶିଆରୁ ୨ଟି ଟ୍ରକ୍ ଯୋଗେ ଏହି ହାତୀଦ୍ୱୟକୁ ଶନିବାର ଶିମିଳିପାଳ ଅଭୟାରଣ୍ୟ ଅଣାଯାଇଛି। ୨୦୧୯ ଜାନୁଆରୀରେ ଏହି ହାତୀ ଦୁଇଟିକୁ ସାତକୋଶିଆ ନିଆଯାଇଥିଲା। ବାଘ ସୁନ୍ଦରୀ ଉପରେ ନଜର ରଖିବା ଲାଗି ଏମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ସୁନ୍ଦରୀର ମୃତ୍ୟୁ ପରେ ବି ହାତୀଦ୍ୱୟଙ୍କୁ ଶିମିଳିପାଳକୁ ଅଣାଯାଇନଥିଲା। ଏନେଇ ବାରମ୍ବାର ଦାବି ହେବା ପରେ ଶେଷରେ ଦୁହିଁଙ୍କୁ ଆଜି ଶିମିଳିପାଳକୁ ଫେରାଇ ଅଣାଯାଇଛି। ସେମାନଙ୍କୁ କେଣ୍ଡୁମୁଣ୍ଡିରେ ରଖାଯିବ। ଡାକ୍ତର ଅବିନାଶ ଆଚାର୍ଯ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଶିମିଳିପାଳକୁ ନିଆଯିବ।

ସୂଚନାଯୋଗ୍ୟ, ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଗତ ୨୦୦୧ ଡିସେମ୍ବରରେ କର୍ଣ୍ଣାଟକ ରାଜୀବ ଗାନ୍ଧୀ ଜାତୀୟ ଉଦ୍ୟାନ ହାମସୁରା ବନ୍ୟପ୍ରାଣୀ ଡିଭିଜନର ହସ୍ତୀ ପ୍ରକଳ୍ପ ଶିବିରରୁ ୩ଟି ହାତୀ (ଦନ୍ତା ମହେନ୍ଦ୍ର ଏବଂ ଦୁଇଟି ମାଈ ହାତୀ ଭବାନୀ ଓ ଶୋଭା) କୁ ଅଣାଯାଇଥିଲା। ପରବର୍ତ୍ତୀ ସମୟରେ ମହେନ୍ଦ୍ର ଓ ଭବାନୀ ଔରସରୁ ଶିବାନୀ ଓ ରାଜକୁମାର ଜନ୍ମ

ଦୁଇଟି ଟ୍ରକ୍‌ରେ ଆସିଲେ ରାଜକୁମାର ଓ ମହେନ୍ଦ୍ର





ଗ୍ରହଣ କରିଥିଲେ। ଏହି ହାତୀଗୁଡ଼ିକୁ ଶିମିଳିପାଳର ବିଭିନ୍ନ ସ୍ଥାନରେ ରଖାଯାଇଥିଲା। ବିଶେଷକରି ଗୁଡ଼ଗୁଡ଼ିଆରେ ହାତୀ ପିଠିରେ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗତ ୨୦୦୯ ମସିହାରେ ମାର୍ଚ୍ଚ ୩୧ତାରିଖରେ ମାଓବାଦୀମାନେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଗୁଡ଼ଗୁଡ଼ିଆରେ ମହେନ୍ଦ୍ର ଉପରକୁ ଗୁଳି ଓ ତୀର ମାରିଥିଲେ। ଗୁରୁତର ମହେନ୍ଦ୍ରକୁ ପରେ ଯଶୀପୁରରେ ଚିକିତ୍ସା କରାଯିବା ସହ ସେହିଠାରେ ହିଁ ରଖାଯାଇଥିଲା। ମହେନ୍ଦ୍ର ସହ ରାଜକୁମାର, ଶିବାନୀ, ଶୋଭା ଓ ଭବାନୀକୁ ମଧ୍ୟ ଯଶୀପୁରକୁ ଅଣାଯାଇଥିଲା।


ପରବର୍ତ୍ତୀ ଅବସ୍ଥାରେ ୨୦୧୯ ଜାନୁଆରୀରେ ବାଘ ସୁନ୍ଦରୀ ଉପରେ ନଜର ରଖିବା ପାଇଁ ଦନ୍ତା ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ଅଭୟାରଣ୍ୟକୁ ନିଆଯାଇଥିଲା। ଏହି ଦୁଇ ହାତୀ ପିଠିରେ ବସି ବନ ବିଭାଗ ସୁନ୍ଦରୀର ଗତିପଥ ଉପରେ ନଜର ରଖୁଥିଲା। କିନ୍ତୁ ଘଟଣାକ୍ରମେ ସୁନ୍ଦରୀର ମୃତ୍ୟୁ ହୋଇଯିବା ପରେ ମଧ୍ୟ ମହେନ୍ଦ୍ର ଓ ରାଜକୁମାରକୁ ଫେରାଇ ଅଣାଯାଇନଥିଲା। ବାରମ୍ବାର ଦାବି ହେବା ପରେ ଶନିବାର ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଦୁଇଟି ଟକ୍ରରେ ମହେନ୍ଦ୍ର ଓ ରାଜକୁମାରକୁ ଶିମିଳିପାଳ ଅଣାଯାଇଛି। ଏହି ଟିମ୍‌ରେ କେନ୍ଦୁଝର ଡିଏଫ୍‌ଓ ଧନରଜ୍ ହନୁମନ୍ତ ଧନ୍ଧିରେ, କରଞ୍ଜିଆ ଡିଏଫ୍‌ଓ ସୁବ୍ରତ କୁମାର ପାତ୍ର, ଶିମିଳିପାଳ ଉତ୍ତର ଉପ-ନିର୍ଦ୍ଦେଶକ ସାଇକିରଣ ଡି ଏନ୍, ଦକ୍ଷିଣର ଉପନିର୍ଦ୍ଦେଶକ ଡ. ସମ୍ରାଟ୍ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାନ୍ତରୁ ଧରାପଡ଼ିଲେ ୧୦ ମାଓବାଦୀ



**ମାଲକାନଗିରି,୨୨।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା ପୁଲିସ ଏକ ଲକ୍ଷ ଟଙ୍କା ଇନାମି ରହିଥିବା ମାଓବାଦୀଙ୍କ ସହ ମୋଟ ୧୦ ମାଓବାଦୀଙ୍କୁ ଗିରଫ କରିଛି। ବିଜାପୁର ଜିଲ୍ଲା ବାସାଗୁଡ଼ା ଥାନାଞ୍ଚଳରେ କୋବ୍ରା ୨୧୦, ସିଆରପିଏଫ ୧୬୮ ବାଟାଲିୟନ ଓ ୨୨୯ ବାଟାଲିୟନ ମିଳିତ ଭାବେ ତଲାସି ଅଭିଯାନ ଚଳାଇଥିଲେ। ଉସୁର ଏବଂ ନରେମ, ପୁସବାକା ଜଙ୍ଗଲରେ ପୁଲିସକୁ ଦେଖି କିଛି ସନ୍ଦିଗ୍ଧ ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କ ମଧ୍ୟରୁ ମୋଟ ୧୦ ଜଣଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ଓ ସେମାନଙ୍କ ମଧ୍ୟରେ ଜଣଙ୍କ ମୁଣ୍ଡରେ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ଜଣାପଡ଼ିଥିଲା। ଗିରଫ ମାଓବାଦୀମାନେ ହେଲେ, ରାଜୁ ଆୟୋମ, ମାସା ନୁପୋ, ପଦନାମ, ଦୋଡି ପୋଦିଆ, ଭିମା ମାଡବୀ, ନାଗେଶ ଧୁର୍ଯ୍ୟା, ସୁଖରାମ ତାମୋ, ଭିମ ମାଡବି, ମୁଚାକି ଦେବା, କନ୍ନା ପଡ଼ିୟୋମ। ଏମାନଙ୍କଠାରୁ ବୋମା, ବିଦ୍ୟୁତ୍ ତାର, ବ୍ୟାଟେରୀ, ସ୍ୱଇଚ୍, ସ୍ପିଲିଟର, ଜିଲୋଟିନ୍, କୋଡେକ୍ସ ତାର, ପ୍ରଭୃତି ସାମଗ୍ରୀ ପୁଲିସ ଜବତ କରିଥିଲା। ଏହାପରେ ୧୦ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବିଜାପୁର ପୁଲିସ ପକ୍ଷରୁ କୁହାଯାଇଛି।

# ଛୋଟ ଦୁଃଖ



ଜୟନ୍ତୀ ରଥ



ନଡ଼ିଆ ଫୁଲ ଡିଜାଇନ୍ । ତିନି ଧାଡ଼ିରେ। ସହଜ ଆଉ ସୁନ୍ଦର। ସୁନ୍ଦର ଆଉ ସହଜ। ବେଶ୍ ଶୀଘ୍ର ଉଲ୍‌ରେ ଉଠିଗଲା ଡିଜାଇନ୍‌ଟି। ମନ ଲାଗିଗଲା ଶାନ୍ତାର। ସ୍ୱେଟରଟା ଲମ୍ବା ହେବ। ଗୋଟେ ଧାଡ଼ିରେ ଶହେ ପନ୍ଦର ଘର। ଥରକୁ ଥର ସୁମନ୍ୟୁଙ୍କୁ ଠିଆ କରେଇ ମାପୁଥିଲା। ଅଣ୍ଟା ଯାଏଁ। କନ୍ଧ ଯାଏଁ। ଓଃ, ତର ସହୁ ନ ଥିଲା ଶାନ୍ତାର। ରାତି ଅନିଦ୍ରା ହୋଇ ବୁଣି ଚାଲିଥିଲା। ଗାଢ଼ କଫି ରଙ୍ଗର ସ୍ୱେଟର।

ମନ ଧ୍ୟାନ ଦେଇ ବୁଣିଚି। ବେଶ୍ ମାନିବ ସୁମନ୍ୟୁଙ୍କୁ। ବେକ ଆଉ ହାତ ବସି କରି ରହୁଛି। ଶାନ୍ତା ନିଜ ହାତର କାରିଗରୀ ପାଇଁ ଖୁସି ହେଉଥିଲା।

ସୁମନ୍ୟୁ ସ୍ୱେଟରଟା ସାର୍ଟ ଉପରେ ପିନ୍ଧି ସ୍କୁଟର ନେଇ ବାହାରକୁ ଗଲେ। ତାଙ୍କ ମୁହଁଟା ଖୁସି ଖୁସି ଦିଶୁଥିଲା। ମୁହଁ ଉପରେ ପ୍ରଶଂସା କରି କିଛି କହିବା ଜଣା ନାହିଁ ସୁମନ୍ୟୁଙ୍କୁ। ସେବେ ବି । ଏବେ ବି।

ସୁମନ୍ୟୁ ଘରକୁ ଫେରିବା ବେଳକୁ ତାଙ୍କ ସାର୍ଟ ଉପରେ ସ୍ୱେଟର ନଥିଲା।

-"ସ୍ୱେଟରଟା ଗଲା କୁଆଡ଼େ ? " ବଡ଼ ଉତ୍ସୁକତାର ସହିତ ପଚାରିଥିଲା ଶାନ୍ତା।

ସୁମନ୍ୟୁ ଶୁଣି ନ ଶୁଣିବା ପରି ନିରବ ରହିଥିଲେ।

ଚାହୁଁ ନଥିବା ପ୍ରଶ୍ନର ଉତ୍ତର ଦେବା ସୁମନ୍ୟୁଙ୍କ ସ୍ୱଭାବ ବାହାରେ, ଏକଥା ଅଳ୍ପ ଦିନର ସଂପର୍କରେ ଜାଣି ଯାଇଥିଲା ଶାନ୍ତା।

ଘରକାମ, ନିଜ ପଢ଼ାଲେଖା ଭିତରେ ହୁଏତ ସେ ସ୍ୱେଟର କଥା ଭୁଲି ଯାଇଥାନ୍ତା।

କିଛିଦିନ ପରେ ବାହାରୁ ଆସିବା ବେଳେ ସୁମନ୍ୟୁ ସ୍ୱେଟରଟି ପିନ୍ଧି ଘରକୁ ଆସିଲେ।

"ଆରେ, ଏଇଟା ତ ସେଇ ସ୍ୱେଟର।"

"ହଁ।" ସଂକ୍ଷିପ୍ତ ଉତ୍ତର ସୁମନ୍ୟୁଙ୍କର।

ସ୍ୱେଟରଟି କାଢ଼ି ଚଉକି ଉପରେ ରଖିଲେ। ଶାନ୍ତା ଓଲଟି ଯାଇଥିବା ସ୍ୱେଟରକୁ ସିଧା କଲା।

ଏଇଟା ସେଇ ସ୍ୱେଟର। କିନ୍ତୁ ସେଥିରେ ସେ ବୁଣିଥିବା ଡିଜାଇନ ନଥିଲା।

ଦୁଇଟି ସାପ ଛନ୍ଦି ହୋଇଥିବା ଡିଜାଇନ୍।

ସେ ଜାଣିଥିବା ଜିଡାଇନ୍‌ଠୁ କଷ୍ଟ ନିଶ୍ଚୟ ଥିଲା। କିନ୍ତୁ ବୁଣାବୁଣି କରିବାର ଅଳ୍ପଦିନର ଅନୁଭୂତିରୁ ସେ ଜାଣିଥିଲା ଯେ ସେଇଟା ଅତି ପୁରୁଣାକାଳିଆ ଡିଜାଇନ୍

- "ଏଇଟା, ମୀନା ବୁଣିଦେଲା। ସେ ଏକ୍ସପର୍ଟ ବୁଣାଳି ତ।" ଅଳ୍ପ ହସି କହିଲେ ସୁମନ୍ୟୁ।

ଓଃ ! ଦୁଃଖ, ଅପମାନ, ଅଭିମାନର ଭାରରେ ରୁଦ୍ଧ ହୋଇଗଲା ଶାନ୍ତାର ଅନ୍ତର।

ମୀନା ସୁମନ୍ୟୁଙ୍କ ସାନ ଭଉଣୀ। ତା'ର ଧାରଣା ସେ ସବୁଠୁ ବେଶି କର୍ମ ନିପୁଣା। ସୀବନ ନିପୁଣା। ଭାଉଜ ହାତବୁଣା ସ୍ୱେଟର ଭାଇ ପିନ୍ଧିବା ଦେଖି ସହ୍ୟ ହେଲା ନାହିଁ ତା'ର। ତେବେ ସେଇ ସ୍ୱେଟରଟାକୁ ଖୋଲି କରି ବୁଣିବା କ'ଣ ଜରୁରି ଥିଲା! ଆଉ ଗୋଟେ ସ୍ୱେଟର କ'ଣ ବୁଣା ଯାଇ ପାରି ନଥାନ୍ତା? ସେ କହୁକହୁ ସ୍ୱେଟରଟା କାଢ଼ି ତାକୁ ଦେଇଦେଲେ ସୁମନ୍ୟୁ। ଭାବିଲେ ନାହିଁ ସେଇ ସ୍ୱେଟରଟା ସହ ମିଶିଥିଲା ତା'ର ସ୍ନେହ, ସୋହାଗ ଓ ଭଲ ପାଇବା।

ଲୁଚେଇ ଲୁଚେଇ ଆଖିରୁ ଉଦ୍‌ଗତ ଲୁହଧାର ସେ ପୋଛି ଦେଇଥିଲା। ତା' ଭିତରର ଦୁଃଖ ଆଉ କାହାକୁ ଜାଣିବାକୁ ଦେଇ ନଥିଲା।

ତା' ପରଠାରୁ ସବୁ ବର୍ଷ ଶୀତ ଋତୁ ଆସିବା ଆଗରୁ ସେ ସ୍ୱେଟର ବୁଣୁ ଥିଲା। କେବେ କାମବାଲୀର ପୁଅ ପାଇଁ, କେବେ ପଡ଼ିଶା ଘରର ଝିଅ ପାଇଁ ତ କେବେ କେଉଁ ବୟସ୍କ ଆତ୍ମୀୟଙ୍କ ପାଇଁ, ମାତ୍ର ସୁମନ୍ୟୁଙ୍କ ପାଇଁ ସ୍ୱେଟର ବୁଣିବା ପାଇଁ ତା'ର ମନ ଆଉ ବଳି ନଥିଲା।

କିଛି ବର୍ଷ ପରେ ।

ଶୀତ ଦିନର ସକାଳ। ଗାଁରେ ଶାଶୂଘରର ଅଗଣାରେ ସାନ ଯାଆ ଓ ଝିଆରୀ ପୁତୁରାଙ୍କ ସହ ସେ ବସିଥିଲା। ନରମ ଖରାରୁ ଉଷୁମ ଟାଣୁଥିଲା। ଦାଣ୍ଡପଟ ଘରୁ ଡାକିଡାକି ପଶି ଆସିଲା ମଦନା।

"ବୋହୂ ମାଆ, ତମ ପାଇଁ ଆଣିଚି ଆମ ବିଲର ଚଣା ଶାଗ। ଏ ଜିନିଷ ତମେ ପାଉ ନଥିବ।"

ତା' କଥା ସରୁ ନଥିଲା। ଚଣା ଶାଗ ତିଆରି କରିବାର ପ୍ରଣାଳୀ ଓ ତା'ର ସୁଆଦ ସଂପର୍କରେ ନାତିଦୀର୍ଘ ଭାଷଣଟିଏ ଦେଉଥିଲା।

ଶାନ୍ତାର ଆଖି ସ୍ଥିର ଥିଲା ମଦନା ପିନ୍ଧିଥିବା ସ୍ୱେଟର ଉପରେ। ସେଇ କଫି ରଙ୍ଗ। ସେଇ ଯୋଡ଼ା ସାପ ଡିଜାଇନ୍। ଏ ସ୍ୱେଟର ମଦନା ପାଖକୁ କେମିତି ଆସିଲା?

ମନ ତଳେ ଶୋଇ ଯାଇଥିବା ଅଭିମାନ ଚେଇଁ ଉଠିଲା ଶାନ୍ତାର।

"ଏ ସ୍ୱେଟର ତମେ କେଉଁଠୁ ପାଇଲ ମଦନା?"

"ତମର ମନେ ନାହିଁ ବୋହୂ ମାଆ। ତମେ ପରା ପଠେଇ ଥିଲ ବାବୁଙ୍କ ହାତରେ। ଶୀତ ଦିନ ଏଇ ଖଣ୍ଡିକ ମୋର ଦେହଲଗା। ଯେତେ କାଲୁଆ ଜାଡ଼ ହେଉ, ଏଇ ଖଣ୍ଡକ ଦେହରେ ଥିଲେ ମୁଁ ସମ୍ଭାଳି ଯାଉଚି। ନ ମାଗୁଣୁ ଏ ଅରଖ ନୂଆ ସ୍ୱେଟରଟା ଦେଲ। ତମ ପରି ମନ କିଏ ବୁଝିବ, ବୋହୂ ମାଆ। ଆମେ ଗରିବ ଲୋକ। ଦେହରେ ଘୋଡ଼ି ହେଲା ପକେଇ କ'ଣ କାମ କରିପାରିବୁ?"

X X X X

ସୁମନ୍ୟୁ କ'ଣ ବୁଝି ପାରିଥିଲେ ତା'ର ଅଭିମାନ। ତା'ର ଅବସୋସ।

ଜଞ୍ଜାଳ ଭିତରେ ଥାଇ ଶାନ୍ତା ଧ୍ୟାନ ଦେଇ ନ ଥିଲା ଯେ ସୁମନ୍ୟୁ ଆଉ ସେଇ ସ୍ୱେଟର ପିନ୍ଧୁ ନଥିଲେ।

କେତେବେଳେ ସେଇ ଖଣ୍ଡକ ସେ ମଦନାକୁ ଦେଇଥିଲେ ତାହା ବି ସେ ଜାଣି ନଥିଲା।

ମଦନା ଶାଗ ଥୋଇ ବାଡ଼ିପଟକୁ ଚାଲି ଯାଇଥିଲା। ଯାଆ ଦୁହେଁ ରୋଷେଇ ଘର ଭିତରେ କାମରେ ଲାଗିଥିଲେ।

ଶାନ୍ତା ଭାବୁଥିଲା – ସ୍ୱେଟରଟିକୁ ନେଇ ତା'ର ଅଭିମାନର ଓଜନ ନା ସୁମନ୍ୟୁଙ୍କର ଗ୍ଲାନିର ଓଜନ କେଉଁଟା ଅଧିକ ଥିଲା? ■

ସାଇସୁଧା
୩୬୫/୩୦୭୫
ଶିଶୁ ବିହାର, ପଟିଆ, କିଟ୍, ଭୁବନେଶ୍ୱର
ମୋ:୮୮୯୫୬୯୭୯୫୬

# ସବୁଜ ବିଶ୍ୱାସ

ସୌଭାଗ୍ୟବନ୍ତ ମହାରଣା



ଚିରହରିତ୍ ଅରଣ୍ୟରେ
ସବୁଜିମାର ଗୀତ ଗାଉଥିବା
ସେ ଡାଳ ପତ୍ର ଫୁଲଙ୍କ ସମାରୋହରେ
ଆମେ କେବେ ଆଉ ସାମିଲ ହେବା
ନିଜ ଆଖି ଓ କାନମାନଙ୍କୁ ଫୁସୁଲେଇ
ଶାଗୁଆ ପ୍ରେମର ବନ୍ଧନରେ
ବାନ୍ଧି ଦେବାକୁ ଆମର ବିଶ୍ୱାସ ?

ଆମର ବିରାଟ ପ୍ରଶ୍ନ ଭିତରେ
ଛପିଥିବା କ୍ଷୁଦ୍ର ଉତ୍ତରଟେ
ଥରେ ଥରେ ଆମକୁ ଚକିତ କରେ
ବିଶ୍ୱାସର ବଗିଚାରେ
ଫୁଲଗଛଙ୍କ ଉଦାରତା ଚିହ୍ନିବାକୁ
ସତ ଭିତରେ ଲୁଚିଥିବା
ମିଛର ଗୁରୁତ୍ୱ ବୁଝିବାକୁ।

ଶବ୍ଦ ଭିତରେ ଅର୍ଥର ଗୌରବ
ଭାବ ଭିତରେ ଭାଷାର ପ୍ରଭାବ
ଶ୍ଳୋକ ମଧ୍ୟରେ ମନ୍ତ୍ରର ବିଭବ
ଆମ ଅବୁଝାପଣରେ ଆଣେ



ପାର୍ଥିବତାରୁ ନିଜକୁ ମୁକୁଳେଇ
ନିଜକୁ ନିଜ ଭିତରେ ଖୋଜିବାର ବିଶ୍ୱାସ ।

ଏ ନଷ୍ଟଭୂମିରେ ପାଦ ଥାପୁଥାପୁ
ମାଟିର ଉର୍ବରତା ଖୋଜିବାର ନିଶା
ଆମ ପାଇଁ ଗୋଟେ କାହାଣୀ ସ୍ୱପ୍ନଭଙ୍ଗର
ଆମ ଆତୁରତା ଭିତରେ ଭାଙ୍ଗି ପଡୁଥିବା
ଶୁଖିଲା ଗଛରୁ ପାଚିଲା ପତ୍ରର ମର୍ମର
କ୍ରମଶଃ ଆମ ପାଖରୁ ହଜି ଯାଉଥିବା
ଆତ୍ମପ୍ରତ୍ୟୟର ଶାଗୁଆ ଝଙ୍କାର।

ଏବେ ବିଶ୍ୱାସ ସବୁ ବିସ୍ଥାପିତ
ଆମ ଚେତନାର ଚୌହଦୀରୁ
ଆସ୍ଥାମାନେ ଆକ୍ରାନ୍ତ
ଅସାଧ୍ୟ ରୋଗର ପ୍ରାଦୁର୍ଭାବରୁ
ଆମ ଭିତରେ ଧର୍ମର ଆଖିଠାରକୁ
ଭୁଲ୍ ବୁଝାମଣାରେ ବ୍ୟସ୍ତ ସମସ୍ତେ।

ଅପେକ୍ଷା ଆଦରି ନେବା ଲୋକଙ୍କୁ
ଖୋଜା ଚାଲିଛି ଏଇନେ
ନିଜକୁ ଶାଗୁଆ ଗଛ ମନେ କରି
ଡାଳପତ୍ର ଫୁଲ ଫଳରେ
ଦେହକୁ ଚିର ସତେଜ ରଖିବାକୁ
ସବୁଜ ବିଶ୍ୱାସର ମୃଦୁ ପବନରେ
ଜୀବନର ତଲ୍ଲୀନତାର ଗୀତ ଗାଇବାକୁ । ■

'ଭାରତୀ ଭବନ', ଶିବମ୍ କଲୋନୀ
ଆୟକର ଭବନ ପଛ, ସମ୍ବଲପୁର
ମୋ: ୯୪୩୭୪୫୭୭୩୬

# ବେରସିକ

ଅଜୟ ପ୍ରଧାନ



ଟିପିଟିପି ବର୍ଷା ଆଉ ଲୋଡ଼ାନାଇଁ ଚନ୍ଦ୍ରକିରଣର
ସର୍ଦ୍ଦି ହେଇଯାଉଚି ଫଟ୍
ଲୋଡ଼ା ନାଇଁ କଅଁଳ କୁସୁମ ହାର
ସମ୍ଭାଳିପାରିବ ନାଇଁ ମାଟିମୁହାଁ ବେକ ମୋର
ଖତେଇ ହଉଚି ଅମୁଲ୍ ଖରା ମଧ୍ୟାହ୍ନର
ଯେତିକି ଅଛି ସେତିକି ଥାଉ ଭଲପାଇବା
ଯଦି ଅଛିବା କା'ର ।



ବୟସ ବୁଢ଼ା କରିପାରେନା କହି
ମନକୁ ଛୁଇଁଦଉଚି ଯୋଉ ମଳୟ
ଦେହରେ ତା' ଯାଉନି ଆଉ,
ସିରିସିରି ହେଇଯାଉନି ହୃଦୟ;
ତଣ୍ଟିପାଖରେ ପଡ଼ିଯାଉଚି ତାଟି
ବାହାରିପାରୁନି ସ୍ୱର
ଡରିଡରି ଚଉଦବିଶ୍ୱ।
ମନ୍ଦିର ବି ପାଲଟିଯାଉଚି ପଥର !

ଛପର ଉଡ଼ିଗଲାଣି, ଛାଡ଼ିବାକୁ ବସିଲାଣି ଘର
ମୁଁ ପାରୁନି ଛାଡ଼ି ତାକୁ;
ଆଗରେ, ବାଆଁ ପଟେ, ଥିଲା ଗୋଟେ ଗାଆଁ
ସହରୀକରଣ ପରେ ଠକଠକ ଶୁଖିଲାପଡ଼ିଚି ତା' ନାଆଁ
କରରେ ଥିଲା ଯାବତ ଖଣିଜ ଦରବ
ହେଇ,ସେଠି, ଥିଲା ନଈ
କଂପାନିଏ ନେଲେ ହାତଗୁଞ୍ଜା ଦେଇ
ଥିଲା, ତିନି ବାଇ ଚାରି ମାଇଲ୍ ଜଙ୍ଗଲ
ତାକୁ ଗୋଠହେଇ ଦେଲେ ଜଳେଇ
ହରିବୋଲ ହୁଳହୁଳି ପକେଇ,
ସୁନାହରିଣ ବୁଲୁଥିଲା ଡେଇଁଡେଇଁ
ଫଡ଼ାଏ ଫଡ଼ାଏ ହଜମ କରିଦେଲେ ଖାଇ !


କହିବ କିଏ କା'କୁ !
ଛାଡ଼ ହେ,
କଲେଇ ଯାଉପଛେ ଉଡ଼ି
ଇଏ ଥାଇ ତ ଦୁନିଆ ଥାଇ,
ସେମିତି ଦୁଃଖେ କଷ୍ଟେ ଚାଲିଥାଉ ସବୁ;
ମାଳିଗଡ଼ା ଚାଲିଥାଉ
ଥାଉ, ବନେ ଗଲେ ବନମାଳୀ ଫେଙ୍ଗତି କି ଆଉ ? ■

ମୋ: ୭୯୭୮୮୫୮୦୯୧

## ପୁସ୍ତକ ପରିଚୟ

### ସୁକାନ୍ତିର ଇନ୍ଦିରା ଆବାସ

ଗଂଗାଧର ବିଶ୍ୱାଳ




ଆଦିତ୍ୟ ଭାରତ
ସେକ୍ଟର ୬, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ଗାଳ୍ପିକ ଗଂଗାଧର ବିଶ୍ୱାଳଙ୍କ 'ସୁକାନ୍ତିର ଇନ୍ଦିରା ଆବାସ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୨୫ଟି ଗଳ୍ପ ସଂକଳିତ ହୋଇଛି। ଅନେକ ଗପରେ ସାମାଜିକ ବାସ୍ତବତା, ସାମାଜିକ ପ୍ରତିବଦ୍ଧତା, ମାନବୀୟ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି। ଆଜିକାଲି ଅଚିହ୍ନା ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ କେହି କେହି କିଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାହା ପ୍ରତିଫଳିତ ହୋଇଛି 'ଲିଫ୍‌ଟ ପ୍ଲିଜ୍' ଗପରେ। ଜଣେ ମହିଳା କିଭଳି ଜଣେ ବାଇକ୍ ଆରୋହୀ ଯୁବକଙ୍କୁ ଲିଫ୍‌ଟ ମାଗି ହଇରାଣ କରିବାକୁ ଚାହୁଁଛି, ତାକୁ ନେଇ ଏହି ଗପର କାହାଣୀ ଗତିଶୀଳ। ସେହିପରି 'ସନା ଯାଦବ' ଗଳ୍ପରେ ମାନବିକତାର ସ୍ୱର ପ୍ରସ୍ଫୁଟିତ ହୋଇଉଠିଛି। ସେପଟେ ଜଣେ ଅସହାୟ ମହିଳାଙ୍କ ସଂଘର୍ଷମୟ ଜୀବନକୁ ନେଇ ରଚିତ ହୋଇଛି 'ସୁକାନ୍ତିର ଇନ୍ଦିରା ଆବାସ' ଗପଟି। ସତ୍ୟ, ନ୍ୟାୟ ଓ ଅଧିକାର ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥିଲା ସୁକାନ୍ତି। ଅସହାୟା ଓ ସ୍ୱାମୀ ପରିତ୍ୟକ୍ତା ମହିଳା ଭାବେ ଇନ୍ଦିରା ଆବାସଟେ ପାଇବା ଥିଲା ତା' ପାଇଁ ବରଦାନ ସଦୃଶ। ସେହିପରି 'ଏକ ରୋଚକ ବିଜ୍ଞାପନ କାହାଣୀ', 'ପ୍ରଦ୍ୟୁମ୍ନ ପଲେଇଙ୍କ ଦସ୍ତଖତ', 'ଭାଇଚାରାର ଗାଁ', 'ଦି' ଟୋପା ଲୁହ', 'ନଈ ପହଁରା ମୁହଁ', 'ବାପାଙ୍କ ତୀର୍ଥ ଭ୍ରମଣ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଶେଫାଳିର ଅପେକ୍ଷାରେ

ଡକ୍ଟର ମମତା ତ୍ରିପାଠୀ




ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମାର୍କେଟ୍
କଟକ-୧୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

କେତେବେଳେ ପ୍ରକୃତି ପ୍ରେମରେ ବିଭୋର ତ କେତେବେଳେ ଅତୀତର ସଜଳ ସ୍ମୃତି ପ୍ରତି ମୋହାଚ୍ଛନ୍ନ। ପୁଣି କେତେବେଳେ ବିଭୁପ୍ରେମରେ ତଲ୍ଲୀନ। ନିବିଡ଼ ଅନୁଭବ ଓ ନିଆରା ଅନୁଭୂତିରେ ବର୍ଣ୍ଣିଳ କବୟିତ୍ରୀ ଡକ୍ଟର ମମତା ତ୍ରିପାଠୀଙ୍କ କବିତା ପୁସ୍ତକ 'ଶେଫାଳିର ଅପେକ୍ଷା'ରେ। ଏହି ପୁସ୍ତକରେ ମୋଟ ୭୧ଟି କବିତା ସଂକଳିତ ହୋଇଛି। 'ସପନ ଆମ ଗାଁ', 'କେତକୀ', 'ଅଭିନନ୍ଦନ ନୂଆ ବରଷ', 'ବସନ୍ତର ଆଗମନେ','ଚପଳ ଛନ୍ଦର ଅଝଟ ମନରେ ବସନ୍ତ ଆସିଛି', 'ସଞ୍ଜବତୀ', ଆଦି କବିତାରେ ପ୍ରକୃତିର ମନୋରମ ସୌନ୍ଦର୍ଯ୍ୟ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି। ସେହିପରି 'ଗଣେଶ ସ୍ତୁତି', 'ସ୍ରଷ୍ଟାଙ୍କ ସୃଷ୍ଟି', 'ବୁଝ ଆହେ ଭଗବାନ', 'ତୁମେ ମୋ ଦେବତା ପ୍ରଭୁ', 'ଅପରୂପା ମା', 'କଳାସାଆନ୍ତେ', 'ଏ କି ତୁମର ବଡ଼ପଣ', 'ପ୍ରଭୁ ପାଦେ ଶରଣ', 'ଜପାମାଳି' ଆଦି କବିତାରେ ଦେବଦେବୀଙ୍କ ପ୍ରତି ଭକ୍ତିଭାବ ପ୍ରସ୍ଫୁଟିତ ହୋଇଉଠିଛି। ସେଭଳି 'ସୁନା ଝିଅ', 'ମାଆ', 'ନିବିଡ଼ ବନ୍ଧନ', 'ଜେଜେ ମାଆ' ଆଦି କବିତାରେ ମାନବୀୟ ସଂପର୍କର ଆତ୍ମୀୟତା ଚିତ୍ରିତ ହୋଇଛି। ଏହି ପୁସ୍ତକର ବିଭିନ୍ନ କବିତାରେ ପ୍ରକୃତି ପ୍ରୀତି, ଆଧ୍ୟାତ୍ମିକତା, ଭକ୍ତିଭାବ, ମାନବୀୟ ଭାବାବେଗ , ସ୍ମୃତି ରୋମନ୍ଥନ ଅତି ମାର୍ମିକ ଭାବେ ଫୁଟି ଉଠିଛି। 'ଶେଫାଳିର ଅପେକ୍ଷାରେ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ଓଡ଼ିଆ ବୈଜ୍ଞାନିକ ଉପନ୍ୟାସ

ସତ୍ୟବ୍ରତ ପାଣିଗ୍ରାହୀ



କଳ୍ପନା ଓ ବାସ୍ତବତା - ମଣିଷର ଚିନ୍ତା ପ୍ରକ୍ରିୟାର ଦୁଇଟି ଭିନ୍ନ ସ୍ତର। ସାହିତ୍ୟରେ ଗଳ୍ପ ଏବଂ ଉପନ୍ୟାସ ବିଶେଷ ଭାବରେ କାଳ୍ପନିକ କାହାଣୀ ଓ କାଳ୍ପନିକ ଚରିତ୍ରକୁ ନେଇ ଗଢ଼ା। କିନ୍ତୁ ବିଜ୍ଞାନ ବସ୍ତୁନିଷ୍ଠ ଜ୍ଞାନ ଏବଂ ପରୀକ୍ଷଣ ଆଧାରିତ ସତ୍ୟ ଉପରେ ନିର୍ଭର କରେ। ଉଭୟର ସଙ୍ଗମ ଘଟେ ବିଜ୍ଞାନ ସାହିତ୍ୟରେ। ବିଜ୍ଞାନର ବିଭିନ୍ନ ତତ୍ତ୍ୱ, ନିୟମକୁ ଉପଜୀବ୍ୟ କରି ବିଜ୍ଞାନ ଲେଖକ କାଳ୍ପନିକ ଉପନ୍ୟାସ ଏବଂ ଗଳ୍ପ ରଚନା କରନ୍ତି। ବୈଜ୍ଞାନିକ ସତ୍ୟ ଉପରେ କଳ୍ପନାର ପୁଟ ଦେବା ଫଳରେ ଉପନ୍ୟାସର କାହାଣୀ ଆହୁରି ରସାଳ ଓ ରୋମାଞ୍ଚକର ହୁଏ। ବିଜ୍ଞାନ କଥା ସାହିତ୍ୟରେ ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱର ଏକ କଳାତ୍ମକ ଅଭିବ୍ୟକ୍ତି ଘଟିଥାଏ। କଳ୍ପନା ନିଜକୁ ପ୍ରକାଶ କରିବା ପାଇଁ ବିଜ୍ଞାନର ସାହାଯ୍ୟ ନିଏ, ସେଥିରୁ ସୃଷ୍ଟି ହୁଏ କଳ୍ପବିଜ୍ଞାନ। ବିଜ୍ଞାନର ବର୍ତ୍ତମାନ ସ୍ଥିତିକୁ ଭିତ୍ତି କରି ବିଜ୍ଞାନ ଔପନ୍ୟାସିକ ଭବିଷ୍ୟତ ପୃଥିବୀର ସମ୍ଭାବ୍ୟ ଚିତ୍ର ଆଙ୍କନ୍ତି ଏବଂ ନିକଟ ଭବିଷ୍ୟତରେ ହେବାକୁ ଥିବା ଅଭୂତପୂର୍ବ ବୈଜ୍ଞାନିକ ଉଦ୍ଭାବନ ସମ୍ପର୍କରେ ଆକଳନ କରନ୍ତି। ସମାଜରେ ବୈଜ୍ଞାନିକ ଦୃଷ୍ଟିକୋଣ ଓ ଚିନ୍ତନର ପ୍ରସାର କରିବା ଲକ୍ଷ୍ୟ ହିଁ ବିଜ୍ଞାନଭିତ୍ତିକ କଥା ସାହିତ୍ୟ ରଚନାକୁ ପ୍ରୋତ୍ସାହିତ କରେ। ଅନ୍ୟାନ୍ୟ ଭାରତୀୟ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ବିଜ୍ଞାନ କଥା ସାହିତ୍ୟର ଏକ ବଳିଷ୍ଠ ଇତିହାସ ଅଛି।

ବିଜ୍ଞାନ ସାଧାରଣତଃ ଏକ ଜଟିଳ ବିଷୟ। କିଛି ଦଶନ୍ଧି ପୂର୍ବେ ବିଜ୍ଞାନ କେବଳ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣାଗାରର ଚାରି କାନ୍ଥ ଭିତରେ ସୀମିତ ହୋଇ ରହିଥିଲା। ସାମାଜିକ ଗଣମାଧ୍ୟମ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ସେତେବେଳେ ନଥିଲା। ବିଜ୍ଞାନର ଅଗ୍ରଗତି କିମ୍ବା ସମାଜ ଉପରେ ବିଜ୍ଞାନର ପ୍ରଭାବ ସମ୍ପର୍କରେ ସାଧାରଣ ଲୋକେ ଥିଲେ ଅଜ୍ଞ। ଠିକ୍ ସେହି ସମୟରେ କିଛି ବିଜ୍ଞାନ ଲେଖକ ଲୋକପ୍ରିୟ ବିଜ୍ଞାନ ରଚନା ଆରମ୍ଭ କରିଥିଲେ । ସାଧାରଣ ପାଠକଟିଏ ବୁଝିଲା ଭଳି ଆକର୍ଷଣୀୟ ଢଙ୍ଗରେ ବିଜ୍ଞାନକୁ ନେଇ ଉପନ୍ୟାସ, ଗଳ୍ପ ଆଦି ରଚନା ଆରମ୍ଭ ହୋଇଥିଲା। ଓଡ଼ିଶାରେ ଓଡ଼ିଆ ଭାଷାରେ ଏଭଳି ବୈପ୍ଳବିକ ଆରମ୍ଭର ପୁରୋଧା ଥିଲେ ଡ. ଗୋକୁଳାନନ୍ଦ ମହାପାତ୍ର। ସେ ଥିଲେ ଓଡ଼ିଆ ବିଜ୍ଞାନ ସାହିତ୍ୟର ଭୀଷ୍ମ ପିତାମହ। ବିଜ୍ଞାନକୁ ନେଇ ଓଡ଼ିଆ ଭାଷାରେ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ରଚନା କରିବାରେ ସେ ହେଉଛନ୍ତି ପ୍ରଥମ। ତାଙ୍କରି ଉଦ୍ୟମରେ ଓଡ଼ିଆ ଭାଷାରେ ବିଜ୍ଞାନ ସାହିତ୍ୟ ବଳିଷ୍ଠ ହୋଇପାରିଥିଲା। ବିଜ୍ଞାନ ଭଳି ଆକର୍ଷଣୀୟ କିନ୍ତୁ ଜଟିଳ ବିଷୟକୁ ସେ ଜନମାନସରେ ପହଞ୍ଚାଇ ପାରିଥିଲେ। ୧୯୪୫ ମସିହାରେ ତାଙ୍କ ରଚିତ 'ପରମାଣୁ ବୋମା' 'ଶଙ୍ଖ' ପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ ଗୋକୁଳାନନ୍ଦଙ୍କ ଲେଖକ ଜୀବନର ମୂଳଦୁଆ ପଡ଼ିଥିଲା। ଏହା ଓଡ଼ିଆ ଭାଷାରେ ପ୍ରଥମ ଆଧୁନିକ ଜନପ୍ରିୟ ବିଜ୍ଞାନ ରଚନା। ୧୯୫୨ ମସିହାରେ ସେ ଲେଖିଥିଲେ କଳ୍ପ ବିଜ୍ଞାନ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ'। କେବଳ ଓଡ଼ିଆ ଭାଷା ନୁହେଁ, ସର୍ବଭାରତୀୟ ଭାଷାରେ ସେତେବେଳେ ଏହା ଥିଲା ସର୍ବପ୍ରଥମ ମୌଳିକ ବୈଜ୍ଞାନିକ ଉପନ୍ୟାସ। ଏହା ପ୍ରକାଶିତ ହେବା ପରେ ପାଠକ ତାଙ୍କୁ ଶ୍ରଦ୍ଧାରେ 'ପୃଥିବୀ ବାହାର ମଣିଷ' ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ଗଳ୍ପ ପୁସ୍ତକ 'ଉଡ଼ନ୍ତା ଥାଳିଆ', ସେ ସମୟରେ ଓଡ଼ିଆ ପାଠକ ମହଲରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ବିଜ୍ଞାନର ଚମତ୍କାର ବିଷୟବସ୍ତୁକୁ ଆଧାର କରି ରୋମାଞ୍ଚ ଭରା ସାହିତ୍ୟ ସୃଷ୍ଟି କରିବାରେ ସେ ସିଦ୍ଧହସ୍ତ। ଉପନ୍ୟାସର ଚରିତ୍ରଗୁଡ଼ିକର ନାମକରଣରେ ତାଙ୍କ ଓଡ଼ିଆ ପ୍ରୀତି ବାରି ହୋଇପଡ଼େ। ଅନେକ ପୁସ୍ତକରେ ସେ ସମାଜ ଉପରେ ବିଜ୍ଞାନର ପ୍ରଭାବକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। 'ଚନ୍ଦ୍ରର ମୃତ୍ୟୁ','ନିଶ୍ଚଳ ପୃଥିବୀ', 'ସମୟର ଫାଟ', 'ମୃତ୍ୟୁ ରଶ୍ମି', 'ମୃତ୍ୟୁ ଏକ ମାତୃତ୍ୱର', 'ସୁନାର ଓଡ଼ିଶା', 'ନିସ୍ତବ୍ଧ ଗୋଧୂଳି', 'କୃତ୍ରିମ ଉପଗ୍ରହ' ଆଦି ତାଙ୍କ ଦ୍ୱାରା ରଚିତ କିଛି ଉପନ୍ୟାସ। କିଛି ଉପନ୍ୟାସ ଦୂରଦର୍ଶୀ ମଧ୍ୟ, ଯାହା ଭବିଷ୍ୟତରେ ହେବାକୁ ଥିବା ସମ୍ଭାବନା ଏବଂ ଆଶଙ୍କାକୁ ସୂଚାଇ ଦିଏ।

ଓଡ଼ିଆ ସାହିତ୍ୟର ଅନ୍ୟତମ ମହାନ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ। ବୃତ୍ତିରେ ରସାୟନ ବିଜ୍ଞାନର ଅଧ୍ୟାପକ, କିନ୍ତୁ ଜୀବନର ଅଧିକାଂଶ ସମୟକୁ କଳ୍ପବିଜ୍ଞାନଧର୍ମୀ ଉପନ୍ୟାସ ରଚନାରେ ସମର୍ପିତ କରିଛନ୍ତି। ପ୍ରାଚୀନ ଭାରତୀୟ ଦର୍ଶନର ବିଭିନ୍ନ ତତ୍ତ୍ୱ ଏବଂ ଆଧୁନିକ ବିଜ୍ଞାନର ଚାଞ୍ଚଲ୍ୟକର ନୂତନ ଧାରଣା ମଧ୍ୟରେ ସେ ଖୋଜି ପାରିଛନ୍ତି ଏକ ଚମତ୍କାର ସାଦୃଶ୍ୟ। ସେହିଭଳି ଭୌତିକ ବିଜ୍ଞାନ ଏବଂ ଆଧ୍ୟାତ୍ମିକ ଦର୍ଶନ ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ଆଧାରିତ ତାଙ୍କର 'ବହୁ ବହୁ ଜନ୍ମ' ଏବଂ 'ଜେଜେ ମଲା ପରେ' ଉପନ୍ୟାସ। 'ବହୁ ବହୁ ଜନ୍ମ' ଉପନ୍ୟାସର କଥାବସ୍ତୁରେ ମଣିଷର ପୁନର୍ଜନ୍ମ ରହସ୍ୟ ଭେଦ କରିବା ପାଇଁ ଲେଖକ ପଦାର୍ଥ ବିଜ୍ଞାନର କ୍ୱାଣ୍ଟମ୍ ତତ୍ତ୍ୱର ଉପଯୋଗ କରିଛନ୍ତି। ଏଥିରେ ବିଶ୍ୱ ବ୍ରହ୍ମାଣ୍ଡର ଦଶ ଆୟାମ ବା ଡାଇମେନସନ୍‌କୁ ମର୍ତ୍ତ୍ୟଲୋକରୁ ବିଷ୍ଣୁଲୋକ ପର୍ଯ୍ୟନ୍ତ ବ୍ୟାପୀ ଥିବା ଦଶଟି ଲୋକ ସହ ତୁଳନା କରାଯାଇଛି। ଲେଖକ ଶ୍ରୀ ଆଚାର୍ଯ୍ୟ ତାଙ୍କର 'ଜେଜେ ମଲା ପରେ' ଉପନ୍ୟାସରେ ଏକ ଅଭିନବ ବିବର୍ତ୍ତନ ତତ୍ତ୍ୱର ଅବଧାରଣା ସହ ବହୁ ଆୟାମଯୁକ୍ତ ବିଶ୍ୱର ପରିକଳ୍ପନା କରିଛନ୍ତି। ଏହା ଛଡ଼ା 'ଆକାଶକୁ ସାତୋଟି ପାହାଚ', 'ନିଆଁ ଲାଗି ଓପି', 'କଥାରେ କଥାରେ ବିଜ୍ଞାନ', 'ଦିନେ ଆକାଶ ବି ନଥିଲା' ଭଳି ଶିଶୁ ବିଜ୍ଞାନ ସାହିତ୍ୟ ସେ ସୃଷ୍ଟି କରିଛନ୍ତି।

ବିଜ୍ଞାନ ଓ ଦର୍ଶନ ଉଭୟ ବିଷୟରେ ସାରସ୍ୱତ ସାଧନା କରିଥିବା ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଡକ୍ଟର ନୃସିଂହ ଚରଣ ପଣ୍ଡା। ଜୀବନ ଜଗତର ସୃଷ୍ଟି ବିଷୟ ତଥା ଯୋଗ ଓ ମନୋବିଜ୍ଞାନର ଗୂଢ଼ ବିଷୟଗୁଡ଼ିକ ତାଙ୍କ ରଚନାରେ ପ୍ରତିଫଳିତ। ବିଜ୍ଞାନର ଦୁରୁପଯୋଗ, ବୈଜ୍ଞାନିକଙ୍କ ନୈତିକତା, ଆଧୁନିକ ଶିଳ୍ପ ସଭ୍ୟତାର ଭବିଷ୍ୟତ ରୂପରେଖକୁ ଉପରେ ଡକ୍ଟର ପଣ୍ଡାଙ୍କ 'ଦଗ୍ଧ ଗୋଲାପର ଚିର ବସନ୍ତ' ଉପନ୍ୟାସ ଆଧାରିତ। ସୃଷ୍ଟି ତତ୍ତ୍ୱ ଓ ବ୍ରହ୍ମାଣ୍ଡ ବିଜ୍ଞାନ ସମ୍ବନ୍ଧୀୟ ପ୍ରାଚ୍ୟ ଦର୍ଶନ ଓ ପାଶ୍ଚାତ୍ୟ ବିଜ୍ଞାନକୁ ଆଧାର କରି ତାଙ୍କ ଦ୍ୱାରା ରଚିତ ଇଂରାଜୀ ପୁସ୍ତକ 'ଦ ଭାଇବ୍ରେଟିଂ ୟୁନିଭର୍ସ' ଏବଂ 'ମାୟା ଇନ୍ ଫିଜିକ୍ସ' ପାଠକଙ୍କ ମହଲରେ ଆଦୃତ ହୋଇପାରିଛି।

ସେହିଭଳି ବୈଜ୍ଞାନିକ ଚିନ୍ତା ଓ ଦର୍ଶନକୁ ଆଧାର କରି ଇଂରାଜୀ ଓ ଓଡ଼ିଆ ଭାଷାରେ ଅନେକ ପୁସ୍ତକ ରଚନା କରିଥିବା ଡକ୍ଟର ଦେବକାନ୍ତ ମିଶ୍ର ଜଣେ ବିଚକ୍ଷଣ ସାହିତ୍ୟିକ। ୧୯୯୨ ମସିହାରେ ପ୍ରକାଶ ପାଇଥିବା 'କୃତ୍ରିମ ମଣିଷ' ଉପନ୍ୟାସରେ ଶ୍ରୀ ମିଶ୍ର ମହାକାଶ ବିଜ୍ଞାନ, କମ୍ପ୍ୟୁଟର, ରେଡିଓ ଟେଲିସ୍କୋପର ଉପଯୋଗିତା ତଥା ମାନବ ଜାତିର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଛନ୍ତି।

ବିଜ୍ଞାନର ଜଟିଳ ବିଷୟକୁ ନେଇ ଶିଶୁ ସାହିତ୍ୟ ରଚନାରେ ସମର୍ପିତ ଜ୍ୟୋତିର୍ମୟୀ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକା ଭାବେ ସୁପରିଚିତ। ବହୁ ଚର୍ଚ୍ଚିତ ରହସ୍ୟମୟ ବର୍ମୁଡ଼ା ତ୍ରିଭୁଜକୁ ଭିତ୍ତି କରି ସେ ଲେଖିଛନ୍ତି 'ମୃତ୍ୟୁର ତ୍ରିଭୁଜ' ଉପନ୍ୟାସ। 'କଲମି ମଣିଷ', 'ପିରାମିଡ୍', 'ବରଫ ତଳୁ ଜୀବନ', 'ବିଜ୍ଞାନ ମୁଣି କହେ କାହାଣୀ' ଆଦି ତାଙ୍କର ଅନନ୍ୟ କୃତି ମଧ୍ୟରୁ ଅନ୍ୟତମ। ସେହିପରି ବରିଷ୍ଠ ସାମ୍ବାଦିକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଓଡ଼ିଶାର ଜଣେ ବିଶିଷ୍ଟ ବିଜ୍ଞାନ ଲେଖକ ତଥା ଔପନ୍ୟାସିକ ଭାବେ ବେଶ୍ ପରିଚିତ। 'କାମୋଡ଼ ଦ୍ୱୀପର ଡ୍ରାଗନ୍', 'ପାତାଳ ମଣିଷ', 'ସୁବର୍ଣ୍ଣ ଗ୍ରହରେ ଜନ୍ ଓ ମେରୀ', 'ବିସ୍ମାରିତ ପୃଥିବୀ' ଇତ୍ୟାଦି ଡକ୍ଟର ମହାପାତ୍ରଙ୍କ ଲିଖିତ କିଛି ଲୋକପ୍ରିୟ ବିଜ୍ଞାନ ଉପନ୍ୟାସ।

ଭାରତରେ ଆଞ୍ଚଳିକ ଭାଷାରେ ରଚିତ ବିଜ୍ଞାନ ଉପନ୍ୟାସ ଓ ଗଳ୍ପ ସଂକଳନ ସମ୍ପର୍କରେ ଲେଖକ ସୁପର୍ଣ୍ଣ ବାନାର୍ଜୀ ତାଙ୍କ ପୁସ୍ତକ 'ଇଣ୍ଡିଆନ୍ ସାଇନ୍ସ ଫିକ୍ସନ୍'ରେ ଆଲୋଚନା କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି ପୁସ୍ତକରେ ଗୋକୁଳାନନ୍ଦ ମହାପାତ୍ରଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ କୌଣସି ବିଜ୍ଞାନ ଔପନ୍ୟାସିକଙ୍କ ନାମ ଉଲ୍ଲେଖ ହୋଇନାହିଁ। ଏହାର ଏକ ପ୍ରମୁଖ କାରଣ ହେଉଛି, ଓଡ଼ିଆ ଭାଷାରେ ଲେଖା ହୋଇଥିବା ବିଜ୍ଞାନ ଉପନ୍ୟାସ ଇଂରାଜୀ ତଥା ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହୋଇନାହିଁ ଏବଂ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିନାହିଁ। ଆଗକୁ ଓଡ଼ିଆ ଭାଷାରେ ଆହୁରି ଅନେକ ବିଜ୍ଞାନ ଲେଖକ ଆଗକୁ ଆସନ୍ତୁ ଏବଂ ଉଚ୍ଚମାନର ବିଜ୍ଞାନ ଉପନ୍ୟାସ ରଚନା ସହ ଅନ୍ୟାନ୍ୟ ଭାଷାରେ ଅନୁବାଦ ହେଉ, ଯାହା ଫଳରେ ଓଡ଼ିଆ ସାହିତ୍ୟର ପରିସର ଆହୁରି ବ୍ୟାପକ ହୋଇପାରିବ। ■


ଗୁଣପୁର, ରାୟଗଡ଼
ମୋ: ୬୩୭୧୬୮୪୬୯୯

# ଗ୍ରାଉଣ୍ଡ ଜିରୋ ରିପୋର୍ଟର



# ପରିଚୟ ଖୋଜୁଛି ଅସୁରଗଡ଼ ଦୁର୍ଗ

**ଅସୁରଗଡ଼ ଖ୍ରୀଷ୍ଟପୂର୍ବ ୨ହଜାର ବର୍ଷର ଏକ ପୁରାତନ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏହାର ଉନ୍ନତି ତଥା ବିକାଶ ପାଇଁ ପଦକ୍ଷେପ ନିଆଯାଉନାହିଁ। ଗଡ଼ ମଧ୍ୟରେ କପା ଓ ପନିପରିବା ଚାଷ ଚାଲିଥିବା ବେଳେ ଏହା ପ୍ରତ୍ନତାତ୍ତ୍ୱିକ ଜିନିଷର ସଂରକ୍ଷଣ ପାଇଁ ଅସୁବିଧା ସୃଷ୍ଟି କରୁଛି। ଅସୁରଗଡ଼ର ସମସାମୟିକ**



ସ୍ୱାଧୀନ ପାତ୍ର
ଭବାନୀପାଟଣା

**ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଯେତେ ମାତ୍ରାରେ ବିକାଶ ହୋଇଛି, ଏହାର ସେମିତି ପରିବର୍ତ୍ତନ ଘଟିନାହିଁ। ଆବଶ୍ୟକୀୟ ସୁବିଧା ଓ ସୁଯୋଗ ସୃଷ୍ଟି କରାଗଲେ ଏହା ଭାରତବର୍ଷର ଏକ ଉତ୍କୃଷ୍ଟ ଐତିହାସିକ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ ହୋଇପାରନ୍ତା।**

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ମାଣ୍ଡେଲ ପଞ୍ଚାୟତର ଅସୁରଗଡ଼ ଏକ ଐତିହାସିକ କିମ୍ବଦନ୍ତୀ ସ୍ଥଳ। କଳାହାଣ୍ଡି ଜିଲ୍ଲାର ଭୌଗୋଳିକ ସ୍ଥିତି ମଧ୍ୟରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇ ସାରିଛି। ଅସୁରଗଡ଼ ପରିଦର୍ଶନରେ ଅନେକ ସମୟରେ ବାହାରୁ ମଧ୍ୟ ପର୍ଯ୍ୟଟକ ଆସିଥାନ୍ତି। ଏଇଠି ରହିଛନ୍ତି ଗଡ଼ର ଅଧିଷ୍ଠାତ୍ରୀ ପ୍ରତ୍ୟକ୍ଷ ଦେବୀ କଳାପାହାଡ଼। ଗତ ୨୦୧୮-୧୯ରେ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଅସୁରଗଡ଼ ଦୁର୍ଗ ଭିତରେ ଖନନ କରାଯାଇ ଏଇଠୁ କୁଶାଣ ବଂଶୀୟ ଶାସନ କାଳ ସମୟର ପୁରାତନ ଗୃହର ଭଗ୍ନାବଶେଷ ଓ ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ତତ୍କାଳୀନ ତମ୍ବା ଓ ରୁପା ମୁଦ୍ରା, ସେମାନେ ପରିଧାନ କରୁଥିବା ଅଳଙ୍କାର ସବୁ ଉଦ୍ଧାର କରାଯାଇଛି। ଏଇଠି ଏକ ସୁଉଚ୍ଚ ଦୁର୍ଗ ରହିଥିବା ବେଳେ ୨୦୦ ଏକର ପରିସୀମା ବିଶିଷ୍ଟ ଏକ ଜଳାଶୟ ଉଦେ ସାଗର ଗଡ଼ର ପୂର୍ବ ଦିଗରେ ରହିଛି। ହେଲେ ଏଭଳି ଏକ କିମ୍ବଦନ୍ତୀସ୍ଥଳ ଅସୁରଗଡ଼ର ଗଡ଼ ମଧ୍ୟରେ ରହିଥିବା ଗଡ଼ପଡ଼ାବାସୀଙ୍କୁ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଯୋଗୁଁ ଜୀବନ ଜୀଇଁବା ଯନ୍ତ୍ରଣାଦାୟକ ହୋଇପଡ଼ିଛି। ଭାରତ ସରକାରଙ୍କ ଆର୍କିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଅଧୀନରେ ବର୍ତ୍ତମାନ ଗଡ଼ ରହିଥିବା ବେଳେ ଏହା ଏକ ନିଷିଦ୍ଧାଞ୍ଚଳ ରୂପେ ଘୋଷିତ ହୋଇଛି। ଚାଷ କାର୍ଯ୍ୟ, ଏକ ଫୁଟରୁ ଅଧିକ ମାଟି ଖୋଳିବା, ଘର ନିର୍ମାଣ, ନଳକୂପ ଖନନ ସହ ଏଠାରେ ଅନ୍ୟାନ୍ୟ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଯାହାଦ୍ୱାରା ଅଭିଶପ୍ତ ଜୀବନ କାଟୁଛନ୍ତି ଛଳନା ଓ କପଟହୀନ ସାଧାରଣ ମଣିଷ। ଏପରି ସ୍ଥଳେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ନା ପର୍ଯ୍ୟଟନର ବିକାଶ, ନା ଅଧିକ ଗବେଷଣା ନା ଗଡ଼ବାସୀଙ୍କ ପାଇଁ କିଛି ସୁବିଧା କରିଛି। ବରଂ ବିଭାଗ ଯୋଗୁଁ ପଡ଼ାବାସୀଙ୍କ ଜୀବନ ଦୁର୍ବିସହ ହୋଇଉଠିଛି। ଫଳରେ ଗମନାଗମନ ପାଇଁ ରାସ୍ତା, ପାନୀୟ ଜଳ ଓ ବାସୋପଯୋଗୀ ଗୃହର ବ୍ୟବସ୍ଥା ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଜବେଷ୍ଟସ ଘର ହୋଇଛି ଏବଂ ଆଉ ୬ଟି ଘର ମଞ୍ଜୁର ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ନିର୍ମାଣ ହେଉନାହିଁ। ସ୍ଥାନୀୟ ସରପଞ୍ଚ କିନ୍ତୁ ବର୍ଷ ବର୍ଷ ଧରି ସେହି ପରିବାର ଗୁଡ଼ିକୁ ନ୍ୟାୟ ଦେବାରେ ଚେଷ୍ଟା ଜାରି ରଖିଛନ୍ତି। ଇତିମଧ୍ୟରେ ନର୍ଲା ବିଡିଓ ଏବଂ ଜିଲ୍ଲାପାଳ ଗଡ଼ପଡ଼ାବାସୀଙ୍କ ଦୁଃଖ ଦେଖି ଫେରିଥିଲେ। କିନ୍ତୁ ପ୍ରାୟ ଏକ ବର୍ଷ ପରେ ବି ବ୍ୟବସ୍ଥାରେ ସୁଧାର ଆସିନି। ଅନ୍ୟପକ୍ଷରେ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ କେବଳ ଗୋଟେ କମିଟି କରନ୍ତୁ କହି ଚୁପ ବସିଛନ୍ତି। ସରପଞ୍ଚଙ୍କ ଅକ୍ଳାନ୍ତ ପରିଶ୍ରମ କରି ଅନେକବାର କମିଟି ଗଠନ କରିଛନ୍ତି। ନେତା ମନ୍ତ୍ରୀଙ୍କ ଠାରୁ ବଡ ଅଧିକାରୀଙ୍କ ନିକଟରେ ଦ୍ୱାରସ୍ଥ ହେଲା ପରେ ମଧ୍ୟ କୌଣସି ପରିବର୍ତ୍ତନ ହେବାର ନାଁ ଗନ୍ଧ ଜଣାପଡୁନି। ଗଡ଼ପଡ଼ାର ପଛପଟେ ରହିଥିବା ୩୦୦ ମିଟର ଦୂର ସାନ୍ଦୁଲ ନଦୀକୁ ଜମିହୁଡା ଦେଇ ଗାଧୋଇବା ପାଇଁ ଯାଇଥାନ୍ତି ପଡ଼ାବାସୀ। ସରକାର ଗରିବମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ ଗୃହ ପ୍ରଦାନ ଭଳି ସୁବିଧା ରହିଥିବା ସତ୍ତ୍ୱେ ଏହି ଗଡ଼ପଡ଼ା ବାସୀଙ୍କ ପାଇଁ ସାତ ସପନ ପାଲଟିଛି। ଅସୁରଗଡ଼ ଗ୍ରାମର ଗଡ଼ପଡ଼ାରେ ୩୦ ଘର ବାସିନ୍ଦା ରହିଆସୁଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ୧୫୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଗାଁର ଦୁଇ ମୁଣ୍ଡରେ ଦୀର୍ଘ ୨୫ ବର୍ଷ ତଳେ ଖୋଳା ଯାଇଥିବା ଦୁଇଟି ନଳକୂଅ ରହିଛି। ଯେଉଁଥିରେ ଖରାଦିନେ ପାଣି ବାହାରୁ ନ ଥିବା ବେଳେ ବର୍ଷା ଦିନେ ମଇଳା ଓ ଅପରିଷ୍କାର ପାଣି ବାହାରୁଥିବାରୁ ଏହା ପାନୀୟ ଯୋଗ୍ୟ ନୁହଁ ବୋଲି ଗଡ଼ପଡ଼ାବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ଗଡ଼ପଡ଼ା ନିବାସୀ ନେତା, ମନ୍ତ୍ରୀ ଓ ପ୍ରଶାସନର ଦ୍ୱାରସ୍ଥ ହୋଇ ଧାଇଁ ଧାଇଁ ଥକି ପଡ଼ିଥିଲେ ମଧ୍ୟ ଏମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାପାଇଁ କେହି କର୍ଣ୍ଣପାତ କରୁ ନ ଥିବା ଜଣାଯାଇଛି। କେନ୍ଦ୍ର ସରକାରଙ୍କ ତରଫରୁ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ୧୫ କୋଟି ବ୍ୟୟ ଅଟକଳରେ ରାଜସ୍ଥାନ ଓ ଖୋର୍ଦ୍ଧାରୁ ଏକ ସ୍ୱତନ୍ତ୍ର ଧରଣର ପଥର ଆଣି ଗଡ଼ ଚତୁଃପାର୍ଶ୍ୱରେ ଏକ କିଲୋମିଟର ଦୀର୍ଘ ୬ ଫୁଟ ଉଚ୍ଚର ପାଚେରୀ ସାଙ୍ଗକୁ ଗଡ଼ର ପ୍ରବେଶ ଦ୍ୱାରରେ ମୁଖ୍ୟ ଫାଟକ ନିର୍ମାଣ କରାଯାଇଛି। ଗଡ଼କୁ ଗାଈଗୋରୁଙ୍କ ପ୍ରବେଶ ନେଇ ସୁରକ୍ଷା ଦିଆଯାଇ ପାରିଛି ସତ ହେଲେ ଗଡ଼ପଡ଼ା ନିବାସୀଙ୍କ ପାଇଁ ମୌଳିକ ସୁବିଧା ନ ଥିବାରୁ ସେମାନେ ହନ୍ତସନ୍ତ ହେଉଛନ୍ତି। ଗୋଟିଏ ପଟେ ନିରୀହ ଗ୍ରାମବାସୀମାନେ ହଇରାଣ ହେଉଥିବା ବେଳେ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଅନ୍ୟପଟେ ଅସୁରଗଡ଼ ଖ୍ରୀଷ୍ଟପୂର୍ବ ୨ହଜାର ବର୍ଷର ଏକ ପୁରାତନ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏହାର ଉନ୍ନତି ତଥା ବିକାଶ ପାଇଁ ପଦକ୍ଷେପ ନିଆଯାଉନାହିଁ। ଗଡ଼ ମଧ୍ୟରେ କପା ଓ ପନିପରିବା ଚାଷ ଚାଲିଥିବା ବେଳେ ଏହା ପ୍ରତ୍ନତାତ୍ତ୍ୱିକ ଜିନିଷର ସଂରକ୍ଷଣ ପାଇଁ ଅସୁବିଧା ସୃଷ୍ଟି କରୁଛି। ଅସୁରଗଡ଼ର ସମସାମୟିକ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଯେତେ ମାତ୍ରାରେ ବିକାଶ ହୋଇଛି, ଏହାର ସେମିତି ପରିବର୍ତ୍ତନ ଘଟିନାହିଁ। ଆବଶ୍ୟକୀୟ ସୁବିଧା ଓ ସୁଯୋଗ ସୃଷ୍ଟି କରାଗଲେ ଏହା ଭାରତବର୍ଷର ଏକ ଉତ୍କୃଷ୍ଟ ଐତିହାସିକ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ ହୋଇପାରନ୍ତା। ତେବେ ନା ସରୁଛି ଗଡ଼ପଡ଼ା ବାସୀଙ୍କ ଦୁଃଖ ନା ହେଉଛି ଦୁର୍ଗର ସଂରକ୍ଷଣ ଓ ବିକାଶ। ଏ ସମ୍ପର୍କରେ ନର୍ଲା ବିଡ଼ିଓଙ୍କୁ ପଚାରିବାରୁ ତାହା ଏଏସଆଇ ଅଧୀନରେ ଅଛି ବୋଲି କହିବା ସହ ତା' ଉପରେ ଆମର କୌଣସି ହସ୍ତକ୍ଷେପ ନାହିଁ ବୋଲି କହିଛନ୍ତି। ତେବେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ କେଉଁ ହିସାବରେ ସାଧାରଣ ଲୋକଙ୍କ ଜୀବନ ଉପରେ ଏଭଳି ଖେଳ ଖେଳୁଛନ୍ତି ତାହା ଜଣାପଡୁନାହିଁ। ତୁରନ୍ତ ପ୍ରତ୍ନତତ୍ତ୍ୱ ବିଭାଗ ଏହା ଉପରେ ଗୁରୁତ୍ୱ ଦେଇ ଗଡ଼ପଡ଼ାବାସୀଙ୍କ ସୁବିଧା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ସହ ପର୍ଯ୍ୟଟନର ବିକାଶରେ ସହଯୋଗ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।







# ନିଶା ଡାକଟିକଟ ସଂଗ୍ରହ




ଦିବ୍ୟରଞ୍ଜନ ପଟ୍ଟନାୟକ
ବୌଦ୍ଧ

**ବିଶ୍ୱନାଥଙ୍କ ସଂଗ୍ରହ ମଧ୍ୟରେ ସ୍ୱାଧୀନତା ପରେ ବାହାରିଥିବା ଭାରତ ସରକାରଙ୍କ ସମସ୍ତ ଡାକ ଟିକଟ, ପୋଷ୍ଟ କାର୍ଡ, ଅନ୍ତର୍ଦେଶୀୟ ପତ୍ର, ଲଫାପା ଇତ୍ୟାଦି ସ୍ଥାନ ପାଇଛି। ଏହାଛଡା ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ଅନେକ ପୁରାତନ ଡାକ ଟିକଟ ମଧ୍ୟ ତାଙ୍କ ସଂଗ୍ରହରେ ସ୍ଥାନ ପାଇଥିବା ବେଳେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ସୈନିକଙ୍କ ପତ୍ର ମଧ୍ୟ ତାଙ୍କ ପାଖରେ ରହିଛି। ଦେଶ ବିଦେଶର ପ୍ରାୟ ୫ ହାଜର ଡାକ ଟିକଟ ତାଙ୍କ ପାଖରେ ରହିଛି। ଡାକ ଟିକଟ ସଂଗ୍ରହ ବ୍ୟତୀତ ଶ୍ରୀ ମିଶ୍ର ପୁରାତନ ଏବଂ ଆଧୁନିକ ଧାତବ ମୁଦ୍ରା, ଦେଶ ବିଦେଶର କାଗଜ ଏବଂ ପ୍ଲାଷ୍ଟିକ ନୋଟ ମଧ୍ୟ ସଂଗ୍ରହ କରିଛନ୍ତି।**

୧୯୭୭ ମସିହାରୁ ସେ ଡାକ ଟିକଟ ସଂଗ୍ରହ କରିଆସୁଛନ୍ତି। ଡାକ ଟିକଟ ସଂଗ୍ରହ କରିବା ତାଙ୍କ ପାଇଁ ଏକ ପ୍ରକାର ନିଶା ପାଲଟି ଯାଇଛି। ସେ ହେଉଛନ୍ତି ବୌଦ୍ଧ ୬ନଂ ୱାର୍ଡ ବାବୁସାହିର ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ବିଶ୍ୱନାଥ ମିଶ୍ର। ବୌଦ୍ଧର ସ୍ୱର୍ଗତ ନଟବର ପ୍ରଧାନ ୧୯୭୭ ମସିହାରେ ଓଡ଼ିଶାର କ୍ୟାବିନେଟ ମନ୍ତ୍ରୀ ଥିବାବେଳେ ସେ ତାଙ୍କ ପାଖରେ ଡ୍ରାଇଭର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେତେବେଳେ ମନ୍ତ୍ରୀଙ୍କ ନିକଟକୁ ଆସୁଥିବା ଚିଠିପତ୍ରରୁ ଡାକ ଟିକଟ ସଂଗ୍ରହ କରିବା ଆରମ୍ଭ କରିଥିଲେ ଶ୍ରୀ ମିଶ୍ର। ପରବର୍ତ୍ତୀ ସମୟରେ ବନ ବିଭାଗରେ ଚାକିରୀ କରିବା ପରେ ଏହି ସଂଗ୍ରହ କରିବା ଧାରା ଜାରି ରହିଲା। ଧୀରେ ଧୀରେ ଏ ଅଭ୍ୟାସ ତାଙ୍କର ନିଶାରେ ପରିଣତ ହୋଇଗଲା ଏବଂ ସେ ବନିଗଲେ ଜଣେ ପେସାଦାର ଡାକ ଟିକଟ ସଂଗ୍ରହକାରୀ। ଏହି ନିଶା ବିଶ୍ୱନାଥଙ୍କୁ ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇ ଦେଇଛି। ୨୦୨୨ ମସିହାରେ ଦୁବାଇ ଠାରେ ଅନୁଷ୍ଠିତ ଏମିରେଟସ୍- ୨୦୨୨ ଆନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ବିଶ୍ୱନାଥଙ୍କ ସଂଗ୍ରହ ଭାଗ ନେଇଥିଲା। ଏହି ଆନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗନେବା ପାଇଁ ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରୁ ଭାରତୀୟ ଫିଲାଟେଲିକ୍ କଂଗ୍ରେସ ପକ୍ଷରୁ ସମଗ୍ର ଭାରତରୁ ୧୬ ଜଣ ମନୋନୀତ ହୋଇଥିବା ବେଳେ ଶ୍ରୀ ମିଶ୍ରଙ୍କ ଦ୍ୱାରା ସଂଗୃହିତ ୮୦ ପୃଷ୍ଠା ସମ୍ବଳିତ ଆଲବମରେ ବିଭିନ୍ନ ଦେଶର ବହୁ ପ୍ରକାରର ଡାକଟିକଟ, ଲଫାପା, ପୋଷ୍ଟକାର୍ଡ ଆଦି ସହିତ ଅନେକ ଶତାଧିକ ବର୍ଷ ପୁରୁଣା ଡାକ ଜିନିଷ ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଶ୍ରୀ ମିଶ୍ରଙ୍କ ଡାକ ଟିକଟ ସଂଗ୍ରହ ବ୍ରୋଞ୍ଜ ମେଡାଲ ପାଇବାରେ ସକ୍ଷମ ହୋଇଥିଲା। ଶ୍ରୀ ମିଶ୍ର ୨୦୦୫ ମସିହାରୁ ବିଭିନ୍ନ ଡାକ ଟିକଟ ପ୍ରଦର୍ଶନୀରେ ଭାଗ ନେଇଆସୁଥିବା ବେଳେ ୨୦୧୯ରେ ଭାରତୀୟ ଫିଲାଟେଲିକ୍ କଂଗ୍ରେସ ପକ୍ଷରୁ ଆୟୋଜିତ ଜାତୀୟ ପ୍ରଦର୍ଶନୀରେ ଲାର୍ଜ ସିଲଭର ମେଡାଲ ଏବଂ ୨୦୨୩ରେ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ଡାକ ଟିକଟ ପ୍ରଦର୍ଶନୀରେ ମଧ୍ୟ ଲାର୍ଜ ସିଲଭର ମେଡାଲ ପାଇଛନ୍ତି। ଶ୍ରୀ ମିଶ୍ର ବିଭିନ୍ନ ଜାତୀୟ, ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେଇ ସାରିଥିବା ବେଳେ ଅନେକ ସ୍ୱୀକୃତି, ପ୍ରଶଂସା ପାତ୍ର, ସମ୍ବର୍ଦ୍ଧନା ସାଉଁଟି ପାରିଛନ୍ତି। ଏଯାବତ ତାଙ୍କୁ ୨୭ଟି ପୁରସ୍କାର ମିଳିସାରିଛି। ବିଶ୍ୱନାଥଙ୍କ ସଂଗ୍ରହରେ ସ୍ୱାଧୀନତା ପରେ ବାହାରିଥିବା ଭାରତ ସରକାରଙ୍କ ସମସ୍ତ ଡାକ ଟିକଟ, ପୋଷ୍ଟ କାର୍ଡ, ଅନ୍ତର୍ଦେଶୀୟ ପତ୍ର, ଲଫାପା ଇତ୍ୟାଦି ସ୍ଥାନ ପାଇଛି। ଏହାଛଡା ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ଅନେକ ପୁରାତନ ଡାକ ଟିକଟ ମଧ୍ୟ ତାଙ୍କ ସଂଗ୍ରହରେ ସ୍ଥାନ ପାଇଥିବା ବେଳେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ସୈନିକଙ୍କ ପତ୍ର ମଧ୍ୟ ତାଙ୍କ ପାଖରେ ରହିଛି। ଦେଶ ବିଦେଶର ପ୍ରାୟ ୫ ହାଜର ଡାକ ଟିକଟ ତାଙ୍କ ପାଖରେ ରହିଛି। ଡାକ ଟିକଟ ସଂଗ୍ରହ ବ୍ୟତୀତ ଶ୍ରୀ ମିଶ୍ର ପୁରାତନ ଏବଂ ଆଧୁନିକ ଧାତବ ମୁଦ୍ରା, ଦେଶ ବିଦେଶର କାଗଜ ଏବଂ ପ୍ଲାଷ୍ଟିକ ନୋଟ ମଧ୍ୟ ସଂଗ୍ରହ କରିଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରେ ଶ୍ରୀ ମିଶ୍ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଜସ୍ୱ ପ୍ରଚେଷ୍ଟାରେ ଡାକ ଟିକଟ ଏବଂ ମୁଦ୍ରା ପ୍ରଦର୍ଶନୀ ଆୟୋଜନ କରି ଆସୁଛନ୍ତି। ତେବେ ଏଭଳି ଏକ ବିରଳ କାର୍ଯ୍ୟ ବିଶ୍ୱନାଥଙ୍କ ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଆଣି ଦେଇଥିବା ବେଳେ ବୌଦ୍ଧ ଜିଲ୍ଲାକୁ ମଧ୍ୟ ଗୌରବାନ୍ୱିତ କରି ପାରିଛି। ■







# ମାଟି ଶଙ୍ଖରୁ ପରିଚୟ



ପ୍ରତ୍ୟାଶା ମହାନ୍ତି
ବାଲେଶ୍ୱର

**ପୂଜା ପର୍ବ ହେଉ ଅବା କୌଣସି ଶୁଭ କାର୍ଯ୍ୟ, ସେଥିରେ ବାଜି ଉଠେ ଶଙ୍ଖ। ଆଉ କମ୍ପିଉଠେ ଚଉପାଖ। ହେଲେ ମାଟି ଶଙ୍ଖ ବି ବାଜି ଉଠେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ହାତ ତିଆରି ମାଟି ଶଙ୍ଖ ଅବିକଳ ଶଙ୍ଖ ପରି ବାଜୁଛି। ଏପରି ଏକ ନିଆରା ହାତ ତିଆରି ମାଟି ଶଙ୍ଖ ନିର୍ମାଣର ଆଦ୍ୟ କାରିଗର ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାର ଦୁର୍ଗାଦେବୀସ୍ଥିତ କୁଡ଼ିଆର ବିମଳା ରଥ।**



ତାଙ୍କ ଅଙ୍ଗୁଳି ପରଶରେ ଜୀବନ୍ୟାସ ପାଏ ମାଟି ପିଣ୍ଡୁଳା ଏବଂ ବାଜି ଉଠେ ମାଟି ଶଙ୍ଖ। ଏହାକୁ ଶୁଣି ଅନେକ ଚକିତ ମଧ୍ୟ ହେଉଛନ୍ତି। ବିନା ମେସିନ୍ ବା ଚକ ପ୍ରୟୋଗରେ ସେ ହାତରେ ତିଆରି କରୁଛନ୍ତି ମାଟି ଶଙ୍ଖ। ଆଉ ତା ଉପରେ ତୁଳୀରେ ରଙ୍ଗ ଦେବା ପରେ ତାହା ଶଙ୍ଖରେ ପରିଣତ ହୋଇଯାଉଛି। କେବଳ ମାଟି ଶଙ୍ଖ ନୁହେଁ ମାଟିରେ ସେ ବିଭିନ୍ନ ମୂର୍ତ୍ତି, ଫୁଲଦାନୀ, ହାତୀ, ଘୋଡା, ଡିଙ୍କି ଆଦି ଘର ସଜା ବିଭିନ୍ନ ସାମଗ୍ରୀ ହାତରେ ତିଆରି କରନ୍ତି। କିଛି ମହିଳା ତାଙ୍କ ନିକଟରେ କାମ ମଧ୍ୟ କରନ୍ତି। ବାଲେଶ୍ୱର ଜିଲ୍ଲା ରେମୁଣାର ଦୁର୍ଗାଦେବୀସ୍ଥିତ କୁଡ଼ିଆରେ ବିମଳା ରଥଙ୍କ ଘର। ବିମଳାଙ୍କ ବୟସ ୬୦ରୁ ଅଧିକ ହେବ। ତାଙ୍କୁ ସମସ୍ତେ କୁନ୍ତଳା ନାନୀ ବୋଲି ଡାକନ୍ତି। ବିମଳାଙ୍କ ସ୍ୱାମୀ କାର୍ତ୍ତିକ ଚନ୍ଦ୍ର ରଥ। ସେ ଜଣେ ପାଲା ଗାୟକ ଥିଲେ। ୨୦୧୧ ମସିହାରେ ତାଙ୍କର ଦେହାନ୍ତ ହୋଇଯାଇଛି। ୨୦୧୧ ମସିହା ପାଖରୁ ବିମଳା ଏକୁଟିଆ ରହିବା ସହ ମାଟି ତଥା ମାଟି ଶଙ୍ଖକୁ ନିଜର ସାଥୀ କରିଛନ୍ତି। ନାରାୟଣୀ ମାଟି ଶଙ୍ଖ ନାମରେ ବିଭିନ୍ନ ହାତ ତିଆରି ମାଟି ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। ୨୦୦୦ ମସିହାରେ ପ୍ରଥମେ ମାଟିରେ ଜଉ କଣ୍ଢେଇ ତିଆରି କରିବା ଆରମ୍ଭ କରିଥିଲେ ବିମଳା। ସେତେବେଳେ ତାଙ୍କର ଏହୀ ମାଟି କାମ ଏତେ ପ୍ରଚାର ପ୍ରସାର ହୋଇନଥିଲା। ୨୦୧୮ ପାଖରୁ ଲୋକ ଜାଣିବା ଆରମ୍ଭ କରିଥିଲେ। ନଇ ମାଟି ଆଣି ସେଥିରେ ମାଟି ଶଙ୍ଖ ସହ ଅନ୍ୟାନ୍ୟ ଘର ସଜେଇବା ସାମଗ୍ରୀ ମଧ୍ୟ ତିଆରି କରନ୍ତି। ଏହି ମାଟି କାମ ବା ମାଟି ଶଙ୍ଖ ପାଇଁ ବିମଳା ଅନେକ ସାର୍ଟିଫିକେଟ ହାସଲ କରିଛନ୍ତି। ଜଣେ ଟେରାକୋଟା ଓ ମାଟି ଶଙ୍ଖ ଶିଳ୍ପୀ ଭାବେ ସାରା ଜିଲ୍ଲାରେ ରହିଛି ସୁନାମ। ସୁଷମା ସ୍ୱରାଜ ସମ୍ମାନ, ଇଣ୍ଡଷ୍ଟ୍ରିଆଲ କନଜ୍ୟୁମର୍ ଆଣ୍ଡ ଅଟୋ ଏକ୍ସୋ, ଜନଶିକ୍ଷଣ ସଂସ୍ଥାନ, ଓଡ଼ିଶା ଶିଳ୍ପୀ ମହାସଂଘ, ଆମ ପରମ୍ପରା, ନୋସି, ଏକ୍ସୋ, ରିଜନାଲ ଟ୍ରେଡ୍ ଫେୟାର, ଉତକଳା ଶିଳ୍ପ ଗ୍ରାମ ଆଦି ପକ୍ଷରୁ ମାନପତ୍ର ଗ୍ରହଣ କରିଛନ୍ତି। ■



# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



## ଅତୀତକୁ ନେଇ ଆଜିର ଟ୍ରେଣ୍ଡ

ପୁରୁଣା ନାଁକୁ ନେଇ ନୂଆ ସିନେମା କରିବା ଧାରା ବଲିଉଡ୍‌ରୁ ଆରମ୍ଭ ହୋଇ ଓଲିଉଡ୍‌ରେ ପହଞ୍ଚିଛି। ଅତୀତରେ 'ମା', 'ଜଗା ହାତରେ ପଘା', 'ଗପ ହେଲେ ବି ସତ', 'ସୁନା ସଂସାର', 'ଜନ୍ମଦାତା', 'କିଏ କାହାର', 'ଜୀବନସାଥୀ', 'ସମୟ ବଡ଼ ବଳବାନ୍' ଓ 'ଅରୁନ୍ଧତୀ' ଆଦି ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ନାଁରେ କିଛି ବର୍ଷର ବ୍ୟବଧାନରେ ପୁଣି ଥରେ ଓଡ଼ିଆ ସିନେମା ନିର୍ମାଣ ହୋଇଛି। ପୁରୁଣା ଗୀତକୁ ରିମେକ୍ କରିବା ଆଜିକାଲି ଏକ ଧାରା ହେଇଗଲାଣି। କିନ୍ତୁ ଏହା କେତେ ଦୂର ଠିକ୍ ତାକୁ ନେଇ ଭିନ୍ନମତ ରହିଛି।









# ସେଇ ଗୀତ ନୂଆ ସ୍ୱର



ସାତ ସ୍ୱରରେ ବନ୍ଧା ଜୀବନକୁ ସଙ୍ଗୀତ ଆହ୍ଲାଦିତ କରେ। ପୁଲକ ଖେଳାଏ। ବିସ୍ମୟ ପହଞ୍ଚାଏ। ସ୍ମୃତି ପାଛୋଟି ଆଣେ। ପ୍ରତିଶ୍ରୁତି ମନେ ପକେଇ ଦିଏ। ସେଇ କେଇକ୍ଷଣ ଜୀବନକୁ ଭୋଗିବାକୁ ବାଧ୍ୟ କରେ। ଗାୟକ ଅବା ଗାୟିକା ଜୀବନରେ ସବୁଦିନ ଲାଗି ପ୍ରଭାବ ହୋଇ ରହିଯାଏ। ସମୟର ଚକରେ ବାହୁଡ଼ି ଯାଏ ଗାୟକ। ହେଲେ ମନ ଅଟକି ରହିଥାଏ ସେ ଗାଇଥିବା ଗୀତ ପଦକରେ। କଅଁଳ ଅବୋଧ ଠାରୁ ବୟସ୍କ ଯାଏଁ ଯେତେବେଳେ ମନ ହୁଏ ଆପଣାଛାଏଁ ଗୁଣୁଗୁଣେଇ ଯାଏ ଧାଡ଼ିଏ। ପରବର୍ତ୍ତୀ ସମୟରେ ସେଇ ଧାଡ଼ିରୁ ଜନ୍ମ ନିଏ ନୂଆ ଗୀତ, ନୂଆ ସ୍ୱର। କେହି କେହି ଗ୍ରହଣ କରି ନିଅନ୍ତି ଆଉ କେହି ମୂଳ ଜିନିଷର ଆକର୍ଷଣକୁ ଅନ୍ୟ ଏକ ଢଙ୍ଗରେ ଆପଣେଇ ପାରନ୍ତି ନାହିଁ। କ୍ୟାସେଟ୍ ଡିସ୍କ (ସିଡି) ର ଯୁଗ ପରେ ଆଲବମ୍‌ରେ ବହଳ ହଳଦୀ ରଙ୍ଗର ଆସ୍ତରଣ ଜମିଯିବା ପରେ ୟୁଟ୍ୟୁବ ପରଦା ଉପରେ ଯେତକ ରଙ୍ଗ ଆଉ ମହୋତ୍ସବର କୋଳାହଳ। ସେସବୁକୁ ନେଇ ସକାଳ ର ସ୍ୱତନ୍ତ୍ର ପୃଷ୍ଠା ପୁରୁଣା ଗୀତ ନୂଆ ସ୍ୱର।

ପ୍ରସ୍ତୁତି: ସମ୍ପୂର୍ଣ୍ଣା ଦାସ

## ଲୋକପ୍ରିୟ କଲା ଟିଭି ଚ୍ୟାନେଲ୍

ଓଡ଼ିଆ ଗୀତଗୁଡ଼ିକର ଭିଡିଓକୁ ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଛି। ଚାହିଦାକୁ ଆଖି ଆଗରେ ରଖି ଆଲବମ୍ ନିର୍ମାତାମାନେ ଅଡିଓକୁ ଯେତିକି ଗୁରୁତ୍ୱ ଦେଲେ ତା'ର ଭିଡିଓ ବା ନୃତ୍ୟ ମାଧ୍ୟମରେ ଏହି ଗୀତକୁ ଦେଖାଇଲେ। ଯାହା ବେଶ୍ ଲୋକପ୍ରିୟତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ନେଲା। ହେଲେ କିଛି ବର୍ଷ ହେବ ଆଲବମ୍ ଜଗତରେ ଏକ ପରିବର୍ତ୍ତନ ଦେଖା ଗଲାଣି। ଆଗରୁ ଯେଉଁ ଆଲବମ୍ କ୍ୟାସେଟ୍ ଆସୁଥିଲା ତାହା ଆଉ ଦେଖିବାକୁ ମିଳୁନି। ଆହୁରି ମଧ୍ୟ ଭିଡିଓରେ ଏବେ ଯେଉଁମାନେ ଗୀତ ଗାଉଛନ୍ତି ସେମାନଙ୍କୁ ଏବଂ ସେମାନଙ୍କ ଭାବଭଙ୍ଗୀକୁ ବେଶୀ ଦେଖିବାକୁ ମିଳୁଛି। ଯାହାକି କେଉଁଠି ନା କେଉଁଠି ଦର୍ଶକଙ୍କ ଉପରେ ପ୍ରଭାବ ପକାଉଛି।

## ପ୍ଲାଟ୍‌ଫର୍ମ ସାଜିଛି ୟୁଟ୍ୟୁବ୍ ଚ୍ୟାନେଲ୍

୨୦୦୦ ମସିହା ପରେ ଟେକ୍ନୋଲୋଜିର ଅଭୂତପୂର୍ବ ପରିବର୍ତ୍ତନ ହେଲା। ସ୍ମାର୍ଟଫୋନ୍ ସଂଖ୍ୟା ବଢ଼ିଲା। ଲୋକେ ମୋବାଇଲ୍‌ରେ ସାରା ଦୁନିଆକୁ ଦେଖିପାରିଲେ। ଆଲବମ୍ ଇଣ୍ଡଷ୍ଟ୍ରିରେ ମଧ୍ୟ ଏହାର ଭୂମିକା ବଢ଼ିବାର ଲାଗିଲା। ସେହିପରି ଓଡ଼ିଆ ଚଳଚ୍ଚିତ୍ରରେ ମନଛୁଆଁ ରୋମାଣ୍ଟିକ୍ ଗୀତ, ଆଇଟମ୍ ଗୀତ ଏପରିକି ବିରହ ଗୀତ ମଧ୍ୟ ସଂଯୋଜିତ ହେଲା। ସେହି ପରିପେକ୍ଷୀରେ ଏବେ ସେହି ମନଛୁଆଁ ଓଡ଼ିଆ ଗୀତର ରିମେକ୍ ପାଇଁ ୟୁଟ୍ୟୁବ୍ ଏକ ଭଲ ପ୍ଲାଟଫର୍ମ ସାଜିଲା। ଯେଉଁଠି ଓଡ଼ିଆ ରିମେକ୍ ଗୀତରେ ସ୍ୱତନ୍ତ୍ର ଏବଂ ଲୋକପ୍ରିୟ ଚ୍ୟାନେଲ୍‌ଗୁଡ଼ିକୁ ଦେଖିବାକୁ ମିଳୁଛି। 'ପୁଣିଥରେ', 'ପ୍ଲେୟାର୍ସ' ଭଳି କିଛି ଚ୍ୟାନେଲ୍‌ରେ ଦେଖିବାକୁ ମିଳୁଛି ସେହିସବୁ ରିମେକ୍ ଗୀତଗୁଡ଼ିକୁ।

## ନୂଆ ଅନ୍ଦାଜ୍‌ରେ ପୁରୁଣା ଗୀତ

ବିଗତ ପୁରୁଣା ଦିନ ଅନେକ ଓଡ଼ିଆ ଗୀତକୁ ଆଜି ବି ଲୋକ ଗୁଣୁଗୁଣୁ ହୋଇ ମନେପକାନ୍ତି। ସେହି କିଛି ପୁରାଣ ଓଡ଼ିଆ ନାମକରା ବା ଜଣାଶୁଣା ଗୀତକୁ ପୁଣି ମନେ ପକାଇବା ପାଇଁ ଆଜିର ଦିନରେ ସେଗୁଡ଼ିକ ରିମେକ୍ କରାଯାଉଛି। ନୂଆ ଅନ୍ଦାଜରେ ସେହି ପୁରୁଣା ଗୀତଗୁଡ଼ିକ ଲୋକଙ୍କ ମନ ଜିଣୁଛି। ସେହି ଗୀତ ମଧ୍ୟରୁ କିଛିଟା ଲୋକପ୍ରିୟ ଗୀତଗୁଡ଼ିକ ହେଲା 'କଥା ତ ଏତିକି', 'ନାଁ ଟି ମୋର ବୁଲ୍‌ବୁଲ୍', 'ଏଥର ଫଗୁଣେ', 'ପ୍ରେମ ଚଢେଇ', 'ରଙ୍ଗବତୀ', 'ପୁଚୁକି ଗାଲି', 'ତୋ ଆଖି ମୋ ଆଇନା', 'ତୁ ମୋ ସ୍ୱପ୍ନର ସୁନେଲି ସନ୍ଧ୍ୟା', 'ସୁନାର ଚଢ଼େଇ', 'ମୁଁ ଶାଶୂଘର ଚାଲିଯିବି', 'ଏଇ ଫଗୁଣରେ', 'ମୋ ଦେହରେ ଓଢ଼ଣି ପଡ଼ିଛି ନୂଆ ନୂଆ', 'ତମେ ଯଦି ଗଢ଼ିଦିଅ ମୋ ପାଇଁ ବାଲି ଘର', 'ଫଗୁଣରେ ଫଗୁଣ' ଭଳି ଆହୁରି କିଛି ଗୀତର ରିମେକ୍ ହୋଇଛି। ସେହି ପୁରୁଣା ଗାୟକଙ୍କ କଣ୍ଠ ଆଜି ନୂଆ ରୂପ ପାଉଛି।

## ଆଜିକାଲି 'ଡିଜେ' ଛୁଙ୍କ

ପୁରୁଣା ଗୀତରେ ରିମେକ୍ ତ ଏବେ ସାଧାରଣ ହୋଇଗଲାଣି, ହେଲେ ଅଧିକାଂଶ ପୁରୁଣା ଗୀତରେ ଏବେ ନୂଆ ଅନ୍ଦାଜ ଆଣିବା ପାଇଁ ଡିଜେ ସାଉଣ୍ଡର ବ୍ୟବହାର କରୁଛନ୍ତି। ଯାହାକି ବିଭିନ୍ନ ବାହାଘର, ବ୍ରତଘର ଆଦିରେ ଶୁଣିବାକୁ ମିଳୁଛି। ଏହି ଡିଜେ ରିମିକ୍ସ ଅଧିକାଂଶ ଯୁବପିଢ଼ିଙ୍କୁ ଆକୃଷ୍ଟ କରୁଥିବା ବେଳେ କିଛି ବରିଷ୍ଠ ସଙ୍ଗୀତ ପ୍ରେମୀ ଏହାକୁ ଆପଣେଇ ପାରୁନାହାନ୍ତି। ଏହାର ପ୍ରମୁଖ କାରଣ ଗୀତର ମୂଳତତ୍ତ୍ୱ ହଟିଯାଉଛି ବୋଲି ସେମାନେ ମତ ଦେଉଛନ୍ତି। ଓଡ଼ିଆ ସିନେ ଜଗତର ଏକ ଲୋକପ୍ରିୟ ଗୀତ 'ଶାଶୂଘର ଚାଲିଯିବି' ହିଁ ଏହାର ଏକ ଉଦାହରଣ। କେବଳ ଯେ ଏହି ଗୀତ ନୁହେଁ, ବରଂ ଏପରି ଅନେକ ଗୀତରେ ଏବେ ଡିଜେ ସାଉଣ୍ଡ ମିଶାଇ ଦିଆଯାଉଛି। ଆଗରୁ ଅଧିକ ଲିରିକ୍ସ ଥିଲାବେଳେ କମ ବାଦ୍ୟଯନ୍ତ୍ର ରହୁଥିଲା ହେଲେ ଏବେ ଲିରିକ୍ସ କମିଲା ବେଳେ ଅଧିକା ବାଦ୍ୟଯନ୍ତ୍ରର ଶବ୍ଦ ରହୁଛି। ଏହାକୁ ଅଧିକାଂଶ ଯୁବପିଢ଼ି ହିଁ ପସନ୍ଦ କରୁଥିବା ଲକ୍ଷ୍ୟ କରାଯାଉଛି।







## ଗୀତିକାରଙ୍କ ସଂଖ୍ୟା କମୁଛି

ଆଗରୁ ଏତେମାତ୍ରାରେ ଗୀତର ରିମିକ୍ସ କି ରିମେକ୍ ହେଉ ନ ଥିଲା। ବରଂ ସମୟର ଅନ୍ତରାଳରେ ବିଭିନ୍ନ ନୂଆ ଲୋକପ୍ରିୟ ଗୀତ ଦର୍ଶକ ଶୁଣୁଥିଲେ ଓ ପରେ ଦେଖିବାର ମଧ୍ୟ ସୁବିଧା ପାଉଥିଲେ। ହେଲେ ଏବେ ନୂଆ ଗୀତ ଲେଖା ଯେତେ ଆସୁନାହିଁ, ତାଠୁ ଅଧିକା ପୁରୁଣା ଜଣାଶୁଣା ଗୀତକୁ ରିମେକ୍ କରାଯାଉଛି। ତେଣୁ ଗୀତ ଲେଖିବା ଲୋକଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ଏହି ପରମ୍ପରା କେବଳ ଯେ ଓଡ଼ିଆ ସିନେ ଜଗତରେ ହେଉଛି ତାହା ନୁହେଁ ବରଂ ବଲିଉଡ୍, ଟଲିଉଡ୍ ଓ ହଲଉଡ୍‌ରେ ବି ପରିଲକ୍ଷିତ ହେଉଛି।





## ପୁଣିଥରେ ଫେରୁଛି ସେହି ଟାଇଟଲ୍

'ଚିଠି ମୋର ଟିକି ଚଢ଼େଇ', 'ଏଇ ପାଣିରେ ପାଣିରେ ପାଣି', 'ହୃଦୟହୀନ ସାଗର', 'ଶିକାରୀ ଶିକାରୀ ତ', 'ସେଇ ଦ୍ୱୀପ ଅଛି', 'ସେଇ ଫୁଲ ଅଛି', 'ବାଟୋଇ ଭାଇ' ଆଜି ବି ସ୍ମରଣୀୟ। ଏହି ସଙ୍ଗୀତ ଥିଲା ଅକ୍ଷୟ ମହାନ୍ତିଙ୍କର। ଏହି ସବୁ ସଙ୍ଗୀତ ଥିଲା ଓଲିଉଡ୍‌ର ଏକ ବହୁଚର୍ଚ୍ଚିତ 'ସ୍ୱପ୍ନ ସାଗର' ସିନେମାର। ୧୯୮୩ ମସିହାରେ ମୁକ୍ତିଲାଭ କରିଥିବା ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ ବରିଷ୍ଠ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ। ଏଥିରେ ପ୍ରଶାନ୍ତ ନନ୍ଦ, ମହାଶ୍ୱେତା, ଶ୍ରୀରାମ ପଣ୍ଡା, ଅନୀତା ଦାସ, ହେମନ୍ତ ଦାସ, ବିଜୟ ମହାନ୍ତି ଓ ଦୁଃଖୀରାମ ସ୍ୱାଇଁ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଦୁଇ ଜନ୍ମର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଥିଲା 'ସ୍ୱପ୍ନ ସାଗର'।

ଏବେ ପୁଣି ସେହି ସମାନ ଟାଇଟଲ୍‌ରେ ତିଆରି ହେଉଛି ଆଉ ଏକ ସିନେମା। ସାଇ ଦରବାର ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜକ ହେଲେ ଅରବିନ୍ଦ ସାହୁ, ଯିଏ କି 'ଶଙ୍କର' ଓ 'ବିଗୁଲ୍' ଭଳି ଓଡ଼ିଆ ସିନେମା ନିର୍ମାଣ କରିଛନ୍ତି। ୱେବ୍ ସିରିଜ୍ 'ଆନ୍‌ଥୋନି'ର ନିର୍ଦ୍ଦେଶନା ଦେଇ ସଫଳତା ହାସଲ କରିଥିବା ବୀରେନ୍‌ଜ୍ୟୋତି ମହାନ୍ତି ଏହି ଓଡ଼ିଆ ସିନେମାର ନିର୍ଦ୍ଦେଶକ। ସେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ବି ଲେଖିଛନ୍ତି। ଏହି ସିନେମାରେ 'ଶଙ୍କର' ଓ 'ବିଗୁଲ୍'ର ନାୟକ ଦେବାନନ୍ଦ ମୁଖ୍ୟ ଭୂମିକାରେ ଅଛନ୍ତି। ଖୁବ୍ ଶୀଘ୍ର ପୂରା କଳାକାର ଚୟନ ହେବ ଏବଂ ସମ୍ଭବତଃ ଜୁଲାଇରେ ସୁଟିଂ ଆରମ୍ଭ ହେବ। ସୂରଜ ପୁରୋହିତ 'ସ୍ୱପ୍ନ ସାଗର'ର ସଙ୍ଗୀତ ପ୍ରସ୍ତୁତ କରୁଛନ୍ତି ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।





"ଲୋକଙ୍କ ହୃଦୟ ଛୁଇଁଥିବା ଗୀତକୁ ପୁଣି ମନେ ପକାଇବାରେ ରିମେକ୍ ଏକ ପ୍ରୟାସ। ଯଦି ଆମେ ଓଡ଼ିଶା କଥା କହିବା ତେବେ ପୁରୁଣା ସିନେମା ସଙ୍ଗୀତ, ସୁଗମ ସଙ୍ଗୀତ ଆଦି ଲୋକଙ୍କ ମନକୁ ଛୁଇଁଛି ବା ଲୋକଙ୍କ ପାଖରେ ପହଞ୍ଚିଛି। ସେଥିପାଇଁ ଆଜି ସେ ଗୀତକୁ ଅନେକ ଗୁଣୁଗୁଣୁ ହେଉଛନ୍ତି। ତେଣୁ ତାକୁ ରିମେକ କରି ପୁଣି ଲୋକଙ୍କ ମଧ୍ୟରେ ଜୀବନ୍ତ କରିବାରେ କୌଣସି ଅସୁବିଧା ନାହିଁ। ହେଲେ ରିମେକ୍ କରିବାରେ ଯେପରି ମୂଳ ଗୀତର ମୌଳିକତା ହଟି ନ ଯିବ ସେଥିପ୍ରତି ଧ୍ୟାନ ଦେବା ଉଚିତ୍। କାରଣ ଏପରି ଅନେକ ସଙ୍ଗୀତ ପ୍ରେମୀ ଅଛନ୍ତି ଯେଉଁମାନଙ୍କ ମନକୁ କଷ୍ଟ ପହଞ୍ଚିଥାଏ। ତେଣୁ ଗୀତର ମୂଳ ଆତ୍ମାକୁ ନବଦଳାଇ ନୂଆ ଢଙ୍ଗରେ କରିବା ଉଚିତ୍। ■

**କୁନା ତ୍ରିପାଠୀ**
ବରିଷ୍ଠ ଅଭିନେତା



ଗୋଟେ ଚଳଚ୍ଚିତ୍ର କି ତା ଗୀତର ଜୀବନୀ ହେଉଛି ଅତିକମରେ ଶହେ ବର୍ଷ। ପୁରୁଣା ଗୀତକୁ ଏକ ନୂଆ ଢଙ୍ଗରେ ଲୋକଙ୍କୁ ମନେପକାଇବାରେ କିଛି ଅସୁବିଧା ନାହିଁ। ଯେଉଁ ଗୀତ ଯେତେ ଲୋକପ୍ରିୟ ତାହା ଲୋକଙ୍କ ଉପରେ ସେତେ ପ୍ରଭାବ ପକାଇଥାଏ। ଏହି ପୁରୁଣା ଗୀତକୁ ନେଇ ରିମେକ୍ କରିବାର ପରମ୍ପରା କେବଳ ଓଡ଼ିଶାରେ ନୁହେଁ ସବୁଠି ଦେଖିବାକୁ ମିଳୁଛି। ମୁଁ ନିଜେ ମଧ୍ୟ ଗୀତର ଲାଇନ୍‌ରୁ ନେଇ ଚଳଚ୍ଚିତ୍ର କରିଛି। ତେଣୁ ଗୀତର ରିମେକ୍ କରିବା ଦ୍ୱାରା ତାହା ଗୀତର ଜୀବନୀକୁ ଆହୁରି ଅଧିକ ଦିନ ବଢ଼ାଇଥାଏ। ହେଲେ ବେଳେ ବେଳେ ପୁରୁଣା ଗୀତର ସ୍ୱର ବଦଳାଇ ତାର ଅର୍ଦ୍ଧଭାବ ବଦଳି ଦିଆଯାଉଛି। ତେଣୁ ଗୀତ ରିମେକ ହେଉ କିନ୍ତୁ ତାର ବିକୃତି ନ କରାଯାଉ। ■

**ଡ.ରଜନୀ ରଞ୍ଜନ**
ଗୀତିକାର ତଥା ସଂଳାପକାର

# ଦେବସ୍ନାନ ପୂର୍ଣ୍ଣିମା: ଗଜାନନ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ





**● ଜିନ୍ଦଲ ନଗର ଦେବଭୂମି ପରିସର**

**ଅନୁଗୋଳ,୨୨।୬(ସମିସ):** ଜିନ୍ଦଲ ନଗର ପରିସରସ୍ଥ ଦେବଭୂମି ଶ୍ରୀଜଗନ୍ନାଥ ମନ୍ଦିର ଠାରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତି ସଂପନ୍ନ ହୋଇଯାଇଛି। ମନ୍ଦିରର ଆଦ୍ୟ ସେବକ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ଓ ହରିୟାଣା, କୁରୁକ୍ଷେତ୍ରର ସାଂସଦ ନବୀନ ଜିନ୍ଦଲ ତାଙ୍କ ଧର୍ମପତ୍ନୀ ଶାଲୁ ଜିନ୍ଦଲଙ୍କ ସହିତ ଯୋଗଦେଇ ବୈଦିକ ପରମ୍ପରା ମୁତାବକ ତିନି ଦିଅଁ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବୈଦିକ ରୀତିରେ ସମ୍ପୂର୍ଣ୍ଣ ନୀତିକାନ୍ତି ସହ ଦେବସ୍ନାନ କରାଇଥିଲେ। ପୁରୀ ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟ ଅନୁସାରେ ଦେବଭୂମିରେ ମଧ ବଡ଼ି ଭୋରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଶ୍ରୀ କର୍ପୁରଲାଗି, ମଙ୍ଗଳାର୍ପଣ ନୀତି, ପୁଷ୍ପାଞ୍ଜଳି, ସର୍ବାଙ୍ଗ ଆଦି ପରେ ଦିଅଁମାନଙ୍କୁ ଧାଡ଼ି ପହଣ୍ଡିରେ ଶ୍ରୀମନ୍ଦିରରୁ ସ୍ନାନ ମଣ୍ଡପକୁ ନିଆ ଯାଇଥିଲା। ସେଠାରେ ମୁଖ୍ୟ ପୂଜକଙ୍କ ନିର୍ଦ୍ଦେଶନାରେ ପଞ୍ଚ ଉପଚାର ପୂଜା ନୀତିକାନ୍ତି ସହ ପାଳିତ ହୋଇଥିଲା। ସ୍ନାନ ଯାତ୍ରାର ନୀତିକାନ୍ତି ପରେ ସନ୍ଧ୍ୟାରେ ଅଣସର ପହଣ୍ଡି କାର୍ଯ୍ୟକ୍ରମ ସହ ଦିଅଁମାନେ ଅଣସର ଗୃହକୁ ପ୍ରବେଶ କରିଥିଲେ।

**● ଆଠମଲ୍ଲିକ:** ସହର ସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହା ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୬ ଟାରେ ଦ୍ୱାର ଫିଟା ଯାଇ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ଯଥା ପୂଜା ରୀତିନୀତି କଲା ପରେ ସକାଳ ୯ ଟାରେ ପହଣ୍ଡିଆ ମାନଙ୍କ ଦ୍ୱାରା ପହଣ୍ଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ସ୍ନାନ ମଣ୍ଡପ କୁ ଅଣା ଯାଇଥିଲା।ସ୍ନାନ ମଣ୍ଡପ ରେ ଦେବୋତ୍ତର ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ମନ୍ଦିର ପୂଜକ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ ସହିତ ସୁବାସିତ ଜଳ ପୂର୍ଣ୍ଣ ୧୦୮ କଳସ ଢଳା ଯାଇ ଚାରିବିଗ୍ରହ ବାଡ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସୁଦର୍ଶନ ଙ୍କୁ ସ୍ନାନ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟ କର୍ମ ରେ ଉପ ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ଡଃ ଜିତେନ୍ଦ୍ର କୁମାର ପାତ୍ର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପହଣ୍ଡିଆ କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ସଂପାଦକ ନବକିଶୋର ତ୍ରିପାଠୀ, ବରିଷ୍ଠ ପହଣ୍ଡିଆ ଦୀପକ ମିଶ୍ର, ଅକ୍ଷୟ କୁମାର ମିଶ୍ର, ବିରଜା ରଥ, ଲକ୍ଷ୍ମୀପ୍ରସାଦ ମିଶ୍ର, ଅଭିଜିତ ତ୍ରିପାଠୀ, ଅଭିନବ ତ୍ରିପାଠୀ ସମେତ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ପ୍ରଶାସନ ତରଫରୁ ସହକାରୀ ଜିଲ୍ଲାପାଳ ବିଭୂତି ଭୂଷଣ ମଲ୍ଲିକ, ତନ୍ମୟ ପାତ୍ର, ସୂଚନା ଲୋକସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଷ୍ଟେନୋ ସୌମ୍ୟରଞ୍ଜନ ନାହକ, ଦେବୋତ୍ତର ସହାୟକ ନଗେନ ରାଉତ, କର୍ମଚାରୀ ତ୍ରିନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ତୁଲାଇଥିଲେ।

**● ବଅଁରପାଳ:** ଆଜି ପଞ୍ଚ ଶ୍ରୀକ୍ଷେତ୍ର ବଅଁରପାଳ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ଓ ଗଜାନନ ବେଶ ଅନୁଷ୍ଠିତ ହୋଇ ଯାଇଛି। ପ୍ରତ୍ୟୁଷରୁ ପଣ୍ଡିତ ଆଶୁତୋଷ ମହାପାତ୍ର, ଅଶୋକ ସତପଥି, ବିରଜା ମିଶ୍ର, ଅଶୋକ ଦାସ, ଅଚ୍ୟୁତ ଦାଶ, ପ୍ରାଣବନ୍ଧୁ ନାଥ ସମସ୍ତ ରୀତିନୀତି କରିବା ସହିତ ଠାକୁରଙ୍କ ମହାସ୍ନାନ ପାଇଁ କାର୍ଯ୍ୟ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ରତ୍ନବେଦୀରୁ ସ୍ନାନବେଦୀକୁ ଆଣିଥିଲେ ଦହିତାପତି ଛବିମୋହନ ସାହୁ, ପ୍ରଦୀପ କୁମାର ମାଝୀ, ସୁବାଷ ପଟ୍ଟନାୟକ, ଉପେନ୍ଦ୍ର ସାମଲ, ରବିବେହେରା, ଶ୍ରୀମୁଖ ଭୂତିଆ, କୃତାର୍ଥ ସେନାପତି, ଗଗନମହାଳିକ, ପ୍ରେମାନନ୍ଦ ପ୍ରଧାନ, ନିର୍ମଳ ବରାହ, ଅଭୟ ଭୂତିଆ। କର୍ତ୍ତା ଓ କର୍ତ୍ତୀର ଭୂମିକା ସତ୍ୟବାନ ବରାହ ଓ ସହଧର୍ମୀଣି କୁମୁଦିନୀ ବରାହ ତୁଲାଇଥିଲେ। ପ୍ରଭୁଙ୍କ ମହାସ୍ନାନ ଓ ଦୁର୍ଲଭ ହାତୀବେଶ ଦେଖିବା ପାଇଁ ପାଞ୍ଚଗଡ଼ର




ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ। ମନ୍ଦିର କମିଟୀ ତରଫରୁ ନାମ ସଂକୀର୍ତନ ଓ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟୀ ପରାମର୍ଶଦାତା ନରେଶ ସାହୁ, ଉପସଭାପତି ପିତାମ୍ବର ସାହୁ, ସୁଧୀର ବରାହ, ଅକ୍ଷୟ ପଟନାୟକ, ବିପ୍ର ଚରଣ ଜେନା, ଅଶୋକ ଗୁରୁ, ଅଖିଳ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରାତ୍ର ୯ ଘଟିକା ସମୟରେ ପୁନର୍ବାର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ଅଣସର ଘରକୁ ନିଆଯାଇଛି।

**● ନାଲକୋ ନଗର:** ନାଲକୋ ନଗର ଜଗନ୍ନାଥ ମନ୍ଦିର ପରିସରରେ ଆଜି ଜ୍ୟଷ୍ଠ ପୂର୍ଣିମା ତିଥିରେ ପରମ୍ପରା ମୁତାବକ ପାଳିତ ହୋଇଯାଇଛି ଶ୍ରୀ ବିଗ୍ରହଙ୍କ ଦେବସ୍ନାନ ପର୍ବ। ଆଜି ପବିତ୍ର ସ୍ନାନ ପୂର୍ଣ୍ଣିମାରେ ନାଲକୋ ନଗର ଜଗନ୍ନାଥ ମନ୍ଦିରରେ ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ଦିବ୍ୟସ୍ନାନ କରିଥିଲେ। ଶନିବାର ଭୋର ପ୍ରାୟ ୪ଘଟିକାରୁ ଶ୍ରୀଜିଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୬ଘଟିକାରେ ମଙ୍ଗଳାର୍ପଣ ହୋଇ ୭ଘଟିକାରେ ପହଣ୍ଡି ଆରମ୍ଭ ହୋଇଥିଲା। ବଳଭଦ୍ର ଠାକୁରଙ୍କୁ ସତ୍ୟବାଦୀ ମିଶ୍ର, ମାତା ସୁଭଦ୍ରାଙ୍କୁ ଲଲାଟେନ୍ଦୁ ମହାପାତ୍ର ଓ ଜଗନ୍ନାଥଙ୍କୁ ଦେବେନ୍ଦ୍ର କୁମାର ନନ୍ଦ ପ୍ରମୁଖ ଶ୍ରୀ ଜୀଉଙ୍କ ପହଣ୍ଡି କରି ରତ୍ନସିଂହାସନରୁ ଓହ୍ଲାଇ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଆଣିଥିଲେ। ମହାପ୍ରଭୁଙ୍କ ମଙ୍ଗଳା ଆଳତି ଓ ଅବକାଶ ନୀତି ଶେଷ ହୋଇଥିଲା। ସ୍ନାନ ମଣ୍ଡପରେ ବିରାଜିତ ଠାକୁରମାନଙ୍କୁ ଦିବ୍ୟସ୍ନାନ କରାଇବା ପରେ ଆକର୍ଷଣୀୟ ହାତୀ ବେଶ ବା ଗଜାନନ ବେଶରେ ସଜ୍ଜିତ ହୋଇଥିଲେ। ମନ୍ଦିର ସେବାୟତ ସୁନା କୂଅରୁ ୧୦୮ ଗରା ଜଳ ସଂଗ୍ରହ କରି ଜଳକୁ ମୁଖ୍ୟ ପୂଜକ ତାପସ ଦାଶ ଓ ପ୍ରମେଶ ଚନ୍ଦ୍ର ମିଶ୍ର, ସୁଶାନ୍ତ ଦାଶ ପ୍ରମୁଖ, ମାନସ ରଥ, ଉମାକାନ୍ତ ପଣ୍ଡା, ସୌମ୍ୟ ରଞ୍ଜନ ପାଳ ପ୍ରମୁଖ ଚନ୍ଦନ କର୍ପୁର ଦେଇ ପୂଜା ଅର୍ଚନା କରି ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ସଭାପତି ଅମୀୟ କୁମାର ସ୍ୱାଇଁ ପ୍ରମୁଖ ତଦାରଖ କରିଥିଲେ। ନାଲକୋ ସିଏମଡି ଶ୍ରୀଧର ପାତ୍ର ଓ ତାଙ୍କ ଧର୍ମ ପତ୍ନୀ ସସ୍ମିତା ପାତ୍ର, ଇଡି ଏଚ ଆଣ୍ଡ ଏ ଭୁବନେଶ୍ୱର ଆଶୁତୋଷ ରଥ, ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ସ୍ନାନ ସମୟରେ ଉପସ୍ଥିତ ରହିଥିଲେ। ସନ୍ଧ୍ୟା ୬ଘଟିକା ସମୟ ରୁ ୯ଘଟିକା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଗଜାନନ ସାହାଣମେଳା ଭକ୍ତ ଦର୍ଶନ କରିବା ପରେ ବାହୁଡା ପହଣ୍ଡିରେ ଆସି ରାତ୍ର ୧୧ଘଟିକା ରେ ମହାପ୍ରଭୁ ଅଣସର ଘରେ ବିଜେ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ମାରୁତି ମଣ୍ଡପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ସମସ୍ତ ଦଇତାପତି ସେବକ ସହଯୋଗ କରିଥିଲେ।

**● କଣିହାଁ:** କଣିହା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ଦେବସ୍ନାନ ପୂର୍ଣ୍ଣିମା ନୀତିକୁ ନେଇ ଶନିବାର ତମାମ ଚଳଚଞ୍ଚଳ ହୋଇ ଥିଲା। ପୁରୀ ଶ୍ରୀକ୍ଷେତ୍ରର ନୀତିକାନ୍ତି ବିଧିମତେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଭିନ୍ନ ନଦୀ ଓ ଜଳାଶୟରୁ ୧୦୮ କଳସରେ ଜଳ ଅଣାଯାଇ ସ୍ନାନ ମଣ୍ଡପରେ ନୀତିକର୍ମ ପରେ ସ୍ନାନ କରାଯାଇଥିଲା। ଏହାକୁ ନେଇ ବଡ଼ଗୁଣ୍ଡୁରୀ, ବଲାଙ୍ଗି, ବଜ୍ରକୋଟ, ରେଙ୍ଗାଲି, ପଥରମୁଣ୍ଡା ସମଲ ତ୍ରିବେଣୀ କ୍ଷେତ୍ର, ସିପୁର ସମେତ ଏନଟିପିସି ଓ ଜେଆଇଟିପିଏଲ ବିଦ୍ୟୁତ ପ୍ରକଳ୍ପ କଲୋନୀରେ ଥିବା ଜଗନ୍ନାଥ ମନ୍ଦିରରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଜାନନ ବେଶ ଦର୍ଶନକୁ ନେଇ ବିଭିନ୍ନ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ସହିତ ନାମ ସଂକୀର୍ତ୍ତନ ହୋଇଥିଲା।

**● ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର:**

**ଅନୁଗୋଳ:** ଶୈଳ ଶ୍ରୀକ୍ଷେତ୍ର ଅନୁଗୋଳରେ ଦେବସ୍ନାନ ପୂର୍ଣ୍ଣିମା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଏଥିପାଇଁ ପୂର୍ବଦିନ ରାତି ୩:୩୦ ମିନିଟ ସମୟେ ପହୁଡ଼ ଫିଟା, ଅଖଣ୍ଡ ପ୍ରଜ୍ୱଳନ ପରେ ସ୍ନାନମଣ୍ଡପକୁ ଯିବାପାଇଁ ପାବଚ୍ଛ ପ୍ରସ୍ତୁତି କରାଯାଇଥିଲା। ଏହାପରେ ଶନିବାର ସକାଳେ ଶ୍ରୀ ଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ଆଠଟା ବେଳକୁ ଶ୍ରୀ ଜୀଉମାନଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସେଠାରେ ମଙ୍ଗଳ ଆଳତି, ମଇଲମ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ୯ ଟା ବେଳକୁ ଶୁଦ୍ଧପୂତ ପାଣିରେ ଷୋଡ଼ଶ ଉପଚାରରେ ଶ୍ରୀ ଜିଉମାନଙ୍କୁ ସ୍ନାନ କରାଯାଇଥିଲା। ଦିନ ପ୍ରାୟ ୧୦ ଟା ବେଳକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଛେରା ପହଁରା କରିଥିବା ବେଳେ ଡିଆଇଜି ଉମାଶଙ୍କର ଦାସ ପୁଷ୍ପ ସିଞ୍ଚନ କରିଥିଲେ। ଧୋ ପଖାଳ ପରେ ଗଜାନନ ବେଶ୍ କରାଯାଇଥିଲା। ପରେ ପ୍ରାତଃ ଧୂପ ଓ ମଧ୍ୟାହ୍ନ ଧୂପ ଏକ ସାଙ୍ଗରେ କରାଯାଇ ଦିନ ୧୨ ଟା ବେଳକୁ ପହୁଡ଼ ପଡିଥିଲା। ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ପହୁଡ଼ ଫିଟା, ସନ୍ଧ୍ୟା ଆଳତି, ସାହାଣ ମେଳା କରାଯାଇ ଶ୍ରୀ ଜୀଉଙ୍କ ନିକଟରେ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଗୋଳ ନୃତ୍ୟ ନୀଳୟର କଳାକାରମାନେ ଏହି ନୃତ୍ୟ ପରିବେଷଣ କରିଥିଲେ। ରାତି ପ୍ରାୟ ସାଢ଼େ ଆଠଟା ସମୟରେ ଗଜାନନ ବେଶ୍ ଉଲାଗୀ ପରେ ସେନାପଟା ଲାଗି କରାଯାଇ ବନ୍ଦାପନା କରାଯାଇ ଶ୍ରୀ ଜୀଉମାନଙ୍କୁ ଅଣସର ପିଣ୍ଡକୁ ନିଆଯାଇଥିଲା। ରାତି ପ୍ରାୟ ଏଗାରଟା ସମୟରେ ଅଣସର ଘରେ ତାଟି ବନ୍ଧା, ପଟି ଦିଅଁଙ୍କ ପ୍ରତିଷ୍ଠା ଆଦି କର୍ମ ସହ ପହୁଡ଼ ପଡିଥିଲା। ଦେବା ସ୍ନାନ ପୂର୍ଣ୍ଣିମା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଶ୍ରୀ ଜିଉ ମାନଙ୍କୁ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ତେବେ ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁଁ ଶ୍ରଦ୍ଧାଳୁଙ୍କ ଭିଡ଼ ଆଶାତୀତ କମ ଦେଖିବାକୁ ମିଳିଥିଲା। ଶ୍ରୀ ଜୀଉମାନଙ୍କ ସ୍ନାନ ପୂର୍ଣ୍ଣିମା ସୁପରିଚାଳନା ନିମନ୍ତେ ୫୯ଜଣ ସେବାୟତ ନିୟୋଜିତ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ଭବାନୀ ପ୍ରସାଦ ମିଶ୍ର ସମସ୍ତ ପ୍ରକାର ରୀତିକାନ୍ତିକୁ ତଦାରଖ କରିଥିଲେ। ଆନନ୍ଦ ଚନ୍ଦ୍ର ମହାପାତ୍ର, ସୂର୍ଯ୍ୟ ନାରାୟଣ କର, ପରମା ନନ୍ଦ ମିଶ୍ର, ଅଟଳ ବିହାରୀ ଦେବତା, ବିନୋଦ କୁମାର କର, ଅଶ୍ୱିନୀ କୁମାର ମିଶ୍ର, ପଦ୍ମଚରଣ ପ୍ରଧାନ ପ୍ରମୁଖ ଶ୍ରୀ ଜୀଉମାନଙ୍କ ବିଭିନ୍ନ ରୀତିକାନ୍ତି କାର୍ଯ୍ୟରେ ସହଯୋଗ କରିଥିଲେ।

**● ଘୋଷର ଜଗନ୍ନାଥ ମନ୍ଦିର**

**କିଶୋରନଗର:** କିଶୋରନଗର ବ୍ଲକ ଘୋଷର ଗ୍ରାମ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ତିନିଠାକୁରଙ୍କୁ ମଧ୍ୟାହ୍ନରେ ସ୍ନାନ ମଣ୍ଡପକୁ ଅଣାଯାଉ ଯଥାରୀତି ପୂଜାର୍ଚ୍ଚନା କରାଯାଇ ସ୍ନାନ କରାଯାଇଥିଲା। ଏଥିରେ ରବିନାରାୟଣ ଶତପଥୀ ଠାକୁରଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ବିକନ ପଣ୍ଡା, ଚନ୍ଦନ ପଣ୍ଡା, ଅଶୋକ ଶତପଥୀ, ଯଶପାଳ ଦାଶ, କ୍ଷେତ୍ରପାଳ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସାତକୋଶିଆ ଅଭୟାରଣ୍ୟରେ ଥିବା କୁମ୍‌କୀ ହାତୀ ମହେନ୍ଦ୍ର ଓ ରାଜକୁମାରଙ୍କୁ ତାଲିମ ପାଇଁ ଶିମିଳିପାଳ ନିଆଯାଉଛି।

## ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନଯାତ୍ରା

**ତାଳଚେର ସଦର ୨୨।୬(ସମିସ):** ବହୁ ପୁରାତନ ଅମଳରୁ ତାଳଚେର ବ୍ରାହ୍ମଣୀ ନଦୀ କୂଳରେ ଜଗନ୍ନାଥ ମନ୍ଦିର ଅବସ୍ଥିତ। ତାଳଚେର ରାଜାଙ୍କ ଦ୍ୱାରା ବହୁ କାରିଗର ନିୟୋଜିତ କରାଯାଇ ବ୍ରାହ୍ମଣୀ ନଦୀକୂଳେ ଏହି ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା। ତେବେ ମନ୍ଦିରର ସମସ୍ତ କାର୍ଯ୍ୟରେ ନଦୀର ଜଳ କିପରି କାମରେ ଲାଗିପରିବ, ସେ ଦୃଷ୍ଟିକୋଣରୁ ରାଜା ସାହେବ ତତ୍ପରତା



ପ୍ରକାଶ କରି ଏହି ଜଗନ୍ନାଥ ମନ୍ଦିରଟି ତିଆରି କରିଥିଲେ। ଆଜି ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ସେବକ ଦେଉଳ ପୁରୋହିତମାନେ ନୀତି ନିୟମ ଅନୁସାରେ ସ୍ନାନ ପୂର୍ଣ୍ଣିମା ସମ୍ପାଦନ କରିଥିଲେ। ଆଜି ପୂର୍ବାହ୍ନ ୧୦ ଘଟିକାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ ହୋଇଥିଲା। ଏହାପରେ ଅପରାହହ୍ନ ୧୨.୪୫ ମିନିଟ ୧୦୮ କଳସରେ ମହାପ୍ରଭୁଙ୍କ ସ୍ନାନ କାର୍ଯ୍ୟ କରାଯାଇଥିଲା। ଆଜି ତାଳଚେରର ଏହି ଦେବସ୍ନାନ ପୂର୍ଣ୍ଣିମା ଦିବସରେ ତାଳଚେର ରାଜପୁତ୍ର ବିଜେନ୍ଦ୍ର ଦେବ ମନ୍ଦିରର ରାଜ ପୁରୋହିତ ପଙ୍କଜ ଲୋଚନ ପତିଙ୍କ ଉପସ୍ଥିତିରେ ତିନି ଦିଅଙ୍କୁ ରୀତିନୀତିରେ କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କ ବାଳଧୂପ କରାଯାଇ ମହାପ୍ରଭୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ପବିତ୍ର ସ୍ନାନଯାତ୍ରା ଉପଲକ୍ଷେ ସ୍ନାନ ମଣ୍ଡପରେ ବିଜେ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀଜୀଉମାନଙ୍କୁ ଧାଡ଼ି ପହଣ୍ଡି କରି ବିଜେ କରାଯିବା ପରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ମଇଲମ ଏବଂ ତଡ଼ପ ଲାଗି ଆଦି ବିଭିନ୍ନ ନୀତି ସମ୍ପନ୍ନ ହେବା ସହ ଶ୍ରୀବିଗ୍ରହମାନଙ୍କ ସ୍ନାନଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଛି। ସ୍ନାନ ସମାପନ ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଆଡ଼ପ ମଣ୍ଡପକୁ ନିଆଯାଇଥିଲା।

## ଭରତପୁର ଜିଏମ୍ ଅଫିସ୍ ୫ଘଣ୍ଟା ଅଚଳ

**ତାଳଚେର ସଦର, ୨୨।୬(ସମିସ):** ଏମସିଏଲର ଭରତପୁର କୋଇଲା ଖଣିର ଜିଏମ ଅଫିସରେ ଆଇଏନଟିୟୁସି ନେତାଙ୍କ ଧାରଣା ସହ କାର୍ଯ୍ୟାଳୟ ଗେଟ୍ ବନ୍ଦକରିବା ଫଳରେ କର୍ମଚାରୀ ଓ ଅଧିକାରୀମାନେ ୫ଘଣ୍ଟା କାର୍ଯ୍ୟାଳୟ ଭିତରେ ବସି ରହିଥିଲେ। ଭରତପୁର କୋଇଲା ଖଣିରେ ସମ୍ଭାବ୍ୟ ଦୁର୍ଘଟଣା ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ଗାଡ଼ି ନିୟୋଜିତ ହୋଇଥାଏ। ମାତ୍ର ଦୀର୍ଘଦିନ ହେବ ଆମ୍ବୁଲାନ୍ସ ଗାଡ଼ି ଅଚଳହେବା ଫଳରେ ଶ୍ରମିକମାନେ ଦୁର୍ଘଟଣା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ ଖଣି କର୍ତ୍ତୃପକ୍ଷ ନଶୁଣିବାରୁ ବାଧହୋଇ ଶ୍ରମିକ ନେତା ବିନୟ ଖିଲାରଙ୍କ ନେତୃତ୍ୱରେ ଜିଏମ ଅଫିସକୁ ମଧ୍ୟାହ୍ନ ସମୟରୁ ଅପରାହ୍ଣ ୪ଘଟିକା ପର୍ଯ୍ୟନ୍ତ ବନ୍ଦ କରିଦେଇଥିଲେ। କର୍ତ୍ତୃପକ୍ଷଙ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ



**ତାଳଚେର, ୨୨।୬(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ରାଧାରମଣପୁର ଗ୍ରାମର ସୁରେଶ ବେହେରାଙ୍କ ପତ୍ନୀ ଭାମା ବେହେରା(୬୧)ଙ୍କ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ପୁତୁରାଙ୍କ ସହଯୋଗରେ ପୁଅ ଜିତେନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଥିଲା।

# ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଶିବିର




**■ ଆଇୱା କର୍ମୀ**

**ଢେଙ୍କାନାଳ:** ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଆରୋଗ୍ୟମ ଯୋଗ ଏବଂ ୱେଲଫେୟାର ଆସୋସିଏସନର କାର୍ଯ୍ୟକର୍ତ୍ତା ତଥା ଯୋଗ ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସଦରର ନବନିର୍ବାଚିତ ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ସେଠୀ, ପ୍ରୋଜେକ୍ଟ ଡାଇରେକ୍ଟର ପ୍ରମୁଖ ଉପସ୍ଥିତ ରହି ଯୋଗର ଉପକାରିତା ବିଷୟରେ ଆଲୋକପାତ କରଥିଲେ। ଏହି କାର୍ଯ୍ୟକ୍ରମରେ ଆଇୱାର ଯୋଗ ପ୍ରଶିକ୍ଷାର୍ଥୀ ବାସନ୍ତୀ ବେହେରାଙ୍କୁ ଯୋଗ ପ୍ରଶିକ୍ଷଣର ଦାୟିତ୍ୱ ଦିଆଯାଇଥିଲା ଏବଂ ଏହି ଦାୟିତ୍ୱକୁ ଶ୍ରୀମତୀ ବେହେରା ସୁଚାରୁରୂପେ ତୁଲାଇଥିଲେ। ଆଇୱା, ଢେଙ୍କାନାଳର ନିର୍ଦ୍ଦେଶିକା ଅନସୂୟା ମିଶ୍ର, ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ତୟୁବ ଅନସାରୀ, ସଦସ୍ୟା ନମିତା ରଥ, ମମତା ମହାପାତ୍ର, ପ୍ରଶିକ୍ଷାର୍ଥୀ ପ୍ରୀତିସୁଧା ମିଶ୍ର, ବାସନ୍ତୀ ବେହେରା, ଶିବାନୀ ସାମଲ, ମଧୁସ୍ମିତା ମଙ୍ଗରାଜ, ମମତା ସ୍ୱାଇଁ, ନମିତା ମିଶ୍ର, ନିରୁପମା ଜେନା, ଶୁଭସ୍ମିତା ନନ୍ଦ, ପୁଷ୍ପଲତା ପାଲ, ସଂଯୁକ୍ତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କେବଳ ଢେଙ୍କାନାଳରେ ନୁହେଁ, ଆଇୱାର ଯୋଗ ପ୍ରଶିକ୍ଷିକା ମନସ୍ୱିନୀ ମିଶ୍ର, ଭୁବନେଶ୍ୱରସ୍ଥିତ କଳିଙ୍ଗ ହକି ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରଶିକ୍ଷଣ ଦାୟିତ୍ୱ ନେଇଥିଲେ।

**■ ଭାରତ ମାତା ସେବା ଅନୁଷ୍ଠାନ**

ଢେଙ୍କାନାଳ, ୨୨।୬(ସମିସ): ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଭାରତ ମାତା ସେବା ଅନୁଷ୍ଠାନ ଓ ସହିଦ ବାଜି ରାଉତ ଶାଖା, ଭାରତ ବିକାଶ ପରିଷଦ ତରଫରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥିମାନଙ୍କ ଦ୍ୱାରା ଭାରତମାତାଙ୍କୁ ମାଲ୍ୟାର୍ପଣ ଓ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ପ୍ରାରମ୍ଭ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ 'ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ' ସମ୍ବନ୍ଧୀୟ କିଛି ବକ୍ତବ୍ୟ ରଖିଥିଲେ। ଭାରତ ମାତା ସେବା ଅନୁଷ୍ଠାନର ସଭାପତି ଇଂ ବାବୁଚାନ୍ଦ ମହାଳିକ ଓ ଭାରତ ବିକାଶ ପରିଷଦ ର ଉପସଭାନେତ୍ରୀ ଉଷାରାଣୀ ଦାସ ମଞ୍ଚାସିନ ଥିଲେ। ମଞ୍ଚ ପରିଚାଳନା



କରିଥିଲେ ପରିଷଦର ସମ୍ପାଦକ ଇଂ ରାଜୀବ ମାହୁନ୍ତ। ସେବା ଅନୁଷ୍ଠାନର କୋଷାଧ୍ୟକ୍ଷ କଲ୍ୟାଣ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଯୋଗ ଗୁରୁ ଚିନ୍ତାମଣି ନାଥ, ମନସ୍ୱିନୀ ମିଶ୍ର, ଆଡଭୋକେଟ ଅନୁସୟା ମିଶ୍ର ଯୋଗ ଶିକ୍ଷା ଦେଇଥିଲେ। ଉତ୍ସବରେ ଥିଙ୍କର୍ସ ଫୋରମ, ସରସ୍ୱତୀ ଶିଶୁ ମନ୍ଦିର ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ବହୁ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଭାରତ ମାତା ସେବା ଅନୁଷ୍ଠାନର ସମ୍ପାଦକ ଶକ୍ତି ପ୍ରସାଦ ନନ୍ଦ ପରିଚାଳନା କରିଥିଲେ।

**■ ଖମାର କଲେଜ**

**ଖମାର :** ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଖମାରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପ୍ରଧାନ ସକାଳ ୭ ଘଟିକାରେ ଯୋଗ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଜୟଦେବ ବିଶ୍ୱାଳ, ଅନୁଗୋଳ ଜିଲ୍ଲା ପ୍ରୋଗ୍ରାମ ଅଫିସର ଶିତିକଣ୍ଠ ରଥ ଓ ତାଳଚେର ପତଞ୍ଜଳି ଯୋଗ କେନ୍ଦ୍ରର ଯୋଗଗୁରୁ ଜୟ ନାରାୟଣ ରାୟ ଓ ଜ୍ୟୋସ୍ନାମୟୀ ବେହେରା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉକ୍ତ କଲେଜ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଶୋକ କୁମାର ସାମଲ ଶିବିର ପରିଚାଳନା କରିଥିଲେ।

**■ ହିନ୍ଦୋଳ ମହାବିଦ୍ୟାଳୟ**

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ରଞ୍ଜାଗୋଳ ବ୍ରହ୍ମଚାରୀ ଧୂନୀଘର ମଠର ମହନ୍ତ ମାଧବାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀଙ୍କ ସମେତ ଅଧ୍ୟାପକ ଡ଼. ମହେନ୍ଦ୍ର କୁମାର ସ୍ୱାଇଁ, ଦୀପକରଞ୍ଜନ ବିଶ୍ୱାଳ, ଅଭିରାମ ମେହେର, ଡେମୋନେଷ୍ଟ୍ରେଟର ବିଶ୍ୱରଞ୍ଜନ, ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ବ୍ରଜକିଶୋର ବେହେରା, ଯୁବରେଡକ୍ରସର କାଉନସିଲର ପ୍ରିୟଙ୍କା ତିଗା, ମୁଖ୍ୟ କର୍ମଚାରୀ ସନ୍ଦୀପ କୁମାର ଦେବତା, ସମୀର ଦେହୁରୀ ଓ ଟୁନା ଗୋଛାୟତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**■ ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

**ଢେଙ୍କାନାଳ:** ଓଡାପଡ଼ା ବ୍ଲକ ଅନ୍ତର୍ଗତ ଓଡାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ପ୍ରାଚୀନ ଭାରତୀୟ ଯୋଗର ମହାତ୍ମ୍ୟ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟ ସହ-ପ୍ରଧାନଆଚାର୍ଯ୍ୟ ଗଗନ ବିହାରୀ ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯୋଗାଚାର୍ଯ୍ୟା ରଶ୍ମିତା ସାହୁ ବିଭିନ୍ନ ଆସନ ପ୍ରାଣାୟାମ ପ୍ରଦର୍ଶନ କରିବା ସହିତ ଯୋଗର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଯୋଗ ଦିବସରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ମୋନାଲିସା ଗୁରୁମା, କ୍ଷୀରାବ୍ଧୀ ଗୁରୁମା, ଅଶାନ୍ତି ଗୁରୁମା, ତପସ୍ୱିନୀ ଗୁରୁମା, ବନୀତା ଗୁରୁମା, ସସ୍ମିତା ଗୁରୁମା, ସତ୍ୟପ୍ରିୟ ଗୁରୁମା ଓ ପରିଚାଳନା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

**■ ବି.ବି. ହାଇସ୍କୁଲ**

**ଢେଙ୍କାନାଳ:** ସ୍ଥାନୀୟ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ଜଳ, ସ୍ଥଳ, ଆକାଶ ଓ ବାଳିକା ବାହିନୀର ପ୍ରାୟ ୩୦୦ ଜଣ ସମର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ ଅଫିସର ଡା.ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାଏକ, ସୀମା ରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଞ୍ଚି ନାଏକ, ସମର ଶିକ୍ଷାର୍ଥୀ ନୌବାହିନୀ ପୂର୍ବତନ ଚିଫ ଅଫିସର ଧ୍ୟାନଚାନ୍ଦ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସମର ଶିକ୍ଷାର୍ଥୀ ସ୍ଥଳ ବାଳିକା ବାହିନୀ ଅଫିସର ଅନୁପମା ପଣ୍ଡା, ଗାଇଡ଼ ଶିକ୍ଷୟିତ୍ରୀ କ୍ଷୀରାବ୍ଧୀ ତନୟା ମହାପାତ୍ର, ସୁଚିତ୍ରା ସାହୁ, ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, ସଂସ୍କୃତ ଶିକ୍ଷକ ତଥା ସମର ଶିକ୍ଷାର୍ଥୀ ସ୍ଥଳ ବାହିନୀ ବାଳକ ବିଭାଗ ଅଫିସର୍ ଦିପ୍ତିଶ କୁମାର ଶତପଥୀ, ସମର ଶିକ୍ଷାର୍ଥୀ ନୌବାହିନୀ ବାଳକ ଓ ବାଳିକା ବିଭାଗ ଦାୟିତ୍ୱରେ ଥିବା କେୟାର ଟେକର ଅଫିସର୍ କିରଣମୟୀ ମହାଳିକ, କଲ୍ୟାଣୀ ବଡ଼ଜେନା, ଭୂପେନ୍ଦ୍ର ସିଂ ମାଝୀ, କିରଣ କଣ୍ଟା, ସପର୍ଯ୍ୟା ଶୁଭଶ୍ରୀ ମିଶ୍ର, ଡେପୁଟେସନରେ କାର୍ଯ୍ୟରତା ଶିକ୍ଷୟିତ୍ରୀ ସୁନିତା ନାଥ, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନା, ସ୍ମିତା ପଟ୍ଟନାୟକ, ଅନିତା ସାହୁ, ବରିଷ୍ଠ କାର୍ଯ୍ୟାଳୟ ସହକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ସୁଦର୍ଶନ ସାହୁ, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଯୋଗଦାନ କରିଥିଲେ।

# କେନ୍ଦ୍ରାପଡ଼ା ପୌର ପରିଷଦ ଭାଙ୍ଗିବା ନେଇ ଚର୍ଚ୍ଚା

- ୧୪ କାଉନ୍‌ସିଲରଙ୍କ ଗୁପ୍ତ ବୈଠକ
- ନେତୃତ୍ୱ ନେଉଛନ୍ତି ପୂର୍ବତନ କାଉନ୍‌ସିଲରଙ୍କ ପୁଅ

କେନ୍ଦ୍ରାପଡ଼ା, ୨୨ା୬(ସମିସ): ରାଜ୍ୟର ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡ଼ା ପୌରପରିଷଦକୁ ଭାଙ୍ଗି ଦେବାକୁ ୧୪ କାଉନ୍‌ସିଲର ଗୁପ୍ତ ବୈଠକ କରିଛନ୍ତି। ତିନିମୁହାଣୀ ନିକଟସ୍ଥ ଏକ ଚର୍ଚ୍ଚିତ ହୋଟେଲରେ ଏହି ବୈଠକ ବସିଥିଲା। ଯେଉଁ ହୋଟେଲଟି ନିର୍ବାଚନ ସମୟରେ ସବୁବେଳେ ଚର୍ଚ୍ଚାରେ ରହିଥାଏ। କାରଣ ଏହି ହୋଟେଲରେ ନେତାମାନଙ୍କ ଗୁପ୍ତ ବୈଠକ ବସିଥାଏ। ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ପୌର ପରିଷଦକୁ ଭାଙ୍ଗି ଦେବା ପାଇଁ ଏଠାରେ ଆଲୋଚନା ହୋଇଥିଲା। ଏହି ଗୁପ୍ତ ବୈଠକର ନେତୃତ୍ୱ ନେଇଥିଲେ ଜଣେ ପୂର୍ବତନ କାଉନସିଲରଙ୍କ ପୁଅ। ରାଜ୍ୟରେ ବିଜେଡି ସରକାର ବଦଳି ବିଜେପି ସରକାର ଆସିଲା। ତେଣୁ କେନ୍ଦ୍ରାପଡ଼ା ପୌର ପରିଷଦକୁ ଭାଙ୍ଗି ନୂଆ ବୋର୍ଡ ଗଠନ କରିବା ପାଇଁ ଏଠାରେ ଆଲୋଚନା ହୋଇଥିଲା ବୋଲି ବୈଠକରେ ଉପସ୍ଥିତ ଥିବା ଜଣେ କାଉନସିଲର ନାମ ଗୋପାନ ରଖି ପ୍ରକାଶ କରିଛନ୍ତି। ସେ କହିଛନ୍ତି ବର୍ତ୍ତମାନର ପୌରାଧ୍ୟକ୍ଷା କାଉନସିଲରମାନଙ୍କୁ ସହଯୋଗ କରୁନାହାନ୍ତି। ଯାହା ଫଳରେ ପୌରାଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି। ଏହାସହ ସମସ୍ତ କାର୍ଯ୍ୟରେ ପୌରାଧ୍ୟକ୍ଷାଙ୍କ ସ୍ୱାମୀ ହସ୍ତକ୍ଷେପ କରୁଛନ୍ତି। ଫଳରେ କାଉନ୍‌ସିଲରମାନଙ୍କ ସ୍ୱାଧୀନତା ଉପରେ ଆଞ୍ଚ ଆସୁଛି। ଏହାକୁ ନେଇ କାଉନ୍‌ସିଲରମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତେଣୁ ପୌରପରିଷଦକୁ ଭାଙ୍ଗି ନୂଆ ପୌରପରିଷଦ ଗଠନ କରାଯିବାର ଆବଶ୍ୟକତା ରହିଥିବା ଆଲୋଚନା ହୋଇଥିବା ସେ କହିଛନ୍ତି।

ସେହିପରି ପୂର୍ବତନ କାଉନସିଲରଙ୍କ ପୁତ୍ର ରାଜ୍ୟର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ପୌର ପରିଷଦ ଭାଙ୍ଗିବା ନେଇ ଆଶୀର୍ବାଦ ପାଇଛନ୍ତି। ପୌର ପରିଷଦ ଭାଙ୍ଗିଗଲେ ପୁନର୍ବାର ନିର୍ବାଚନ ହେବ। ଫଳରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ସେ ବିଜୟୀ କରିବେ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି କେନ୍ଦ୍ରମନ୍ତ୍ରୀଙ୍କ ସହ ସେ ଦିଲ୍ଲୀ ଯାଇଥିବା ବୈଠକରେ ଉପସ୍ଥିତ ଥିବା ଜଣେ କାଉନ୍‌ସିଲର କହିଛନ୍ତି। ଏହି ଗୁପ୍ତ ବୈଠକରେ କଂଗ୍ରେସର ୬ କାଉନ୍‌ସିଲର ଓ ବିଜେଡିର ୮ କାଉନ୍‌ସିଲର ଯୋଗ ଦେଇଥିଲେ। ଗୁପ୍ତ ବୈଠକରେ ଉପସ୍ଥିତ ଥିବା ଅନ୍ୟ ଜଣେ କାଉନସିଲର କହିଛନ୍ତି କେନ୍ଦ୍ରାପଡ଼ା ପୌର ପରିଷଦର ସଂଖ୍ୟା ହେଉଛି ୨୧। ଦୁଇ ତୃତୀୟାଂଶ ସଭ୍ୟ ଯଦି ଅନାସ୍ଥା ପ୍ରସ୍ତାବ ଆଣିବେ ତାହା ହେଲେ ତାହା ଗୃହୀତ ହୋଇ ବୋର୍ଡ ଭାଙ୍ଗି ଦିଆଯିବାର ନିୟମ ରହିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ପୌରାଧ୍ୟକ୍ଷାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ।

ଲଘୁ ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା

# ଗଜାନନ ବେଶରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ



ଜଗତସିଂହପୁର, ୨୨ା୬(ସମିସ): ଜଗତସିଂହପୁର ସିଦ୍ଧଳସ୍ଥିତ ଲଘୁ ଶ୍ରୀକ୍ଷେତ୍ର ଶ୍ରୀବଳଦେବଜୀଉ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ବଡଭାଇ ବଡଠାକୁର ଶ୍ରୀବଳଦେବଜୀଉଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଦେଖିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ପ୍ରତ୍ୟୁଷ ୫ଟାରୁ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୭.୩୦ରେ ଶ୍ରୀବଳଦେବଜୀଉଙ୍କ ପହଣ୍ଡିବିଜେ କରାଯାଇ ମନ୍ଦିରର ଐଶାନ୍ୟ କୋଣରେ ଅବସ୍ଥିତ ସ୍ନାନବେଦୀକୁ ଅଣାଯାଇଥିଲା। ପୂଜାପଣ୍ଡାମାନଙ୍କ ଦ୍ୱାରା ସକାଳ ୭.୩୦ରେ ଜୟ ମଙ୍ଗଳ ଆରତୀ ନୀତି ସମ୍ପନ୍ନ ହୋଇଥିଲା। ସକାଳ ୯ଟାରେ ପାରମ୍ପରିକ ସ୍ନାନନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜୀଉଙ୍କୁ ୧୦୮ କୁମ୍ଭ ପବିତ୍ର ଜଳରେ ଜଳାଭିଷେକ କରାଯାଇଥିଲା। ଏହାପରେ ପୂର୍ବାହ୍ନ ୧୦ଟାରେ ବଲ୍ଲଭ ମଣୋହି ଓ ଖେଚୁଡିଧୂପ, ୧୨.୩୦ରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀଜୀଉଙ୍କୁ ମଙ୍ଗଳାର୍ପଣ କରାଯାଇଥିଲା। ପରେ ପରେ ଶ୍ରୀ ଜୀଉଙ୍କୁ ପୂଜାପଣ୍ଡା ମାନଙ୍କ ଦ୍ୱାରା ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଶହ ଶହ ଭକ୍ତମାନେ ସାହାଣମେଲାରେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ଏହାପରେ ବେଶଉଲାଗି କରାଯାଇ ମହାପ୍ରଭୁଙ୍କୁ ତାଳପତ୍ରରେ ତିଆରି ମୁକଟ ଲାଗି କରାଯାଇଥିଲା। ରାତି ୯.୩୦ରେ ପଣ୍ଡାମାନେ ମହାପ୍ରଭୁଙ୍କୁ ଅନବଶର ପିଣ୍ଡିକୁ ନେଇଥିଲେ। ଏହାପରେ ଅନବସର ନୀତି ସହିତ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ବନ୍ଦରହିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ଆସନ୍ତାକାଲି ସୋମବାର ଜଗମୋହନରେ ପଟିଦିଅଁଙ୍କୁ ସ୍ଥାପନ କରାଯିବ। ଭକ୍ତମାନେ ଅନବସର ସମୟରେ ଏହି ପଟିଦିଅଁଙ୍କୁ ଦର୍ଶନ କରିବେ ବୋଲି ବରିଷ୍ଠ ସେବାୟତ ଓ ପୁଜାପଣ୍ଡା ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଗାଙ୍ଗପଡ଼ା ସମିତିସଭ୍ୟାଙ୍କ ଅକାଳ ବିୟୋଗ

କେନ୍ଦ୍ରାପଡ଼ା, ୨୨ା୬(ସମିସ): ଗାଙ୍ଗପଡ଼ା ସମିତିସଭ୍ୟ ସନ୍ଧ୍ୟାରାଣୀ ସେଠୀଙ୍କର ୩୫ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଗତକାଲି ରାତିରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ମେଡିକାଲ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ



ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ୬ ବର୍ଷର ଗୋଟିଏ ପୁଅ ଓ ୧୨ ବର୍ଷର ଝିଅ ଅଛନ୍ତି। ତାଙ୍କ ସ୍ୱାମୀ ଅଭିରାମ ସେଠୀଙ୍କ ଉପସ୍ଥିତରେ ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଛି। ମୃତ୍ୟୁ ଖବର ପ୍ରଚାର ହେବାପରେ ପଞ୍ଚାୟତର ଶହ ଶହ ଜନସାଧାରଣ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏଭଳି ଦୁଃଖଦ ଖବର ପରେ ନିଜ ଗାଁ ସୋବଳା ଓ ଗାଙ୍ଗପଡ଼ା ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବିଧାୟକ ଗଣେଶ୍ୱର ବେହେରା କଟକ ମେଡ଼ିକାଲରେ ଶେଷ ଦର୍ଶନ କରିବା ସହ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପ୍ରମୁଖ ତାଙ୍କ ମୃତ୍ୟୁ ଖବର ପାଇଁ ସୋବଳା ଗାଁରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା



କେନ୍ଦ୍ରାପଡ଼ା, ୨୨ା୬(ସମିସ): ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗରାପୁର ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଜୁନ ୨୧ ତାରିଖ ଦିନ ଧାନ୍ୟାଧିବାସ ଓ ଅଙ୍କୁରାରୋପଣ କରାଯିବାପରେ ୨୨ ତାରିଖ ପ୍ରାତଃରେ କଳସଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା, ଚତୁର୍ଦ୍ଧାମୂର୍ତ୍ତି ପୂଜା, ମନ୍ଦିର ପ୍ରତିଷ୍ଠା, ଯଜ୍ଞ, ପୂର୍ଣ୍ଣାହୁତି କରାଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଅବସରରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରି ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମକୁ ବାସୁଦେବ ମହାପାତ୍ର ମୁଖ୍ୟ ପୂଜକ, କର୍ତ୍ତା ଭାବେ ଜିତେନ ସିଂ ଓ ଅନୁପମା ସିଂ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ କରାଯାଇଥିଲା। ପୂଜକ ବିଶ୍ୱନାଥ ମହାପାତ୍ର, ରବିନାରାୟଣ ମହାପାତ୍ର, ଦେବାଶୀଷ ମହାପାତ୍ର, ସୌମ୍ୟପ୍ରସାଦ ପଣ୍ଡା, ତ୍ରିଲୋଚନ ପଣ୍ଡା, ଅବିନାଶ ମିଶ୍ର, ବିଶ୍ୱଜିତ ମହାପାତ୍ର, ନିରାକାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭିତରକନିକାରୁ ବାଉେରା ଚେର ଜବତ; ଜଣେ ଗିରଫ



ରାଜନଗର, ୨୨ା୬(ସମିସ): ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ଜଙ୍ଗଲରୁ ଶୁକ୍ରବାର ଭୋରରେ ବାଉେରା ଓ ଗରାଣି ଚେର କାଟି ନେଉଥିବା ବେଳେ ରାଜକନିକା ବ୍ଲକ ଖୁଣ୍ଟା ଗ୍ରାମର ରତ୍ନାକର ମଳିକଙ୍କୁ ବନବିଭାଗ ଟିମ୍ ଗିରଫ କରିଛି। ସହକାରୀ ବନସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ଫରେଷ୍ଟଗାର୍ଡ କଳ୍ପତରୁ ସେଠୀ, ଅବକାଶ ପାତ୍ର ପ୍ରମୁଖ ରତ୍ନାକରଙ୍କ ନିକଟରୁ ୨ଟି କଟୁରୀ, ଗୋଟିଏ କୁରାଢ଼ୀ, ୨ ବସ୍ତା ଗରାଣୀ ଓ ୬ ବସ୍ତା ବାଉେରା ଚେର ସହ ଦୁଇଟି ହରିଣ ଫାଶ ଜବତ କରିଥିଲେ। ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ରାଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି।

# ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା



ଜଗତସିଂହପୁର, ୨୨ା୬(ସମିସ): ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଧର୍ମକ୍ଷେତ୍ର ଅଲଣା, ଗୋଠଦା ମଠ, ତିହୁଡାସ୍ଥିତ ଶ୍ରୀ ପତିତପାବନ ମନ୍ଦିରରେ ପତିତପାବନ, ଚାନ୍ଦଖାଁ ମଠସ୍ଥିତ ଶ୍ରୀ ବଳଦେବଜୀୟୁ ମନ୍ଦିର ଓ ରାଧବଲ୍ଲଭ ମଠ ପରିସରରେ ପଣ୍ଡିତ ସତ୍ୟଶିବ ନନ୍ଦ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ସ୍ନାନ କରାଇଥିଲେ। ରୀତିନୀତି ଅନୁସାରେ ଶ୍ରୀଜୀୟୁମାନଙ୍କର ପୂଜାର୍ଚ୍ଚନା କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ବ୍ରାହ୍ମଣ ମନ୍ତ୍ର ଧ୍ୱନିରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଇଥିଲେ। ଏହି ସମୟରେ ସ୍ନାନ ମଣ୍ଡପ ନିକଟରେ ହରିବୋଲ, ହୁଳାହୁଳି ଧ୍ୱନୀ ସହିତ ନାମ ସଂକୀର୍ତ୍ତନ କରାଯାଇଥିଲା।

# ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି

ରାଜନଗର, ୨୨ା୬(ସମିସ): ରାଜନଗର ବ୍ଲକ କେରଡାଗଡ଼ସ୍ଥିତ ପୁରାଣ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ଜୀଉଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ସମାପନ ହୋଇଛି। ଆଜି ସକାଳ ସାଢେ ୧୦ଟା ରେ ଶ୍ରୀ ଜୀଉଙ୍କୁ ରତ୍ନ ସିଂହାସନରୁ ବଡପଣ୍ଡାମାନେ ପହଣ୍ଡିରେ ସ୍ନାନ ମଣ୍ଡପକୁ ଆଣିଥିଲେ। ଶତାଧିକ ଭକ୍ତ ଉପସ୍ଥିତ ରହି ସ୍ନାନମଣ୍ଡପରେ ଶ୍ରୀ ଜୀଉଙ୍କ ମହାସ୍ନାନ ଦୃଶ୍ୟକୁ ଦେଖିଥିଲେ। ବଡପଣ୍ଡା ନିତ୍ୟାନନ୍ଦ ଦାଶ, ମଦନମୋହନ ରଥ, ସୋମନାଥ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ରୀତିନୀତି କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଅଣସର ଘରକୁ ନିଆଯାଇଥିଲା। ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ସେହିପରି ଏହି ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠସ୍ଥିତ ଶ୍ରୀ ବନବିହାରୀଜୀଉ, ଭିତରକନିକା



ଜାତୀୟ ଉଦ୍ୟାନ ସଂଲଗ୍ନ ରିଘାଗଡ଼ସ୍ଥିତ ଶ୍ରୀ ବଳଦେବଜୀଉ ଏବଂ ରାଜନଗରସ୍ଥିତ ଶ୍ରୀ ଦଧିବାମନ ଜୀଉଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ଏହାଛଡା ବ୍ରାହ୍ମଣସାହି ପଞ୍ଚାୟତର ଗଜରାଜପୁରସ୍ଥିତ ଶ୍ରୀ ନୀଳାଦ୍ରୀନାଥ ମନ୍ଦିର (ଇସ୍କନ)ରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ତିନି ଦିଅଁଙ୍କ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

# ଜେଏମ୍‌ଏଫ୍‌ସି ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜନଗର, ୨୨ା୬(ସମିସ): ରାଜନଗର ଓକିଲ ସଂଘ ପକ୍ଷରୁ ରାଜନଗର ଜେଏମଏଫସି କୋର୍ଟରେ କାର୍ଯ୍ୟରତ ବିଚାରବିଭାଗୀୟ ଅଧିକାରିଣୀ ଜ୍ୟୋତିର୍ମୟୀ ଷଡଙ୍ଗୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନ୍ୟାୟାଧିଶ ଶ୍ରୀମତି ଷଡଙ୍ଗୀ ୨୫ ଜାନୁୟାରୀ ୨୦୨୨ରେ ରାଜନଗର ଜେଏମଏଫସି କୋର୍ଟରେ ଯୋଗଦେଇଥିଲେ। ତାଙ୍କର କାର୍ଯ୍ୟକାଳ ସମୟ ମଧ୍ୟରେ ରାଜନଗର ବ୍ଲକର ଚକ୍ରଧରପୁର ଠାରେ ନୂତନ କୋର୍ଟଗୃହ ସ୍ଥାପନ ପ୍ରତି ଯଥେଷ୍ଟ ଅବଦାନ ରହିବା ସହିତ ରେକର୍ଡ ସଂଖ୍ୟକ କେସ୍‌ର ଫଇସଲା କରି ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିଛନ୍ତି। ଏବେ ତାଙ୍କର ରାୟଗଡ଼ା କୋର୍ଟକୁ ବଦଳି ହୋଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା



ସଭାରେ ରାଜନଗର ଓକିଲ ସଂଘର ସଭାପତି ଉମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ସରକାରୀ ଓକିଲ ନଳିନୀକାନ୍ତ ମଙ୍ଗରାଜ, ପ୍ରଭାତ କୁମାର ଜେନା, ମନୋରଞ୍ଜନ କବି, ଲକ୍ଷ୍ମଣ କୁମାର ରାଉତ, ସୁଧାଂଶୁ ସାହୁ, ବୀର କିଶୋର ମହାନ୍ତି, ମନ୍ମଥ ରାଉତ ପ୍ରମୁଖ ଯୋଗଦେଇ ନ୍ୟାୟାଧିଶ ଶ୍ରୀମତୀ ଷଡଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

● ବିଦ୍ୟାଳୟ ଗୃହ ନିର୍ମାଣକୁ ନେଇ ବିବାଦ

# ବିଡ଼ିଓଙ୍କୁ ଫେରାଦ ହେଲେ ଗାଁ ଲୋକେ

ଓଲାଭର, ୨୨ା୬(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ପ୍ରାଥମିକ ବିଦ୍ୟାଳୟର ଏକ ଭଲ ଥିବା ସ୍କୁଲ ଘର ଭଙ୍ଗାକୁ ନେଇ ବିଡ଼ିଓଙ୍କ ପାଖରେ ଗାଁଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଅବଦୁଲପୁର ସ୍କୁଲର ଏକ ଗୃହ ଅସୁରକ୍ଷିତ ବୋଲି ଘୋଷଣା ହୋଇଥିଲା। ତେବେ କିଛିଲୋକ ସେଇ ଗୃହକୁ ଭାଙ୍ଗି ନୂଆ ଗୃହ ନିର୍ମାଣ ଆଳରେ ଅସୁରକ୍ଷିତ ଥିବା ଗୃହ ପାଖରେ ଆଉ ଏକ ସୁରକ୍ଷିତ ତଥା ଭଲ ଥିବା ଘରକୁ ଭାଙ୍ଗିବାକୁ ମସୁଧା କରୁଥିବାରୁ ଏନେଇ ରାଜକନିକା ବିଡ଼ିଓ ପୃଥ୍ୱିରାଜ ପରିଡ଼ାଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ଗୃହ ନିର୍ମାଣ ସମ୍ପୂର୍ଣ୍ଣରୂପେ ପଞ୍ଚାୟତର ଜିପିଡିଏପି ବା ଗ୍ରାମ ପଞ୍ଚାୟତ ଡେଭଲପମେଣ୍ଟ ଆକ୍ସନ ପ୍ଲାନ୍ ଅନ୍ତର୍ଗତ ଅର୍ଥରେ ନିର୍ମାଣ କରାଯିବ। ଏଥିପାଇଁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ମିଳିତ ଏକାଉଣ୍ଟରୁ ଖର୍ଚ୍ଚ କରାଯିବାର ପ୍ରାବଧାନ ରହିଛି। ତେବେ ଅସୁରକ୍ଷିତ ଘର ଭାଙ୍ଗି ନୂଆ ଘର ନିର୍ମାଣର ଆବଶ୍ୟକତା ଥିବାସ୍ଥଳେ ଭଲ ଘରକୁ ଭାଙ୍ଗିବା କେତେଦୂର ଯୁକ୍ତିଯୁକ୍ତ ତାହା ଉପରେ ଉଠିଛି ପ୍ରଶ୍ନ। ଏ ସମ୍ପର୍କରେ ବିଡ଼ିଓ ଶ୍ରୀ ପରିଡ଼ାଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖେ ଏକ ଅଭିଯୋଗ ଆସିଛି। ସୋମବାର ଦିନ ଆସିଷ୍ଟାଣ୍ଟ ଜେଇ ତଦନ୍ତ କରିବେ ବୋଲି କହିଥିଲେ।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗ

# 'ମୋଦୀ ସରକାର ପୁଣି ଚାଷୀଙ୍କୁ ପ୍ରତାରିତ କଲେ'

କେନ୍ଦ୍ରାପଡ଼ା, ୨୨ା୬(ସମିସ): ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍‌ଏସ୍‌ପି ବାବଦରେ କୃଷକମାନଙ୍କୁ ଏଥର ମଧ୍ୟ ପ୍ରତାରଣା କଲା କେନ୍ଦ୍ରର ମୋଦୀ ସରକାର। ଚାଷର ପ୍ରକୃତ ଖର୍ଚ୍ଚକୁ ଆଢୁଆଳରେ ରଖି ଗତ ବୁଧବାର (୧୯-୦୬-୨୦୨୪) ଦିନ କେନ୍ଦ୍ର ସରକାର ଧାନ ସହ ୧୪ ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଘୋଷଣା କଲେ। କେନ୍ଦ୍ରୀୟ ମନ୍ତ୍ରୀସଭାର ବୈଠକ ପରେ ଜଣାଇ ଦିଆଗଲା ଯେ, ଗତବର୍ଷ ତୁଳନାରେ ଧାନର ସଂଗ୍ରହ ମୂଲ୍ୟ ୫.୩୫ ଶତାଂଶ ବଢ଼ାଇ କ୍ୱିଇଣ୍ଟାଲ ପିଛା ୨୩୦୦ ଟଙ୍କା କରାଯାଇଛି। ୨୦୨୪-୨୫ ଖରିଫ ଚାଷ ପାଇଁ ଧାନର ଏମ୍‌ଏସ୍‌ପି କ୍ୱିଇଣ୍ଟାଲ ପିଛା ୧୧୭ ଟଙ୍କା ବଢେଇ ଦିଆଯାଇଛି। ଏହା ସହିତ ତୈଳବୀଜ, ଡାଲି ଜାତୀୟ ଫସଲ, ତୁଳା, ବାଜରା ଇତ୍ୟାଦି ଫସଲର ନୂଆ ଏମ୍‌ଏସ୍‌ପି ଘୋଷଣା କରାଯାଇଛି। କେନ୍ଦ୍ରରେ ତୃତୀୟ ଥର ସରକାର ଗଢିବା ପରେ ଏହା ଥିଲା ମୋଦୀଙ୍କ ମନ୍ତ୍ରୀସଭାର ପ୍ରଥମ ବୈଠକ। ବୈଠକ ଶେଷରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇଥିଲେ। ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନରେ ଶକ୍ତ ଧକ୍କା ଖାଇଲା ପରେ ପ୍ରଥମରୁ ମୋଦୀ ସରକାର ନିଜକୁ କୃଷକ-ଦରଦୀ ବୋଲି ଦେଖାଇବାକୁ ଫସଲର ଏମ୍‌ଏସ୍‌ପି ବିଷୟର ସିଦ୍ଧାନ୍ତକୁ ନେଇ ମନ୍ତ୍ରୀ ମହାଶୟ ବିସ୍ତାରିତ ବ୍ୟାଖ୍ୟା ଦେବାରେ ଲାଗିଲେ। ବାରମ୍ବାର ସେହି ଗୋଟିଏ କଥା କହିବାରେ ଲାଗିଲେ- କୃଷକର ସ୍ୱାର୍ଥ ରକ୍ଷା ପାଇଁ ମୋଦୀ ସରକାର ଏହି ସିଦ୍ଧାନ୍ତ ନେଇଛି।

ମନ୍ତ୍ରୀ ଜଣାଇଲେ, ସାଧାରଣ ଗ୍ରେଡର ଧାନ କ୍ଷେତ୍ରରେ ଏମ୍‌ଏସ୍‌ପି କ୍ୱିଇଣ୍ଟାଲ ପିଛା ୧୧୭ ଟଙ୍କା ବଢେଇ ୨୦୨୪-୨୫ ଖରିଫ ଫସଲ ପାଇଁ ୨୩୦୦ ଟଙ୍କା କରାଯାଇଛି। 'ଏ' ଗ୍ରେଡ୍ ଭେରାଇଟି ର ଧାନର ଏମ୍‌ଏସ୍‌ପି କ୍ୱିଇଣ୍ଟାଲ ପିଛା ୨୩୨୦ ଟଙ୍କା ରଖାଯାଇଛି। ଗତବର୍ଷ ତୁଳନାରେ ତୈଳବୀଜ, ଡାଲି ଜାତୀୟ ଫସଲର ସହାୟକ ମୂଲ୍ୟ ଏକା ଥରକେ ସର୍ବୋଚ୍ଚ ବୃଦ୍ଧି ଘଟିଛି ବୋଲି ସେ ଦାବି କରିଥିଲେ। ମନ୍ତ୍ରୀ କହିଲେ, ଏଥର ମନ୍ତ୍ରୀସଭା ମକା ଫସଲର ଏମ୍‌ଏସ୍‌ପି ପ୍ରତି କ୍ୱିଇଣ୍ଟାଲ ୨୨୨୫ ଟଙ୍କା, ହରଡ ଡାଲି କ୍ୱିଇଣ୍ଟାଲ ପିଛା ୭୫୫୦ ଟଙ୍କା, ମୁଗ ଡାଲି ୮୬୮୨ ଟଙ୍କା, ସୂର୍ଯ୍ୟମୁଖୀ ବୀଜ ୭୨୮୦ ଟଙ୍କାର ଏମ୍‌ଏସ୍‌ପି ପାଇଁ ସୁପାରିଶ କରାଯାଇଛି।

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଚାଷର ଖର୍ଚ୍ଚ ଅସ୍ୱାଭାବିକ ହାରରେ ବଢ଼ିଯାଇଛି। କିନ୍ତୁ ସେହି କଥାକୁ ଲୁଚାଇ ରଖି କାର୍ଯ୍ୟତଃ ପ୍ରତାରଣା ସୁଲଭ ଢଙ୍ଗରେ ମନ୍ତ୍ରୀ ମହାଶୟ କହିଲେ, ଫସଲର ଉତ୍ପାଦନ ଖର୍ଚ୍ଚର ଦେଢ ଗୁଣ ଦାମ ଏମ୍‌ଏସ୍‌ପି ହିସାବରେ ଦେବାର ନୀତି ୨୦୧୮ରେ କେନ୍ଦ୍ରୀୟ ବଜେଟରେ ମୋଦୀ ସରକାର ଘୋଷଣା କରିଥିଲେ। ତେଣୁ ଏଥର ମଧ୍ୟ କୃଷକକୁ ଚାଷର ଖର୍ଚ୍ଚର ଦେଢଗୁଣ ଏମ୍‌ଏସ୍‌ପି ହିସାବରେ ଦେବାପାଇଁ ସିଦ୍ଧାନ୍ତ ହୋଇଛି। କମିଶନ୍ ଫର୍ ଏଗ୍ରୀକଲ୍‌ଚରାଲ୍ କଷ୍ଟ ଆଣ୍ଡ ପ୍ରାଇସେସ୍ (ସିଏସିପି)ର ସୁପାରିଶକୁ ମାନି ଏହି ସିଦ୍ଧାନ୍ତ ହୋଇଛି ବୋଲି ମନ୍ତ୍ରୀ ଦାବି କରିଥିଲେ। କିନ୍ତୁ ବାସ୍ତବରେ ଚାଷର ଖର୍ଚ୍ଚ ଯେମିତି ଆକାଶଚୁମ୍ବୀ ହୋଇଛି ସିଏସିପିର ହିସାବ ତା' ପାଖାପାଖି ପହଞ୍ଚି ନଥାଏ ବୋଲି ସବୁରାଜ୍ୟର କୃଷକମାନେ ବାରମ୍ବାର ଅଭିଯୋଗ ଉଠାଇଥିଲେ। କୃଷକଙ୍କୁ ଯେଉଁ ପ୍ରତାରଣା କରାଯାଉଛି, ତା'ର ଯାବତୀୟ ରହସ୍ୟ ଏହି ସିଏସିପିର ହିସାବ ମଧ୍ୟରେ ଲୁକ୍କାୟିତ ହୋଇ ରହିଥାଏ। ସରକାର ଚାଷର ପ୍ରକୃତ ଖର୍ଚ୍ଚକୁ ଇଚ୍ଛାକୃତ ଭାବେ କମ୍ କରି ଦେଖାଇଥାନ୍ତି। ଦେଶର କୃଷକମାନଙ୍କ ସହ କୌଣସି ଆଲୋଚନା ନ କରି ଛଳନାପୂର୍ଣ୍ଣ ହିସାବକୁ ଭିତ୍ତିକରି ସରକାର ପ୍ରତ୍ୟେକ ଥର ଏମ୍‌ଏସ୍‌ପି ଘୋଷଣା କରିଥାନ୍ତି।

ପରିସ୍ଥିତି ଏହିପରି ହେବା ଦ୍ୱାରା କେରଳର ବାମପନ୍ଥୀ ସରକାର ପ୍ରକୃତ ଅନ୍ନଦାତାମାନଙ୍କ ପାଖରେ ଠିଆହୋଇ ଧାନ କ୍ୱିଇଣ୍ଟାଲ ପିଛା ୨୮୫୦ ଟଙ୍କା ଦେଉଛନ୍ତି। ଏହି ମୂଲ୍ୟ କେନ୍ଦ୍ରର ଘୋଷିତ ମୂଲ୍ୟ ଅପେକ୍ଷା ଅନେକ ବେଶୀ। ଫଳରେ ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ଦାମ୍ ଦେବା ନାଁରେ କେନ୍ଦ୍ର ସରକାର ଏବେ ଯେଉଁ ଏମ୍‌ଏସ୍‌ପି ଘୋଷଣା କରିଛନ୍ତି, ତା' ବିରୁଦ୍ଧରେ ସାରା ଦେଶରେ କୃଷକମାନେ ପ୍ରତିବାଦ ମୁଖର ହୋଇଛନ୍ତି। ଭୁକ୍ତଭୋଗୀ କୃଷକମାନେ ପ୍ରଶ୍ନ ଉଠାଇଛନ୍ତି, କେନ୍ଦ୍ର ସରକାର ଯଦି ଏତେ କୃଷକ ଦରଦୀ ତେବେ ବାରମ୍ବାର ଦାବି କରିବା ସତ୍ତ୍ୱେ ଚାଷର ପ୍ରକୃତ ଖର୍ଚ୍ଚର ଦେଢଗୁଣକୁ ଏମ୍‌ଏସ୍‌ପି ବୋଲି ସ୍ୱୀକୃତି ଦେଇ କାହିଁକି ଆଇନ ତିଆରି କରୁନାହିଁ ? ଏମ୍‌ଏସ୍‌ପି ଘୋଷଣା କରିବା ଆଗରୁ କାହିଁକି କୃଷକମାନଙ୍କ ମତାମତ ନେଉ ନାହାନ୍ତି ଏହି ସରକାର? ଅତଏବ, ମୋଦୀ ସରକାର କୃଷକ ବିରୋଧୀ ହୋଇ ରହିଯାଇଛନ୍ତି।

ଏହି ପ୍ରସଙ୍ଗରେ ବିଚାର କରି ଦେଖିଲେ ଜଣାପଡୁଛି ଯେ ଏହି ମୋଦୀ ସରକାର କୃଷକ ସହ ଶ୍ରମଜୀବୀ ମଣିଷଙ୍କୁ କେବଳ ପ୍ରତାରଣା କରି ଚାଲିଛି। ବିହନ, ସାର, କୀଟନାଶକ, ଡିଜେଲ, ବିଦ୍ୟୁତ ଚାଷ କାର୍ଯ୍ୟର ସମସ୍ତ ଉପାଦାନଗୁଡିକର ବଢ଼ି ଯାଇଥିବା ମୂଲ୍ୟ କୃଷକର ପହଞ୍ଚ ବାହାରେ। ଫଳରେ ଘୋଷଣା କରାଯାଇଥିବା ଏମ୍‌ଏସ୍‌ପିର ମୂଲ୍ୟ ଦ୍ୱାରା କୃଷକର କୌଣସି ଲାଭ ହେବ ନାହିଁ। ସୁତରାଂ ଏହି ବିଷୟକୁ ନେଇ କୃଷକମାନଙ୍କୁ ପୁଣି ରାସ୍ତାକୁ ଓହ୍ଲାଇବାକୁ ପଡ଼ିବ।

ରାଜନୈତିକ ବିଶ୍ଳେଷକମାନଙ୍କ ବକ୍ତବ୍ୟ, ଏହି ବର୍ଷରେ ହରିଆଣା, ମହାରାଷ୍ଟ୍ର, ଝାଡଖଣ୍ଡ ଏବଂ ଦିଲ୍ଲୀରେ ବିଧାନସଭା ଭୋଟ ହେବ। ସାରା ଦେଶରେ ଲଗାତାର କୃଷକ ଆନ୍ଦୋଳନ ଫଳରେ ମୋଦୀ ସରକାର ଗତ କେତେବର୍ଷ ଧରି ଚାପ ମଧ୍ୟରେ ରହିଛି। ସଦ୍ୟ ସମାପ୍ତ ନିର୍ବାଚନରେ ବଡ ଧକ୍କା ଖାଇ ଏନ୍‌ଡିଏ ସରକାର ଏଥର ନିଜକୁ 'କୃଷକ-ଦରଦୀ' ଭାବେ ପ୍ରତିଷ୍ଠାପିତ କରିବାକୁ ଜୋରରେ ଲାଗିଛନ୍ତି। ତେବେ ଏମ୍‌ଏସ୍‌ପି ବଢ଼ାଇବା ନାଁରେ ଯେଉଁ ସରକାରୀ ପ୍ରତାରଣା ଚାଲିଛି ସେହି କୃଷକ ବିରୋଧୀ ନୀତି ବିରୋଧରେ ପ୍ରତିବାଦ ଜାରି ରହିବ ବୋଲି ଓଡ଼ିଶା କୃଷକ ସଭାର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଗୟାଧର ଧଳ ଏବଂ ସମ୍ପାଦକ ବିଜୟ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## କୋପା ଆମେରିକା ଫୁଟବଲ

# ପେରୁ-ଚିଲି ମ୍ୟାଚ୍ ଗୋଲ୍ ଶୂନ୍ୟ

**ଟେକ୍ସାସ୍,୨୨।୬(ଏଜେନ୍ସି):** ଦକ୍ଷିଣ ଆମେରିକାର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକାର ଦ୍ୱିତୀୟ ଦିବସରେ ଲାଟିନ ଆମେରିକାର ଦୁଇ ଦେଶ ପେରୁ ଓ ଚିଲି ପରସ୍ପରକୁ ଭେଟିଥିଲେ। ଶନିବାର ଖେଳାଯାଇଥିବା ଏହି ମୁକାବିଲା ଗୋଲ ଶୂନ୍ୟ ଭାବେ ଅମୀମାଂସିତ ରହିଛି। ସ୍ଥାନୀୟ ଅର୍ଲିଂଟନସ୍ଥିତ ଏଟି ଆଣ୍ଡ ଟି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ ଏ'ର ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ କୌଣସି ଦଳ ଗୋଲ ଦେବାକୁ ସକ୍ଷମ ହୋଇ ନଥିଲେ। ୪୧ ବର୍ଷୀୟ ଚିଲି ଗୋଲରକ୍ଷକ କ୍ଲାଉଡିଓ ବ୍ରାଭୋ ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମ୍ୟାଚ୍ ଅମୀମାଂସିତ ରହିଥିବାରୁ ପେରୁ ଓ ଚିଲି ପଏଣ୍ଟ ଭାଗ କରିଛନ୍ତି। ପେରୁ ତା'ର ଦ୍ୱିତୀୟ ମ୍ୟାଚ୍‌ରେ କାନାଡାକୁ ୨୬ ତାରିଖ ବୁଧବାର ଭେଟିବ। ସେହିପରି ଚିଲି ଏହି ଦିନ ଆର୍ଜେଣ୍ଟିନାକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।



ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଚିଲିର ଆଲେକ୍ସିଜ ସାଞ୍ଚେଜ୍ ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ବଲ୍ ବାର ଉପରେ ଚାଲିଯାଇଥିଲା। ଫଳରେ ଗୋଲ ହୋଇପାରି ନଥିଲା। ସାରା ମ୍ୟାଚ୍‌ରେ ଚିଲି କିନ୍ତୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ଚିଲି ଖେଳାଳି ପାଖାପାଖି ଦୁଇଗୁଣା ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ। ସେହିପରି ସଟ୍, ପାସ୍ ଓ ପାସ୍ ଆକ୍ୟୁରେସି ଚିଲି ଆଗରେ ରହିଥିଲା। କିନ୍ତୁ ସଟ୍ ଅନ୍ ଟାର୍ଗେଟ ଅର୍ଥାତ ଗୋଲ ପୋଷ୍ଟକୁ ବଲ୍ ମାରିବାରେ ପେରୁ ଯଥେଷ୍ଟ ଆଗରେ ରହିଥିଲା। ପେରୁର ଆକ୍ରମଣକୁ ଚିଲି ଗୋଲରକ୍ଷକ ବ୍ରାଭୋ ପ୍ରତିହତ କରିଥିଲେ। ପୂର୍ବରୁ ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୨-୦ ଗୋଲରେ କାନାଡାକୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିବା ସହ ଗ୍ରୁପ୍ ଶୀର୍ଷରେ ରହିଛି। ସମାନ ଗୋଟିଏ ଲେଖାଏ ପଏଣ୍ଟ ପାଇଥିଲେ ମଧ୍ୟ ଗ୍ରୁପ୍ ଏ'ରେ ପେରୁ ଦ୍ୱିତୀୟ ଓ ଚିଲି ତୃତୀୟ ସ୍ଥାନରେ ରହିଛି। ଉଲ୍ଲେଖଥାଉ କି, କୋପା ଆମେରିକା ଇତିହାସରେ ଚିଲି ଓ ପେରୁ ୨ଥର ଲେଖାଏ ଟାଇଟଲ ଜିତିଛନ୍ତି। ଚିଲି ୨୦୧୫, ୨୦୧୬ ଚାମ୍ପିଅନ ହେବା ସହ ୪ଥର ରନର୍ସଅପ୍ ବିବେଚିତ ହୋଇଥିଲା। ସେହିପରି ପେରୁ ୧୯୩୯ ଓ ୧୯୭୫ରେ ଟାଇଟଲ ଜିତିଥିଲା ଓ ୨୦୧୯ରେ ରନର୍ସଅପ୍ ବିବେଚିତ ହୋଇଥିଲା।

# 'ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ'

**ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):** ଭାରତର ଶ୍ରେଷ୍ଠ ଟେନିସ ଖେଳାଳି ସୁମିତ୍ ନାଗଲ ଆସନ୍ତା ମାସରେ ଆୟୋଜିତ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଫିସିଆଲ୍ ଭାବେ ଶନିବାର ଏହା ଘୋଷଣା କରାଯାଇଛି। 'ଏହା ସେୟାର କରି ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ପ୍ୟାରିସ ଅଲିମ୍ପିକ୍ସକୁ ଅଫିସିଆଲ୍ ଭାବେ ଯୋଗ୍ୟତା ଅର୍ଜନ କରିଛି। ଅଲିମ୍ପିକ୍ସ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବାରୁ ଏହା ମୋ ପାଇଁ ସ୍ମରଣୀୟ ମୁହୂର୍ତ୍ତ' ବୋଲି ନାଗଲ କହିଛନ୍ତି।

ନାଗଲଙ୍କଠାରୁ ଉଚ୍ଚମାନ୍ୟତା ରହିଥିବା କିଛି ଖେଳାଳି ଅଲିମ୍ପିକ୍ସରୁ ଓହରି ଯାଉଥିବାରୁ ତାଙ୍କର ଯୋଗ୍ୟତା ଅର୍ଜନ କରିବା ରାସ୍ତା ପରିଷ୍କାର ହୋଇଛି। ଦ୍ୱିତୀୟ ଭାରତୀୟ ଭାବେ ୨୬ ବର୍ଷୀୟ ନାଗଲ କ୍ରମାଗତ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ପ୍ରଥମ ଭାରତୀୟ ଭାବେ କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ କ୍ରମାଗତ ୩ଟି (୧୯୯୨, ୧୯୯୬ ଓ ୨୦୦୦) ଅଲିମ୍ପିକ୍ସ ଖେଳିଥିଲେ। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ଏକକ ଇଭେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ୟାରିସ ଅଲିମ୍ପିକ୍ସରେ ଜୁଲାଇ ୨୭ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଟେନିସ ଇଭେଣ୍ଟ ଖେଳାଯିବ।



## ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତ

# ମହିଳା କମ୍ପାଉଣ୍ଡ ଟିମ୍‌କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



**ଆଣ୍ଟାଲ୍ୟା,ତୁର୍କୀ, ୨୨।୬(ଏଜେନ୍ସି):** ଭି ଜ୍ୟୋତି ସୁରେଖା, ପରନୀତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ତୁର୍କୀର ଆଣ୍ଟାଲ୍ୟାରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଏହି ଭାରତୀୟ ଟିମ୍ କ୍ରମାଗତ ତୃତୀୟଥର ପ୍ରଥମ ସ୍ଥାନ ଅଧିକାର କରି ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଏମାନେ ୨୩୨-୨୨୯ ପଏଣ୍ଟ ବ୍ୟବଧାନରେ ଇସ୍ତୋନିଆକୁ ପରାସ୍ତ କରିଥିଲେ। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ଆରମ୍ଭରୁ ଶେଷଯାଏ ଅଗ୍ରଣୀ ବଜାୟ ରଖିଥିଲେ। ଅନ୍ୟ ପକ୍ଷରେ ପୁରୁଷ ବିଭାଗରେ ପ୍ରିୟାଂଶ ପୁରୁଷ ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି।

ଏହି ପ୍ରତିଯୋଗିତାରେ ଭାରତୀୟ ମହିଳା କମ୍ପାଉଣଡ ଟିମ୍ ନଂ-୧ ଟିମ୍ ଭାବେ ଖେଳିଥିଲା। ଇସ୍ତୋନିଆ ପକ୍ଷରୁ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲିଜେଲ ଜାତ୍‌ମା, ମେରୀ ମାରିଟା ପାସ୍ ଓ ମାରିସ୍ ଟେଷ୍ଟମ୍ୟାନ୍ ଏହି ମୁକାବିଲାରେ ଭାରତକୁ ବିରୋଧ କରିଥିଲେ। ପ୍ରଥମ ରାଉଣ୍ଡରୁ ଗୋଟିଏ ପଏଣ୍ଟ ଆଗରେ ଥିବା ଜ୍ୟୋତି-ପରନୀତ-ଅଦିତି ଆଉ ପଛକୁ ଫେରି ଚାହିଁ ନ ଥିଲେ। ଶେଷ ରାଉଣ୍ଡରେ ସେମାନେ ୬ଥରରୁ ୫ଥର ବୁଲ୍ସ ଆଇରେ ତୀର ନିକ୍ଷେପ କରି ମୁକାବିଲାକୁ କବ୍‌ଜା କରିନେଇଥିଲେ।

ଚଳିତବର୍ଷ ବିଶ୍ୱ ଓ ଏସିଆନ ଗେମସ ବିଜେତା ଭାରତୀୟ ଦଳ ଏହାକୁ ମିଶାଇ ଚତୁର୍ଥଥର ଜୀରନ୍ଦାଜି ବିଶ୍ୱକପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ପ୍ୟାରିସ୍‌ରେ ଅନୁଷ୍ଠିତ ଷ୍ଟେଜ୍-୪ରେ ମଧ୍ୟ ଭାରତୀୟ ମହିଳା ମାନେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଣ୍ଟାଲ୍ୟାରେ ଅତ୍ୟଧିକ ଗରମ ହେବା ସତ୍ତ୍ୱେଭାରତୀୟ ମାନେ ସେମାନଙ୍କ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି।

### ପ୍ରିୟାଂଶଙ୍କୁ ରୌପ୍ୟ ପଦକ

ପୁରୁଷ ବିଭାଗରେ ୨୧ ବର୍ଷୀୟ ପ୍ରିୟାଂଶ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆରମ୍ଭରୁ ଭଲ ଖେଳିଥିବା ପ୍ରିୟାଂଶ ସେମିଫାଇନାଲରେ ଡେନ୍‌ମାର୍କର ୟୁରୋପୀୟ ଚାମ୍ପିଅନ ଫୁଲରଟନଙ୍କୁ ୧୫୦-୧୪୯ ପଏଣ୍ଟରେ ପରାସ୍ତ କରିଥିଲେ। କିନ୍ତୁ ଫାଇନାଲରେ ସେ ନେଦରଲାଣ୍ଡସର ନଂ-୧ ଖେଳାଳି ମାଇକ୍ ସ୍କୋଲେଏସରଙ୍କ ଠାରୁ ମାତ୍ର ଗୋଟିଏ ପଏଣ୍ଟ ବ୍ୟବଧାନରେ ହାରିଯାଇଥିଲେ। ମାଇକ୍ ଏହି ମ୍ୟାଚ୍‌କୁ ୧୪୯-୧୪୮ ପଏଣ୍ଟ ବ୍ୟବଧାନରେ ଜିତିଥିଲେ। ଶେଷ ରାଉଣ୍ଡରେ ପ୍ରିୟାଂଶ ୧୦ ପଏଣ୍ଟ ପାଇବାରେ ସମର୍ଥ ହୋଇ ନ ଥିଲେ।

## ୱିମ୍ବଲଡନ ଟେନିସ୍

# ପୁରୁଷ ଯୁଗଳ ଖେଳିବେ ୪ ଭାରତୀୟ

**ୱିମ୍ବଲଡନ,୨୨।୬(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ଜୁଲାଇ ପହିଲାରୁ ଆରମ୍ଭ ହେବାକୁ ଯାଉଛି। ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ପ୍ରତିଯୋଗିତାରେ ଏଥର ଭାରତୀୟ ଖେଳାଳିମାନେ ଟାଇଟଲ ହାସଲ କରିବା ସମ୍ଭାବନ ସୃଷ୍ଟି କରିଛନ୍ତି। ପୁରୁଷ ଯୁଗଳ ମୁଖ୍ୟ ଡ୍ର'ରେ ୪ ଜଣ ଭାରତୀୟ ଅଂଶଗ୍ରହଣ କରିବେ। ୪୪ ବର୍ଷୀୟ ରୋହାନ ବୋପାନ୍ନା, ସୁମିତ ନାଗଲ, ଏନ୍ ଶ୍ରୀରାମ ବାଲାଜୀ ଓ ୟୁକି ଭାମ୍ବ୍ରି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।



ବୋପାନ୍ନା ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କ ସହ କୋର୍ଟକୁ ଓହ୍ଲାଇବେ। ସେହିପରି ନାଗଲ ସର୍ବିଆର ଡୁସାନ ଲାଜୋଭିକ୍‌ଙ୍କ ଖେଳିବେ। ସେହିପରି ଭାମ୍ବ୍ରି ଫ୍ରାନ୍ସର ଅଲବାନୋ ଓଲିଭେଟିଙ୍କ ସହ ଖେଳିବେ। ଅନ୍ୟପଟେ ବାଲାଜୀ ସ୍ଥାନୀୟ ବ୍ରିଟେନ ଖେଳାଳି ଲୁକ୍ ଜନସନଙ୍କ ସହ ଯୁଗଳ ମ୍ୟାଚ୍ ଖେଳିବେ। ବୋପାନ୍ନା ଓ ଏବଡେନ ଗତବର୍ଷ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ବିଜେତା ନେଦରଲାଣ୍ଡସର ୱେସଲି କୁଲହୋପ୍ ଓ ଗ୍ରେଟ୍ ବ୍ରିଟେନର ନିଲ ସ୍କୁପସ୍କିଙ୍କଠାରୁ ୫-୭, ୪-୬ ସିଧାସଳଖ ସେଟ୍‌ରେ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ତେବେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ବୋପାନ୍ନା ନିଜ ଦେଶର ବାଲାଜୀଙ୍କ ସାଥି କରି ଖେଳିବେ। ଏ ନେଇ ଗତ ୧୩ ତାରିଖରେ ସର୍ବ ଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଘୋଡଣା କରିଥିଲା।

ବୋପାନ୍ନା ଏବେ ଏଟିପି ଯୁଗଳ ମାନ୍ୟତାର ୪ ନଂ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ୩୧ ବର୍ଷୀୟ ଭାମ୍ବ୍ରି ୩ଟି ସ୍ଥାନ ଉପରକୁ ଉଠି ୫୧ତମ ସ୍ଥାନରେ ରହିଛନ୍ତି। ସେହିପରି ୩୪ ବର୍ଷୀୟ ବାଲାଜୀ ୫ଟି ସ୍ଥାନ ଉପରକୁ ଉଠି ୬୨ତମ ସ୍ଥାନରେ ରହିଛନ୍ତି। ଭାରତର ଶ୍ରେଷ୍ଠ ଏକକ ତାରକ ନାଗଲ କିନ୍ତୁ ଯୁଗଳ ମାନ୍ୟତାରେ ୭୦୧ତମ ସ୍ଥାନରେ ରହିଛନ୍ତି। ନାଗଲ ଏକକ ମାନ୍ୟତାରେ ୭୧ତମ ସ୍ଥାନରେ ରହିଛନ୍ତି।

## କୁଇନ୍ସ କ୍ଲବ ଟେନିସ୍

# ଫାଇନାଲରେ ମୁସେଟି

**ଲଣ୍ଡନ,୨୨।୬(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୱାର୍ମଅପ୍ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହେଉଥିବା କୁଇନ୍ସ କ୍ଲବ ଟେନିସରେ ଇଟାଲୀର ଲୋରେଞ୍ଜୋ ମୁସେଟି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମି ଫାଇନାଲ ମ୍ୟାଚ୍‌ରେ ମୁସେଟି ୬-୩, ୩-୬, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ସ୍ଥାନୀୟ ୱେଷ୍ଟ କେନସିଂଟନରେ ଖେଳାଯାଉଥିବା ବିଶ୍ୱର ଏହି ଅନ୍ୟତମ ପୁରାତନ ଟୁର୍ଣ୍ଣାମେଣ୍ଟରେ ମୁସେଟି ଫାଇନାଲରେ ଆମେରିକର ୫ମ ସିଡ୍ ଖେଳାଳି ଟମି ପଲ୍ କିମ୍ବା ସେବାଷ୍ଟିଆନ କୋଡ୍ରାଙ୍କୁ ଭେଟିବେ। ଏହାପୂର୍ବରୁ ମୁସେଟି କ୍ୱାର୍ଟର ଫାଇନାଲରେ ଶୁକ୍ରବାର ବ୍ରିଟେନର ବିଲି ହାରିସଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଥିଲେ। ସେହିପରି ଥମ୍ପସନ ୬-୪, ୬-୩ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରି ସେମିକୁ ଅଗ୍ରଗତି କରିଥିଲେ।

## ହାଲେ ଓପନ୍ ଟେନିସ୍

# ସିନର-ହୁରକାଜ ଫାଇନାଲ

**ହାଲେ,୨୨।୬(ଏଜେନ୍ସି):** ଜର୍ମାନୀର ହାଲେଠାରେ ଚାଲିଥିବା ଏଟିପି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ପୁରୁଷ ଏକକ ଫାଇନାଲରେ ୫ମ ସିଡ୍ ପୋଲାଣ୍ଡର ହୁବର୍ଟ ହୁରକାଜ୍ ଓ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ରବିବାର ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ହୁରକାଜ୍ ୭-୬, ୬-୪ ସିଧାସଳଖ ସେଟ୍‌ରେ ଦ୍ୱିତୀୟସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଅନ୍ୟଏକ ସେମିଫାଇନାଲରେ ସିନର ୬-୪, ୭-୬ ସେଟ୍‌ରେ ଚୀନର ଝାଙ୍ଗ୍ ଝିଝେନଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ପ୍ରଥମ ସେଟ୍‌ରେ ସହଜରେ ବିଜୟୀ ହୋଇଥିଲେ ମଧ୍ୟ ଦ୍ୱିତୀୟ ସେଟ୍‌ରେ ବିଜୟୀ ହେବାକୁ ସିନରଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ଏହାପୂର୍ବରୁ କ୍ୱାର୍ଟର ଫାଇନାଲ ମୁକାବିଲାରେ ସିନର ୬-୨, ୬-୭, ୭-୬ ସେଟ୍‌ରେ ଜର୍ମାନୀର ଜାନ- ଲେନାର୍ଡ ଷ୍ଟ୍ରୁଫ୍‌ଙ୍କୁ ଓ ହୁରକାଜ ୭-୬, ୬-୪ ସେଟ୍‌ରେ ଆମେରିକାର ମାର୍କସ ଗିରୋନଙ୍କୁ ହରାଇ ସେମିକୁ ଉଠିଥିଲେ।



# ମହାରାଷ୍ଟ୍ରର ସଫଳ ବୋଲର ସମାଦଙ୍କ ଅବସର

**ମୁମ୍ବଇ, ୨୨।୬ (ଏଜେନ୍ସି):** ରଣଜୀ ଟ୍ରଫି କ୍ରିକେଟ୍‌ରେ ମହାରାଷ୍ଟ୍ର ପାଇଁ ସବୁଠୁ ସଫଳ ବୋଲର ରହିଥିବା ସମାଦ ଫଲା ଶନିବାର ପ୍ରଫେସନାଲ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୯ ବର୍ଷୀୟ ଏହି ବାମହାତୀ ଦ୍ରୁତ ବୋଲର ୭୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୨୮.୪୮ ହାରରେ ୨୮୭ ୱିକେଟ୍ ନେଇଛନ୍ତି। ସେଥିମଧ୍ୟରୁ ରଣଜୀ ଟ୍ରଫିରେ ସେ ୨୭୨ ୱିକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୫୦ ଲିଷ୍ଟ-ଏ ଓ ୫୮ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୭୫ ଓ ୬୨ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।



'ଅବସର ଏକ ସହଜ ପରିଚୟ ନୁହେଁ। କିନ୍ତୁ ଏହାକୁ ମୁଁ ଦୁଇବର୍ଷ ପୂର୍ବେ ଗ୍ରହଣ କରିସାରିଛି। ଏବେ ଏହାକୁ ଆନୁଷ୍ଠାନିକ ଘୋଷଣା କରିଛି। କୌଣସି ବୟସ ଗ୍ରୁପ୍ ମ୍ୟାଚ୍ ନ ଖେଳି ରଣଜୀ ଟ୍ରଫି ପଦାର୍ପଣରେ ୫ ୱିକେଟ୍ ନେବା ସହ ମହାରାଷ୍ଟ୍ର ପାଇଁ ସର୍ବାଧିକ ୱିକେଟ୍ ଅକ୍ତିଆର କରିବାର ସୌଭାଗ୍ୟ ପାଇଛି' ବୋଲି ସମାଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୨୦୦୯ରେ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ୪ ୱିକେଟ୍ ନେଇ ସମାଦ ମହାରାଷ୍ଟ୍ରକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ କିଛି ବର୍ଷ ପୂର୍ବେ ସେ ମହାରାଷ୍ଟ୍ର ଛାଡ଼ି ଉତ୍ତରାଖଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। କିନ୍ତୁ ଏହାପରେ ମହାରାଷ୍ଟ୍ର ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଶେଷଥର ଲାଗି ୨୦୨୧ରେ ସେ ତାଙ୍କ ଶେଷ ପ୍ରତିଦ୍ୱନ୍ଦ୍ୱୀତାମୂଳକ କ୍ରିକେଟ୍ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ପ୍ରଶାନ୍ତ, ହେମନ୍ତଙ୍କ ଶତକ: କେନ୍ଦୁଝର, ଖୋର୍ଦ୍ଧାର ବୃହତ୍ ବିଜୟ

**ଭୁବନେଶ୍ୱର, ୨୨।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ହେମନ୍ତ ରଥୀ ଓ ପ୍ରଶାନ୍ତ ଚୌହାନଙ୍କ ଶତକୀୟ ପାଳି ବଳରେ ଯଥାକ୍ରମେ ଖୋର୍ଦ୍ଧା ଓ କେନ୍ଦୁଝର ବୃହତ୍ ବିଜୟ ହାସଲ କରିଛି। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ରାଉରକେଲା, ବରଗଡ଼, ସମ୍ବଲପୁର ଓ ଢେଙ୍କାନାଳ ବିଜୟ ଲାଭ କରିଛନ୍ତି।


ହେମନ୍ତ ରଥୀ


ପ୍ରଶାନ୍ତ ଚୌହାନ


ସୁମିତ ମିଶ୍ର

### ବିଡ଼ାନାସୀ ଗ୍ରାଉଣ୍ଡ

ଏଠାରେ ଖେଳାଯାଇଥିବା ଏକ ମୁକାବିଲାରେ ରାଉରକେଲା ୩୮ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ରୋହନ କୁମାର (୭୧ ରନ) ଓ ସ୍ନେହାଲ ସାମନ୍ତରାୟ (୫୫)ଙ୍କ ଅର୍ଦ୍ଧଶତକ ବଳରେ ୪୯ ଓଭରରେ ୮ ୱିକେଟ୍ ହରାଇ ୨୬୨ ରନ କରିଥିଲା। ପ୍ରତିପକ୍ଷ ବାଲେଶ୍ୱରର ସଫଳ ବୋଲର ଭାବେ ବିନୟ ଚାନ୍ଦ ୪ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ବାଲେଶ୍ୱର ୪୫.୪ ଓଭରରେ ୨୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ମିକୁନ ଦଳନାୟକ ୬୪ ଓ ଶୁଭ୍ରଜିତ୍ ଜେନା ୫୩ ରନ କରିଥିଲେ। ବିଜୟୀ ଦଳର ରୋହନ କୁମାର ଓ କୌସ୍ତିକ ମହାନ୍ତି ୩ଟି ଲେଖାଏ ୱିକେଟ୍ ନେଇଥିଲେ।

### ସନସାଇନ ଗ୍ରାଉଣ୍ଡ

ନବରଙ୍ଗପୁର ବିପକ୍ଷ ମ୍ୟାଚରେ ହେମନ୍ତ ରଥୀଙ୍କ ୧୪୨ ରନ ସହାୟତାରେ ଖୋର୍ଦ୍ଧା ୪୫ ଓଭରରେ ୬ ୱିକେଟ୍ ହରାଇ ୨୯୨ ରନ ସଂଗ୍ରହ କରିଥିଲା। ନବରଙ୍ଗପୁରର ଦିଲୀପ ବିଶୋୟୀ ୪ଟି ୱିକେଟ୍ ନେଇଥିଲେ। ଏହି ବିଶାଳ ରନକୁ ପିଛା କରି ନବରଙ୍ଗପୁର ମାତ୍ର ୪୫ ରନରେ ଅଲ୍‌ଆଉଟ୍ ହୋଇ ୨୪୭ ରନରେ ହାରିଯାଇଥିଲା। ଖୋର୍ଦ୍ଧାର ସୁମିତ ମିଶ୍ର ୭ ୱିକେଟ୍ ନେବା ମ୍ୟାଚର ସବୁଠୁ ଉଲ୍ଲେଖନୀୟ ପ୍ରଦର୍ଶନ ରହିଥିଲା।

### ରେଭେନଶା ଗ୍ରାଉଣ୍ଡ-୧

ଏଠାରେ ବରଗଡ଼ ବୋଲର ବିନୟ ଶର୍ମା (୫ ୱିକେଟ୍)ଙ୍କ ସାମ୍ନା କରି ନପାରି ପ୍ରଥମେ ବ୍ୟାଟିଂ କରିଥିବା ପାରାଦୀପ ୪୮.୩ ଓଭରରେ ୧୪୮ ରନରେ ସୀମିତ ରହିଥିଲା। ଜବାବରେ ୩୮.୪ ଓଭରରେ ୯ ୱିକେଟ୍ ହରାଇ ରୋମାଞ୍ଚକ ବିଜୟ ଲାଭ କରିଥିଲା।

### ନିମପୁର ଗ୍ରାଉଣ୍ଡ

ସମ୍ବଲପୁର ଏକ ଏକପାଖିଆ ମୁକାବିଲାରେ ୧୦ ୱିକେଟ୍‌ରେ କନ୍ଧମାଳକୁ ହରାଇଦେଇଛି। ମ୍ୟାଚରେ ବରଗଡ଼ ମାତ୍ର ୯୭ ରନର ଲକ୍ଷ୍ୟ ସମ୍ବଲପୁର ସାମ୍ନାରେ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ସମ୍ବଲପୁର ଦୁଇ ଓପନର୍ କ୍ରିଶ୍ ସିଂଙ୍କ ୪୯ ଓ ଶିଭମ ସ୍ୱରୂପଙ୍କ ୪୩ ରନ ବଳରେ କୌଣସି ୱିକେଟ୍ ନ ହରାଇ ୧୨.୪ ଓଭରରେ ମ୍ୟାଚ୍ ଜିତିନେଇଥିଲା। ରତିରଞ୍ଜନ ବାରିକ (୨୫ ରନରେ ୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ରେଭେନଶା ଗ୍ରାଉଣ୍ଡ-୨

ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୭ ୱିକେଟ୍‌ରେ କଟକ-ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ମାତ୍ର ୧୨୧ ରନରେ ସୀମିତ ରହିଥିଲା। ପ୍ରତିପକ୍ଷ ବୋଲର ପ୍ରୟାନ ସାମଲ ୪ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଢେଙ୍କାନାଳ ୧୮.୨ ଓଭରରେ ୩ ଓଵ୍‌କେଟ୍ ହରାଇ ବିଜୟୀ ହୋଇଥିଲା। ବୋଲିଂ ଭଳି ବ୍ୟାଟିଂରେ ପ୍ରୟାନ ଅପରାଜିତ ୮୪ ରନ କରିଥିଲେ।

### ଡ୍ରିମ୍ସ ଗ୍ରାଉଣ୍ଡ

କେନ୍ଦୁଝର ୧୮୬ ରନର ଏକ ବଡ଼ ବ୍ୟବଧାନରେ ପୁରୀକୁ ପରାସ୍ତ କରିଛି। ପ୍ରଶାନ୍ତ ଚୌହାନଙ୍କ ୧୧୪ ରନ ବଳରେ କେନ୍ଦୁଝର ୪୫ ଓଭରରେ ୬ ୱିକେଟ୍‌ରେ ୩୦୦ ରନ କରିଥିଲା। ଗତ ମ୍ୟାଚରେ ଦ୍ୱିଶତକ ହାସଲ କରିଥିବା ସାର୍ଥକ ୬୯ ରନରେ ଆଉଟ୍ ହୋଇଥିଲେ। ଜବାବରେ ପୁରୀ ୧୧୪ ରନରେ ସମସ୍ତ ୱିକେଟ୍ ହରାଇ ପରାଜୟବରଣ କରିଥିଲା। ଅର୍ପିତ ମହନ୍ତା ୯ ରନରେ ୫ ୱିକେଟ୍ ନେଇ ଶ୍ରେଷ୍ଠ ବୋଲିଂ କରିଥିଲେ।

# ଦି' ମୁଠା ଖାଦ୍ୟ ପାଇଁ ସଂଘର୍ଷ

ପେଟର ଭୋକ ଆଗରେ ହାର୍ ମାନିଛି ବୟସ। ପରିଣତ ବୟସରେ ବି ମୁଣ୍ଡଝାଳ ତୁଣ୍ଡରେ ମାରି କରୁଛନ୍ତି କଠିନ ପରିଶ୍ରମ। ଯେଉଁ ବୟସରେ ଘରେ ରହି ନାତିନାତୁଣୀଙ୍କ ସହ ହସ ଗମାତରେ ଦିନ ସରିବା କଥା, ସେହି ସମୟରେ ସେ ଉଠାଉଛନ୍ତି ପରିବାରର ବୋଝ। ଦି ଓଳି ଦି ମୁଠା ଖାଦ୍ୟ ପାଇଁ ପର ଦୁଆରେ କାମକରି କରୁଛନ୍ତି ସଂଘର୍ଷ। ଦେହ ଖରାପ ହେଉ ଅବା ମନ ସେ କଥା କିଏ ବା ବୁଝିବ। ସକାଳ ହେଲେ ବାବୁ ବାବୁଆଣୀମାନଙ୍କ ଘରେ କାମ ସାରି, ସନ୍ଧ୍ୟାରେ ବଡ଼ଦାଣ୍ଡରେ ଦୁଇ ଚାରିଗୋଟି ଜଗନ୍ନାଥ, ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଫଟୋ ସାଙ୍ଗକୁ ଭଳିକି ଭଳି ମାଳି, ବ୍ରେସ୍‌ଲେଟ୍, ଚକ୍ରି ଆଦି ବିକ୍ରିବଟା କରି ପରିବାର ପ୍ରତିପୋଷଣ କରୁଛନ୍ତି ପୁରୀ ଜିଲ୍ଲା ପଥୁରିଆ ସାହିର ୬୫ ବର୍ଷିୟା ଉର୍ମିଳା ବେହେରା।

### ଖଟିଲେ ଖାଇବି, ନହେଲେ ଓପାସ

ଘରେ ବସିଲେ ଦେବ କିଏ। ଖଟିଲେ ଖାଇବୁ ନ ଖଟିଲେ ସେ ଦିନ ଖାଡ଼ା ଉପାସ। ସ୍ୱାମୀ ଜୀବିତ ଥିବା ସମୟରେ ଯେନତେନ କରି ପରିବାର ଚଳୁଥିଲା କିନ୍ତୁ, ତାଙ୍କ ଅନ୍ତେ ଘର ଚଳିବା ଆଉ ସମ୍ଭବ ହେଲା ନାହିଁ। ଶେଷରେ ପରଦୁଆରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ଉର୍ମିଳା। ବୟସ ବୃଦ୍ଧି ପାଇବା ସହ ଆଖିକୁ ଝାପ୍‌ସା, ଓ କାନକୁ ସାମାନ୍ୟ ଶୁଣାଯାଉଥିଲେ ହେଁ ପରିସ୍ଥିତିରେ ପଡ଼ି କାର୍ଯ୍ୟ କରି ପରିବାର ଚଳାଇବାର ଦାୟିତ୍ୱଭାର ନେଇଛନ୍ତି ସେ। ଏବେର ମହଙ୍ଗା ଯୁଗରେ ଭାତ ଡାଲି ମୁଠେ ଖାଇବାକୁ ହେଲେ ମଧ୍ୟ କାମ କରିବାକୁ ପଡ଼ିବ।

### ଦିନରେ ବାବୁଘର, ସନ୍ଧ୍ୟାରେ ବଡ଼ଦାଣ୍ଡ

ସକାଳୁ ଉଠି ସେ ଘରଦ୍ୱାର କାମ ସାରି ବାବୁ, ବାବୁଆଣୀଙ୍କ ଘରକୁ ସହାୟିକା ଭାବେ କାର୍ଯ୍ୟ କରିବା ପାଇଁ ବାହାରିପଡ଼ନ୍ତି। ସେଠାରେ ସକାଳର ଯାବତୀୟ କାର୍ଯ୍ୟ ସଅଳ ଶେଷକରି ସନ୍ଧ୍ୟାରେ ବଡ଼ଦାଣ୍ଡରେ ଅଖାପାରି କରନ୍ତି ଠାକୁର ଫଟୋ ସମେତ ରଙ୍ଗିନ ମାଳି ବ୍ୟବସାୟ। ପରଘରେ କାର୍ଯ୍ୟ କରି ଯେଉଁ ଦୁଇ ପଇସା ରୋଜଗାର କରନ୍ତି ସେଥିରେ ମାସ ସାରା ଚଳିବା କଷ୍ଟକର ତେଣୁ ଶାରୀରିକ ସ୍ତରରେ ପରିଶ୍ରମ ହେଉଥିଲେ ମଧ୍ୟ ସନ୍ଧ୍ୟାରେ ଠାକୁରଙ୍କ ଫଟୋ ବିକ୍ରିବଟା କରି ଦୁଇ ପଇସା ରୋଜଗାର କରିଥାନ୍ତି।

### ଫଟୋ ସାଙ୍ଗକୁ ତୁଳସୀ ମାଳି, ନିର୍ମାଲ୍ୟ

ଉର୍ମିଳା ଜଗନ୍ନାଥ ଫଟୋ ସାଙ୍ଗକୁ, କଳା, ନାଲିରଙ୍ଗିନ ମାଳି, ତୁଳସୀ ମାଳି ଓ ନିର୍ମାଲ୍ୟ ଆଦି ବିକ୍ରିବଟା କରିଥାନ୍ତି। ସନ୍ଧ୍ୟା ଛଅଟାରୁ ମରଚିକୋଟ ଛକ ନିକଟରେ ଏହି ପସରା ଖୋଲି ରାତି ୧୦ଟା ପର୍ଯ୍ୟନ୍ତ ଚାହିଁ ବସିଥାନ୍ତି। ପାଞ୍ଚଟଙ୍କାରୁ ଆରମ୍ଭ କରି ଦେଢ଼ ଶହ ଟଙ୍କା ପର୍ଯ୍ୟନ୍ତ ଛୋଟମୋଟ ଜିନିଷ ଆଦି ବିକ୍ରି କରିଥାନ୍ତି। ତାଙ୍କ କହିବାନୁଯାୟୀ, ଅନେକ ଗ୍ରାହକ ଜିନିଷ ଦେଖନ୍ତି, ଦରଦାମ ପଚାରନ୍ତି, କିନ୍ତୁ କିଣିବା ଲୋକ ଖୁବ୍ କମ୍। ତଥାପି ଦୁଃଖ କରନ୍ତିନି ଉର୍ମିଳା। ବରଂ ଭଗବାନଙ୍କ ଉପରେ ଭରସା କରି ପରଦିନକୁ ଅପେକ୍ଷା କରି ରହିଥାନ୍ତି।



# ଫ୍ୟାନ୍ସି ଦୁପଟ୍ଟା



ଆଧୁନିକ ଜୀବନଶୈଳୀରେ ଦିନକୁ ଦିନ ଫ୍ୟାଶନ୍ ଟ୍ରେଣ୍ଡ ବଦଳିବାରେ ଲାଗିଛି। ବେଶପୋଷାକଠୁ ଆରମ୍ଭ କରି ଅଳଙ୍କାରରେ ଆଧୁନିକ ଛାପ ଦେଖିବାକୁ ମିଳୁଛି। ସେହିପରି ଦୁପଟ୍ଟାରେ ମଧ୍ୟ ନୂଆ ଡିଜାଇନ୍ ଦେଖିବାକୁ ମିଳୁଛି। ଯାହା ସୁଟ୍, ଅନାରକଲି ଆଦି ଆଉଟ୍‌ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ। ତେବେ ଜାଣିବା ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ଥିବା କିଛି ଫ୍ୟାନ୍ସି ଦୁପଟ୍ଟା ବିଷୟରେ...

### ଫୁଲ୍‌କାରୀ

ଗୋଟାପଟ୍ଟି ଡିଜାଇନର ଏହି ଫୁଲକାରୀ ଦୁପଟ୍ଟା ବିଭିନ୍ନ ରଙ୍ଗ ତଥା ଡିଜାଇନର ରହିଥାଏ। ଏଥିରେ ଓଢ଼ଣୀ ଧଡ଼ିରେ ସୁନେଲି ରଙ୍ଗର ଲେସ୍ ଲଗାଯିବା ସହ ରଙ୍ଗିନ କାମ ରହିଥଏ। ସେହିପରି ଏହାକୁ ହେଭି ଲୁକ୍ ଦେବା ପାଇଁ ଛୋଟ ପ୍ୟାଚ୍ ଲଗାଯାଇଥାଏ। ଏହି ଦୁପଟ୍ଟା ୩୫୦ ଟଙ୍କାରେ ମିଳିଥାଏ।

### ପାକିସ୍ତାନୀ

କୌଣସି ପର୍ବପର୍ବାଣୀରେ ଏହି ଦୁପଟ୍ଟା ସୁଟ ସହ ପକାଇପାରିବେ। ଏଥିରେ ବିଭିନ୍ନ ପ୍ରକାର ସିକ୍ୱିନ ଡିଜାଇନ ରହିଛି। ବିଶେଷ କରି ଏହି ଦୁପଟ୍ଟା କଳାରଙ୍ଗର ସୁଟ୍‌କୁ ଭଲ ମାନିଥାଏ। ଏହି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ରଙ୍ଗିନ୍ ଝୁମୁକା କାନଫୁଲ ପିନ୍ଧିପାରିବେ।



### ମିରର୍

ବର୍ତ୍ତମାନ ସମୟରେ ଭାରିକାମ ଥିବା ଦୁପଟ୍ଟା ଟ୍ରେଣ୍ଡରେ ରହିଛି। ଏ ପ୍ରକାର ଡିଜାଇନର ଦୁପଟ୍ଟା ବଜାରରେ ୩୦୦-୫୦୦ ଟଙ୍କା ମଧ୍ୟରେ ମିଳିଥାଏ। ଏ ପ୍ରକାର ଚୁନ୍‌ରୀ ବିଶେଷ କରି ସିମ୍ପଲ ସୁଟ୍ ତଥା ଷ୍ଟାଇଲିଶ୍ ପୋଷାକକୁ ଖୁବ୍ ସୁନ୍ଦର ମାନିଥାଏ। ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାପାଇଁ କାନରେ ଚାନ୍ଦବାଲି ଝୁମୁକା ପିନ୍ଧିପାରିବେ।



# ଦେଶୀ ଘିଅରେ କେଶର ଯତ୍ନ

ସାଧାରଣତଃ ସମସ୍ତେ କଳା, ଘନ ଓ ଚମକଯୁକ୍ତ କେଶ ଚାହାଁନ୍ତି। ଏଥିପାଇଁ କେଶର ଉପଯୁକ୍ତ ଯତ୍ନ ନେବାକୁ ମଧ୍ୟ ପଡ଼ିଥାଏ। ତେବେ କେଶର ପୋଷଣ ବଢ଼ାଇ ଏହାକୁ ଶକ୍ତ କରିବାକୁ ଚାହୁଁଥିଲେ ତେଲ ବଦଳରେ ଦେଶୀରେ ଘିଅ ମସାଜ୍ କରିପାରିବେ। ଏଥିରେ ଭରପୂର ମାତ୍ରାରେ ଭିଟାମିନ୍-ଇ, ଭିଟାମିନ୍ – ଏ, ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ତେବେ ଆସନ୍ତୁ ଜାଣିବା କିପରି କରିବେ ଏହାର ବ୍ୟବହାର।

- ପ୍ରଥମେ ଘିଅକୁ ନଖଉଷୁମ କରି ଦିଅନ୍ତୁ। ଏହାପରେ କେଶକୁ ଛୋଟ ଛୋଟ ଭାଗରେ ବିଭକ୍ତ କରି ଆଙ୍ଗୁଳି ସାହାଯ୍ୟରେ ଲଗାନ୍ତୁ। କେଶମୂଳରୁ ନେଇ ଅଗ୍ରଭାଗ ଯାଏ ଘିଅକୁ ଲଗାଇ ଏକ କ୍ୟାପ୍‌ରେ କେଶକୁ ଆବୃତ୍ତ କରି ୨୦ ମିନିଟ୍ ରଖି ଦିଅନ୍ତୁ ୨୦ ମିନିଟ୍ ପରେ କେଶକୁ ଧୋଇ ଦିଅନ୍ତୁ। ଏହା ଦ୍ୱାରା କେଶ ନରମ ହେବା ସହ ରୁପି ସମସ୍ୟା ଦୂର ହୋଇଥାଏ।
- ଗୋଟିଏ ପାତ୍ରରେ ତିନି ଚାମଚ ଘିଅ ନିଅନ୍ତୁ। ଦୁଇ ଚାମଚ ବାଦାମ ତେଲ ନେଇ ସେଥିରେ ଏକ ଚାମଚ ଲେମ୍ବୁରସ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଲଗାଇ ୫ ମିନିଟ୍ ମସାଜ କରନ୍ତୁ। ଏହା ପରେ ଯେ କୌଣସି ମାଇଲ୍ଡ ସାମ୍ପୁରେ କେଶ ଧୋଇ ଦିଅନ୍ତୁ।
- ଏକ ପାତ୍ରରେ ଦୁଇଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ସେଥିରେ ଦୁଇଚାମଚ ଘିଅ ମିଶାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାକୁ କେଶରେ ଲଗାଇ ଅଧ ଘଣ୍ଟାପରେ କେଶ ଧୋଇ ଦିଅନ୍ତୁ।





# ଟ୍ରେଣ୍ଡି ଫୁଟ୍‌ୱେୟାର୍



ବଜାରରେ ବିଭିନ୍ନ ଡିଜାଇନର ଫୁଟ୍‌ୱେୟାର୍ ରହିଛି। ଯେଉଁଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ମିଳିଥାଏ। କିନ୍ତୁ କେଉଁ ବେଶପୋଷାକରେ କିପରି ଜୋତା କିମ୍ବା ଚପଲ ପିନ୍ଧାଯିବ, ସେ ନେଇ ଅନେକ ସମୟରେ ମହିଳାମାନେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ତେବେ ଜାଣିବା ଆକର୍ଷଣୀୟ ତଥା ଏକ ବୋଲ୍‌ଡ ଲୁକ୍ ପାଇଁ ଟ୍ରେଣ୍ଡରେ ଥିବା କିଛି ଫୁଟ୍‌ୱେୟାର୍ ସମ୍ପର୍କରେ।

### ଫ୍ଲାଟ୍

ପାଦ ପାଇଁ ସବୁଠୁ ଆରାମଦାୟକ ଫୁଟ୍‌ୱେୟାର୍ ହେଉଛି ଫ୍ଲାଟ। ଅଫିସ କିମ୍ବା କୌଣସି ପାର୍ଟି, ଉତ୍ସବ ଆଦି ସ୍ଥାନକୁ ଯାଉଥିଲେ କାଜୁଆଲ୍ ଆଉଟ୍‌ଫିଟ୍ ସହ ଏହି ଷ୍ଟାଇଲିସ୍ ଫ୍ଲାଟ-ସୁ ପିନ୍ଧିପାରିବେ। ଏହା ପାଦକୁ ଆରାମ ଦେଇଥାଏ। ଚାହିଁଲେ ଶାଢ଼ି, ଜିନ୍ସ ଓ କିମ୍ବା ସୁଟ ସହ ଏହାକୁ ପିନ୍ଧିପାରିବେ।

### କୋଲ୍ହାପୁରୀ ଚପଲ

କୋଲ୍ହାପୁରୀ ଚପଲ ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଏଥିନିକ୍ ତଥା ପାରମ୍ପରିକ ଲୁକ ଚାହୁଁଥିଲେ, ଏହି କୋଲ୍ହାପୁରୀ ଚପଲ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ।

### ଲୋଫର୍

ଅଫିସ କିମ୍ବା କୌଣସି ଆଉଟିଙ୍ଗରେ ବାହାରକୁ ଯାଉଥିଲେ ଲୋଫର୍ ପିନ୍ଧିପାରିବେ। ଏହା କାଜୁଆଲ୍ ତଥା ଫରମାଲ୍ ଆଉଟ୍‌ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ। ଏହାକୁ ଜିନ୍ସ, ସ୍କର୍ଟ, ଟ୍ରାଉସରରେ ଓ ସର୍ଟ ଆଦିରେ ପିନ୍ଧିପାରିବେ।

# ଲିଚି ଫେସ୍‌ପ୍ୟାକ୍

ଲିଚି ସ୍ୱାସ୍ଥ୍ୟ ସହ ତ୍ୱଚା ପାଇଁ ମଧ୍ୟ ଖୁବ୍ ଗୁଣକାରୀ। ଏହାକୁ ସ୍କିନ୍ କେୟାର ରୁଟିନରେ ସାମିଲ କରି ଖରାଦିନେ ହେଉଥିବା ତ୍ୱଚା ଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ। ଲିଚିକୁ ଫେସ୍‌ପ୍ୟାକ, କ୍ଲିଞ୍ଜର ତଥା ଫେସସ୍କ୍ରବ୍ ଭାବେ ବ୍ୟବହାର କରି ତ୍ୱଚାର ସୁନ୍ଦରତା ବୃଦ୍ଧି କରିପାରିବେ।

### ଲିଚି ଓ ଚନ୍ଦନ

ପ୍ରଥମେ ଚାରିପାଞ୍ଚଟି ଲିଚିନେଇ ତାକୁ ଭଲ ଭାବେ ଗ୍ରାଇଣ୍ଡିଙ୍ଗ୍ କରି ରଖନ୍ତୁ। ସେଥିରେ ଏକ ଚାମଚ ଚନ୍ଦନ ପାଉଡର୍ ଓ ଅଧା ଚାମଚ ହଳଦୀ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟ୍‌କୁ ବେକ ଓ ମୁହଁରେ ଲଗାଇ ୨୦ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚାରେ ଚମକ ଆଣିବା ସହ ଖରାଦିନିଆ ତ୍ୱଚା ସମସ୍ୟାରୁ ମୁକ୍ତି ଦେଇଥାଏ।

### ଲିଚି ସହ ମହୁ

ଏହି ମାସ୍କ ପ୍ରସ୍ତୁତ କରିବା ପାଇଁ ଗୋଟିଏ ପାତ୍ରରେ ଦୁଇ ଚାମଚ ଲିଚି ରସ ନିଅନ୍ତୁ। ଦୁଇ ଚାମଚ ଆଲୋଭେରା ଜେଲ ଓ ଏକ ଚାମଚ ମହୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇ ଧଳା କପଡ଼ାରେ ପୋଛି ନିଅନ୍ତୁ।

### ଲିଚି ଓ ଦୁଗ୍ଧ

ତ୍ୱଚା ପାଇଁ ଲିଚି ଦୁଗ୍ଧ ମାସ୍କ ଖୁବ୍ ଲାଭଦାୟକ ହୋଇଥାଏ। ଏହି ମାସ୍କ ପ୍ରସ୍ତୁତ କରିବାପାଇଁ ଗୋଟିଏ ପାତ୍ରରେ ଆବଶ୍ୟକତା ଅନୁସାରେ ଲିଚି ରସ ନିଅନ୍ତୁ। ସେଥିରେ ଦୁଇ ରୁ ତିନି ଚାମଚ ଦୁଗ୍ଧ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଶୁଖିଗଲା ପରେ ମୁହଁ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ।



ମୋ ହାଣ୍ଡିଶାଳରୁ...

# ପାମ୍ପଡ଼ ମେଥି ତରକାରି



### ଆବଶ୍ୟକ ସାମଗ୍ରୀ

କଞ୍ଚା ପାମ୍ପଡ଼ - ସାତୋଟି ସୋରିଷ - ଏକ ଚାମଚ, ଜିରା - ଏକ ଚାମଚ, ମେଥି - ଏକ ଚାମଚ, ହେଙ୍ଗୁ - ଅଳ୍ପ, ହଳଦୀ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଧନିଆ ପତ୍ର - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହୋଇଯିବା ପରେ ସେଥିରେ ତେଲ ଦେଇ ସୋରିଷ ପକାନ୍ତୁ। ପରେ ସେଥିରେ ଜିରା, ହେଙ୍ଗୁ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଓ ଲୁଣ ପକାଇ ପିଠାଖଡ଼ିକାରେ ଘାଣ୍ଟି ଦିଅନ୍ତୁ। ଏହାପରେ ଏକ କପ୍ ପାଣିଦେଇ ଫୁଟାନ୍ତୁ। ପାଣି ଫୁଟିଗଲା ପରେ ସେଥିରେ ମେଥି ଓ କଞ୍ଚାପାମ୍ପଡ଼ ସବୁକୁ ଦେଇ ଦିଅନ୍ତୁ। ଢାଙ୍କୁଣୀ ଘୋଡ଼େଇ ୨ ମିନିଟ୍ ଢାଙ୍କି ଦିଅନ୍ତୁ। ପରେ ଢାଙ୍କୁଣୀ ଖୋଲି ସେଥିରେ ଧନିଆ ପତ୍ର ପକାଇ ପରଟା ସାଥିରେ ପରଷି ଦିଅନ୍ତୁ ଗରମ ଗରମ 'ପାମ୍ପଡ଼ ମେଥି ତରକାରି'।

ସକାଳ THE SAKALA
www.sakalaepaper.com
ରବିବାର
୨୩ ଜୁନ୍ ୨୦୨୪



ହାର୍ଦ୍ଦିକ ପାଣ୍ଡ୍ୟା

### ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ

# ଭାରତର ସର୍ବୋଚ୍ଚ ସ୍କୋର

**ଆଣ୍ଟିଗୁଆ, ୨୨।୬(ଏଜେନ୍ସି):** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ସୁପର-୮' ମୁକାବିଲାରେ ଭାରତ ବିଶାଳ ସ୍କୋର ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ ପାଣ୍ଡ୍ୟା ୨୭ ବଲ୍‌ରେ ୫୦ ରନ୍ କରିବା ଓ ଅନ୍ୟମାନଙ୍କଠାରୁ ଉପଯୁକ୍ତ ସହଯୋଗ ମିଳିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଛି। ଅନ୍ୟଭାରତୀୟଙ୍କ ମଧ୍ୟରେ ବିରାଟ କୋହଲି ୩୭, ଋଷଭ ପନ୍ତ ୩୬, ଶିବମ ଦୁବେ ୩୪ ଓ ରୋହିତ ଶର୍ମା ୨୩ ରନ୍ କରିଛନ୍ତି। କୋହଲି ସମସ୍ତ ବିଶ୍ୱକପ୍ କ୍ରିକେଟରେ ୩,୦୦୦ ରନ୍ ପୂରଣ କରିଛନ୍ତି। ବାଂଲାଦେଶ ପକ୍ଷରୁ ତାଞ୍ଜିମ ହାସନ ସକିବ ଓ ରିଷାଦ ହୋସେନ ୨ଟି ଲେଖାଏଁ ୱିକେଟ ନେଇଛନ୍ତି। ଜବାବରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୪ ଓଭରରେ ୪ ୱିକେଟ ହରାଇ ୧୦୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ମହମ୍ମଦୁଲ୍ଲା ୧ ଓ ନାଜମୋଲ ହୋସେନ ସାଣ୍ଟୋ ୩୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଲିଟନ ଦାସ ୧୩ ରନ୍ କରି ଆଉଟ ହୋଇଥିଲେ। ଏମାନେ ପ୍ରଥମ ୱିକେଟରେ ୩୫ ରନ୍ ଉଠାଇଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ବାଂଲାଦେଶ ୫ଟି ମ୍ୟାଚ୍‌ର ପ୍ରଥମ ୱିକେଟ୍‌ରେ ମିଳିତଭାବେ ୧୩ ରନ୍ କରିଥିଲା। ଭାରତ ପକ୍ଷରୁ ପାଣ୍ଡ୍ୟା ପ୍ରଥମ ୱିକେଟ ଅକ୍ତିଆର କରିଛନ୍ତି।

## ଦଳଗତ ବ୍ୟାଟିଂ ସଫଳତା

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭଲ ଆରମ୍ଭ କରିଥିଲା। କିନ୍ତୁ ଚତୁର୍ଥ ଓଭର ମଧ୍ୟରେ ରୋହିତ ଶର୍ମା ଆଉଟ ହୋଇଥିଲେ। ସେ ୧୧ ବଲ୍‌ରେ ଏହି ସ୍କୋର କରିଥିଲେ। ତାଙ୍କ ଆଉଟ ପରେ ବିରାଟ କୋହଲି ଓ ଋଷଭ ପନ୍ତ ଉଚିତ ମୁକାବିଲା କରି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେଟ୍ ହୋଇଆସୁଥିବା କୋହଲି ତାଙ୍କ ୱିକେଟ ଫିଙ୍ଗି ଦେଇଥିଲେ। ୨୮ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ୩୭ ରନ୍ କରିବା ପରେ ତାଙ୍କୁ ତାଞ୍ଜିମ ବୋଲ୍ଡ କରିଥିଲେ। ଉଭୟ ରୋହିତ ଓ ବିରାଟ ତାଙ୍କ ୱିକେଟ ଫିଙ୍ଗିଦେଇଥିଲେ। ଏମାନଙ୍କ ସହ ପନ୍ତ ମଧ୍ୟ ଖରାପ ନିଷ୍ପତ୍ତି ଯୋଗୁ ଆଉଟ ହୋଇଥିଲେ। ପନ୍ତଙ୍କ ବ୍ୟାଟରୁ ମିଳିଥିଲା ୩୬ ରନ୍। ଏଥିଲାଗି ସେ ୪ଟି ଚୌକା ଓ ୨ଟି ଛକାର ସହାୟତା ନେଇଥିଲେ। କୋହଲିଙ୍କ ସହ ସୂର୍ଯ୍ୟକୁମାର ଯାଦବ (୬) ଗୋଟିଏ ବଲ ବ୍ୟବଧାନରେ ଆଉଟ ହୋଇଥିଲେ। ପନ୍ତଙ୍କ ଉପରେ ଭରସା ଥିଲେ ମଧ୍ୟ ସେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଏମାନଙ୍କ ଆଉଟ ପରେ ସମାଲୋଚିତ ହୋଇଥିବା ଶିବମ ଦୁବେ ତାଙ୍କ ସମୟ ନେଇ ଭଲ ବ୍ୟାଟିଂ କରିଥିଲେ। କିନ୍ତୁ ସେ ୨୪ ବଲ୍‌ରେ ୩୪ ରନ୍ କରିବାକୁ ସମର୍ଥ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୩୪ ବଲ୍‌ରୁ ୫୩ ରନ୍ ଉଠାଇ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପାଣ୍ଡ୍ୟା କିନ୍ତୁ ଧୈର୍ଯ୍ୟର ସହ ବ୍ୟାଟିଂ କରି ଶେଷବଲ୍‌ରେ ଚୌକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୨୭ଟି ବଲ୍‌ରୁ ୪ଚୌକା ଓ ୩ଛକା ସହ ୫୦ ରନ୍ କରି ଅପରାଜିତ ରହିଥିଲେ। ଅକ୍ଷର ପଟେଲଙ୍କ ସହ ଅପରାଜିତ ୬ଷ୍ଠ ୱିକେଟରୁ ପାଣ୍ଡ୍ୟା ୧୭ ବଲ୍‌ରୁ ୩୫ ରନ୍ ଉଠାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତର ସର୍ବାଧିକ ସ୍କୋର (୧୯୬/୫) ସଂଗ୍ରହ କରିବାରେ ସହାୟତା କରିଥିଲେ। ଏହି ଭାଗୀଦାରିରେ ପାଣ୍ଡ୍ୟା ୧୨ ବଲ୍‌ରୁ ୩୦ ଓ ଅକ୍ଷର ୫ ବଲ୍‌ରେ ୩ ରନ୍‌ର ଯୋଗଦାନ ଦେଇଥିଲେ।

ବାଂଲାଦେଶ ଏହି ମ୍ୟାଚ୍‌ରେ ଉଭୟପଟୁ ସ୍ପିନ ଆକ୍ରମଣରୁ ପାଳି ଆରମ୍ଭ କରିଥିଲା। ତେବେ ଦଳ ପକ୍ଷରୁ ଚଳିତ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ତାଞ୍ଜିମ ହାସନ ସକିବ ଓ ଲେଗ୍ ସ୍ପିନର ରିଷାଦ ହୋସେନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଖେଳାଳି ୧୧ଟି ଲେଖାଏଁ ୱିକେଟ ନେଇ ବାଂଲାଦେଶ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇଛନ୍ତି।

### ଆଜିର ସୁପର-୮ ମ୍ୟାଚ୍

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ୍) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୩।୬ | ଅଷ୍ଟ୍ରେଲିଆ-ଆଫଗାନିସ୍ତାନ | କିଙ୍ଗ୍‌ସଟାଉନ୍ | ସକାଳ ୬ଟା |
| ୨୩।୬ | ଇଂଲଣ୍ଡ-ଆମେରିକା | ବ୍ରିଜ୍‌ଟାଉନ୍ | ରାତି ୮ଟା |

### କୀର୍ତ୍ତିମାନ

## ୫୦ ୱିକେଟ୍ ନେବାରେ ଶାକିବ ପ୍ରଥମ

**ଆଣ୍ଟିଗୁଆ, ୨୨।୬ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଇତିହାସରେ ବିଶ୍ୱର ପ୍ରଥମ ବୋଲର ଭାବେ ବାଂଲାଦେଶର ଶାକିବ ଅଲ୍ ହାସନ ୫୦ ୱିକେଟ୍ ନେବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶନିବାର ଏଠାରେ ଖେଳାଯାଇଥିବା ସୁପର୍-୮ ମୁକାବିଲାରେ ଭାରତୀୟ ଦଳର ଅଧିନାୟକ ରୋହିତ୍ ଶର୍ମାଙ୍କୁ ଆଉଟ୍ କରି ଶାକିବ ଟି-୨୦ ବିଶ୍ୱକପ୍‌ରେ ତାଙ୍କ ୫୦ ୱିକେଟ୍ ପୂରଣ କରିଥିଲେ। ଏହାପରେ ଭାରତର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ବିରାଟ କୋହଲି ମଧ୍ୟ ୩୭ ରନ କରି ଶାକିବଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଫଳରେ ୩୭ ବର୍ଷୀୟ ଶାକିବ ଟି-୨୦ ବିଶ୍ୱକପ୍ ଇତିହାସରେ ୪୦ ପାଳିରେ ୬.୮୯ ଇକୋନୋମିରେ ମୋଟ୍ ୫୧ ୱିକେଟ୍ ନେଇସାରିଛନ୍ତି। ଏହା ମଧ୍ୟରେ ସେ ୩ଥର ୪ ୱିକେଟ୍ ସଫଳତା ପାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଶାକିବଙ୍କ ସହ ରୋହିତ୍ ସମସ୍ତ ୯ଟି ଯାକ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ରେକର୍ଡ କରିଛନ୍ତି। ଶାକିବ ମଧ୍ୟ ବିଶ୍ୱକପ୍‌ରେ ମୋଟ୍ ୮୪୨ ରନ କରିଛନ୍ତି।

## ବିଶ୍ୱକପ୍‌ରେ କୋହଲିଙ୍କ ୩୦୦୦ ରନ

ଆଇସିସି ପୁରୁଷ ବିଶ୍ୱକପ୍ (ଏକଦିବସୀୟ ଓ ଟି-୨୦) ଇତିହାସରେ ପ୍ରଥମ ବ୍ୟାଟର୍ ଭାବେ ବିରାଟ କୋହଲି ୩୦୦୦ ରନ ପୂରଣ କରିଛନ୍ତି। ବାଂଲାଦେଶ ବିପକ୍ଷ ଏହି ମ୍ୟାଚରେ ୩୭ ରନର ପାଳି ଖେଳିବା ଅବସରରେ ସେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। କୋହଲି ଟି-୨୦ ବିଶ୍ୱକପ୍‌ରେ ୩୨ ମ୍ୟାଚ୍ ଖେଳି ୬୩.୫୨ ହାରରେ ୧୨୦୭ ରନ କରିଛନ୍ତି। ସେ ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେହିଭଳି ଏକଦିବସୀୟ ବିଶ୍ୱକପ୍‌ରେ ସେ ୩୭ ମ୍ୟାଚରେ ୫ ଶତକ ଓ ୧୨ ଅର୍ଦ୍ଧଶତକ ସହ ୧୭୯୫ ରନ କରିଛନ୍ତି।

### ହୋପ୍‌ଙ୍କ ଅର୍ଦ୍ଧଶତକ, ଚେଜ୍ ଶ୍ରେଷ୍ଠ ଖେଳାଳି

# ଆମେରିକାକୁ ହରାଇଲା ଇଣ୍ଡିଜ୍



**ବାର୍ବାଡୋସ୍, ୨୨।୬(ଏଜେନ୍ସି):** ଅଫ୍ ସ୍ପିନର ରୋଷ୍ଟୋନ ଚେଜ୍ ଓ ପେସ ବୋଲର ଆନ୍ଦ୍ରେ ରସେଲଙ୍କ ଚତୁର ବୋଲିଂ ସାଙ୍ଗକୁ ସାଇ ହୋପ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ସକାଳେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ୍-୨ର ଏକ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯ ୱିକେଟରେ ଆମେରିକାକୁ ପରାସ୍ତ କରିଛି। ୫୫ଟି ବଲ ବାକିଥାଇ ଦ୍ୱିତୀୟ ମୁକାବିଲାରୁ ପ୍ରଥମ ମ୍ୟାଚ୍ ଜିତିଥିବା ୱେଷ୍ଟଇଣ୍ଡିଜ୍ ଏହା ଫଳରେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଏହି ଘରୋଇ ଦଳ ଯଦି ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରେ, ତେବେ ସେମିଫାଇନାଲ ଖେଳିବ। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ମାତ୍ର ୧୯ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ଅଫ୍ ସ୍ପିନର ରୋଷ୍ଟୋନ ଚେଜ୍‌ଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବ୍ରିଜ୍‌ଟାଉନ୍‌ର କେନ୍‌ସିଙ୍ଗଟନ ଓଭାଲରେ ଶନିବାର ଦୁଇ ଆୟୋଜକ ଦଳ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୱେଷ୍ଟଇଣ୍ଡିଜ୍ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଆମେରିକା ୧୯.୫ ଓଭରରେ ମାତ୍ର ୧୨୮ ରନ୍ କରିଥିଲା। ଦଳ ପକ୍ଷରୁ ୬ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲେ ମଧ୍ୟ ଏଣ୍ଡ୍ରିଏସ ଗୋସ୍ ସର୍ବାଧିକ ୨୯ ରନ୍ କରିଥିଲେ। ଇଣ୍ଡିଜ୍ ପକ୍ଷରୁ ରସେଲ ଓ ଚେଜ୍ ୩ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଆଲଜରି ଯୋଶେଫଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ସାଇ ହୋପ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୱେଷ୍ଟଇଣ୍ଡିଜ୍ ମାତ୍ର ୧୦.୫ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ଆହତ ଏବଂ ବିଶ୍ୱକପରୁ ବାଦ୍ ପଡ଼ିଥିବା ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ପାଳି ଆରମ୍ଭ କରିଥିବା ହୋପ୍ ମାତ୍ର ୩୯ ବଲ୍ ଖେଳି ୪ ଚୌକା ଓ ୮ ଛକା ସହ ୮୨ ରନ୍‌ରେ ଅପରାଜିତ ରହିଥିଲେ। ଜନ୍‌ସନ ଚାର୍ଲସ ୧୫ ରନ୍‌ରେ ଆଉଟ ହେବା ପରେ ହୋପ୍ ଓ ନିକୋଲସ ପୂରନ ଓଭର ପ୍ରତି ୧୬.୪୩ ହାରରେ ମାତ୍ର ୨୩ ବଲ୍‌ରୁ ୬୩ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ୧୨ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୨୭ ରନ୍ କରି ପୂରନ ଅପରାଜିତ ରହିଥିଲେ। ଏହା ସହ ଗୋଟିଏ ବିଶ୍ୱକପ୍‌ରେ ସେ କ୍ରିସ୍ ଗେଲଙ୍କ ନାମରେ ଥିବା ୧୬ଟି ଛକାର ରେକର୍ଡକୁ ଭାଙ୍ଗିଦେଇଥିଲେ। ଏବେ ସୁଦ୍ଧା ପୂରନ ୧୭ଟି ଛକା ମାରି ସାରିଲେଣି।

# ୱେଷ୍ଟଇଣ୍ଡିଜ୍ ଜିତିଲେ ଖେଳିବ ସେମିଫାଇନାଲ

**ବ୍ରିଜ୍‌ଟାଉନ୍, ୨୨।୬(ଏଜେନ୍ସି):** ଆମେରିକାକୁ ହରାଇବା ପରେ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଏହା ଫଳରେ ଇଣ୍ଡିଜ୍ ଓ ଇଂଲଣ୍ଡ ୨ଟି ଲେଖାଏଁ ମ୍ୟାଚ୍ ଖେଳି ଗୋଟିଏ ଲେଖାଏଁ ବିଜୟ ସହ ପଏଣ୍ଟ ସାରଣୀରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ୨ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଆଉ ଗୋଟିଏ ରାଉଣ୍ଡ ଖେଳ ହେବ। ଏଥିରେ ଯଦି ୱେଷ୍ଟଇଣ୍ଡିଜ୍ ବିଜୟୀ ହୁଏ ତେବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ସେହିପରି ଇଂଲଣ୍ଡ ଅପେକ୍ଷାକୃତ ଦୁର୍ବଳ ଆମେରିକା ବିପକ୍ଷରେ ଜିତିବା ଆଶା କରାଯାଉଛି। ଏହି ଫଳାଫଳ ଯଦି ହୁଏ, ତେବେ ଇଣ୍ଡିଜ୍ (ନେଟ୍‌ରନ-+୧.୮୧୪), ଦ.ଆଫ୍ରିକା ( +୦.୬୨୫) ଓ ଇଂଲଣ୍ଡ (୦.୪୧୨) ର ପଏଣ୍ଟ ସଂଖ୍ୟା ସମାନ ବା ୨ ହେବ। ଏଣୁ ନେଟ୍ ରନ୍ ରେଟରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ସ୍ଥାନ ଅଧିକାର କରିବ। ଏହା ପରେ ଦକ୍ଷିଣ ଆଫ୍ରିକା କିମ୍ବା ଇଂଲଣ୍ଡ ମଧ୍ୟରୁ ଗୋଟିଏ ଦଳ ଇଣ୍ଡିଜ୍ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ପରାଜିତ ହେଲେ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଯିବ।

### ସୁପର-୮ ଗ୍ରୁପ-୨ ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍‌ରନ୍ |
|---|---|---|---|---|---|
| ଦ. ଆଫ୍ରିକା | ୨ | ୨ | ୦ | ୪ | +୦.୬୨୫ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୨ | +୧.୮୧୪ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୪୧୨ |
| ଆମେରିକା | ୨ | ୦ | ୨ | ୦ | -୨.୯୦୮ |

## କିଙ୍ଗ୍ ବାଦ୍, ମେୟର୍ସ ସାମିଲ

**ବାର୍ବାଡୋସ୍, ୨୨।୬(ଏଜେନ୍ସି):** ମାଂସପେସୀରେ ଆଘାତ ଯୋଗୁଁ ୱେଷ୍ଟଇଣ୍ଡିଜ୍‌ର ଓପନର ବ୍ରାଣ୍ଡନ କିଙ୍ଗ୍ ଚଳିତ ବିଶ୍ୱକପ୍‌ର ଅବଶିଷ୍ଟ ମୁକାବିଲାରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୨୩ ରନ୍ କରିଥିଲାବେଳେ ମାଂସପେସୀ ଟାଣିହୋଇଯାଇଥିଲା ଓ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ତାଙ୍କ ସ୍ଥାନରେ କାଏଲ ମାୟର୍ସଙ୍କୁ ଦଳରେ ସାମିଲ କରିବାକୁ ୱେଷ୍ଟଇଣ୍ଡିଜ୍ କରିଥିବା ଆବେଦନକୁ ଆଇସିସି ଗ୍ରହଣ କରିନେଇଛି। ଏହା ଫଳରେ ସେ ଦଳ ପକ୍ଷରୁ ଅବଶିଷ୍ଟ ସମୟ ଲାଗି ଉପଲବ୍ଧ ହେବେ। ଦେଶ ପକ୍ଷରୁ ୩୭ଟି ଟି-୨୦ ମ୍ୟାଚ ଖେଳିଥିବା ମାୟର୍ସ ଜଣେ ଭଲ ହିଟର। ସେ କିଙ୍ଗ୍‌ଙ୍କ ସ୍ଥାନ ପୂରଣ କରିପାରିବେ ବୋଲି ଆଶା କରାଯାଉଛି।

### ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଐତିହାସକ ପରିବର୍ତ୍ତନ

# ପ୍ରଥମ ସପ୍ତାହରେ ଦୌଡ଼କୁଦ ଇଭେଣ୍ଟ

**ଲସ୍ ଏଞ୍ଜେଲ୍ସ, ୨୨।୬ (ଏଜେନ୍ସି) :** ୨୦୨୮ ରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏକ ଐତିହାସିକ ପରିବର୍ତ୍ତନ କରାଯାଇଛି। ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ କମିଟି କାର୍ଯ୍ୟସୂଚୀରେ ଏହି ପରିବର୍ତ୍ତନ କରିଛନ୍ତି। ପ୍ରଥମଥର ପାଇଁ ଅଲିମ୍ପିକ୍ସର ପ୍ରଥମ ସପ୍ତାହରେ ଆଥଲେଟିକ୍ସ ଅର୍ଥାତ ଦୌଡ଼କୁଦ ପ୍ରତିଯୋଗିତାଗୁଡିକ ଆୟୋଜନ ହେବ। ଆଥଲେଟିକ୍ ଇଭେଣ୍ଟଗୁଡିକ ଲସ ଏଞ୍ଜେଲ୍ସ ମେମୋରିଆଲ କୋଲିସେଉମ୍‌ରେ ଆୟୋଜନ ହେବ। ଏହା ପ୍ରଥମ ଷ୍ଟାଡିୟମ ଭାବେ ୩ଟି ଅଲିମ୍ପିକ୍ସର ଇଭେଣ୍ଟଗୁଡିକ ଆୟୋଜନ କରିବ। ଅଲିମ୍ପିକ୍ସକୁ ଅଧିକ ଆକର୍ଷଣୀୟ ଓ ରୋମାଞ୍ଚକ କରିବାକୁ ଏବଂ ଆଥଲେଟ ଓ ଦର୍ଶକ ତଥା ପ୍ରଶଂସକଙ୍କୁ ଏକ ନୂଆ ଅଭିଜ୍ଞତା ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅଲିମ୍ପିକ୍ସ କମିଟି ତରଫରୁ କୁହାଯାଇଛି। ଏହାଫଳରେ ଆରମ୍ଭରୁ ଅଲିମ୍ପିକ୍ସ ବେଶ୍ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି କୁହାଯାଇଛି। ତେବେ ମାରାଥନ ଇଭେଣ୍ଟଗୁଡିକ ପୂର୍ବପରି ଅନ୍ତିମ ସପ୍ତାହରେ ଆୟୋଜନ ହେବ। ଉଲ୍ଲେଖଥାଉ କି, ଏହି ଅଲିମ୍ପିକ୍ସ ୨୦୨୮ ଜୁଲାଇ ୧୪ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ୨୦୦ଟି ଦେଶର ପାଖାପାଖି ୧୦,୦୦୦ ଆଥଲେଟ୍ ୩୫ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ତୃତୀୟଥର ପାଇଁ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଆୟୋଜନ କରିବ। ପୂର୍ବରୁ ୧୯୩୨ ଓ ୧୯୮୪ରେ ଏଠାରେ ଅଲିମ୍ପିକ୍ସ ସଫଳତାର ସହ ଆୟୋଜିତ ହୋଇଥିଲା।

## ଅଷ୍ଟ୍ରେଲିଆକୁ ଚକ୍‌ମା ଦେବ ଆଫଗାନିସ୍ତାନ

**କିଙ୍ଗସଟାଉନ୍, ୨୨।୬(ଏଜେନ୍ସି):** ବିଶ୍ୱକପ୍ ସୁପର-୮'ର ଏକ ମୁକାବିଲା ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପୂର୍ବଚାମ୍ପିଅନ ଅଷ୍ଟ୍ରେଲିଆକୁ ଚକ୍‌ମା ଦେଇ ବିଜୟୀ ହେବ ବୋଲି ଆଫଗାନିସ୍ତାନର ଲକ୍ଷ୍ୟ ରହିଛି। ଏହି ଗ୍ରାଉଣ୍ଡରେ ସ୍ପିନରଙ୍କୁ ବେଶ ସହାୟତା ମିଳୁଛି। ପ୍ରତ୍ୟେକ ଦଳ ବିପକ୍ଷରେ ଆତ୍ମବିଶ୍ୱାସର ସହ ଖେଳିଥିବା ଅଷ୍ଟ୍ରେଲିଆ ସ୍ପିନରଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିନାହିଁ। ଏଠିକାର ପିଚ୍ ମଧ୍ୟ ସ୍ପିନରଙ୍କୁ ସୁହାଉଛି। ଏଣୁ ଦଳ ଏଠାରେ କେବଳ ମ୍ୟାଚ୍ ଜିତିବା ଉପରେ ଗୁରୁତ୍ୱ ନ ଦେଇ କିପରି ନେଟ ରନ୍ ରେଟ ବୃଦ୍ଧି ପାଇବ ତାହା ଉପରେ ନଜର ରଖିଛି। ଆଫଗାନିସ୍ତାନ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ୪୭ ରନ୍‌ରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ତାହାର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଛି।

## ସିରିଜ ସୁଇପ୍ ଲକ୍ଷ୍ୟରେ ଭାରତୀୟ ମହିଳା

**ବେଙ୍ଗାଲୁରୁ, ୨୨।୬ (ଏଜେନ୍ସି):** ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର ଖେଳାଯିବ। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୧୪୩ ଓ ୪ ରନରେ ଜିତି ଭାରତୀୟ ମହିଳା ଦଳ ୨-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି। ତେଣୁ ହରମନପ୍ରୀତ୍ କୌରଙ୍କ ଦଳ ୩ୟ ମ୍ୟାଚ୍ ଜିତି ୩-୦ରେ ସିରିଜ କ୍ଲିନସୁଇପ୍ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୧୭ ଓ ୧୩୬ ରନର ଦର୍ଶନୀୟ ଶତକୀୟ ପାଳି ଖେଳି ସ୍ମୃତି ମନ୍ଧାନାଙ୍କ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଆଇପିଏଲ୍‌ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ବନ୍ଦ କରାଯାଉ: ବଟ୍‌ଲର

**ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):** ଭାରତରେ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଚାଲିଥିବାବେଳେ କୌଣସି ଅନ୍ତର୍ଜାତୀୟ କ୍ରିକେଟ ଆୟୋଜନ କରା ନ ଯାଉ ବୋଲି ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟକ ଜୋଶ ବଟ୍‌ଲର ମତପ୍ରକାଶ କରିବା ପରେ ଏହାକୁ ନେଇ ପାକିସ୍ତାନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ମହମ୍ମଦ୍ ହାଫିଜ୍ ତୀବ୍ର ସମାଲୋଚନା କରିଛନ୍ତି। ଆଇପିଏଲ୍ ଚାଲିଥିବାବେଳେ ପାକିସ୍ତାନ ସହ ଇଂଲଣ୍ଡ ଟି-୨୦ ସିରିଜ୍ ଖେଳିଥିଲା। ଫଳରେ ଇଂଲଣ୍ଡ ଖେଳାଳିମାନେ ପ୍ଲେ ଅଫ୍‌ରେ ଭାଗ ନ ନେଇ ନିଜ ଦେଶ ପକ୍ଷରୁ ଖେଳିବାକୁ ସ୍ୱଦେଶ ଫେରିଯାଇଥିଲେ। ଏଥିଲାଗି ଇଂଲଣ୍ଡ ଖେଳାଳି ଓ ବୋର୍ଡକୁ ସମାଲୋଚନା କରାଯାଇଥିଲା। ଚଳିତ ଟି-୨୦ ବିଶ୍ୱକପ୍‌ରେ ଏ ସମ୍ପର୍କରେ ବଟ୍‌ଲର ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ବଟ୍‌ଲର ମଧ୍ୟ କହିଥିଲେ ନିଜ ଦେଶ ପକ୍ଷରୁ ଖେଳିବା ଗର୍ବର କଥା। ଏଣୁ ଆମକୁ ଆଇପିଏଲ୍ ଛାଡିବାକୁ ପଡ଼ିଥିଲା। କିନ୍ତୁ ଆଇପିଏଲ୍ ଯେଭଳି ଏକ ବିରାଟ ଟୁର୍ଣ୍ଣାମେଣ୍ଟରେ ପରିଣତ ହେଲାଣି ତାହାକୁ ଅଣଦେଖା କରିବା ଖେଳାଳିଙ୍କ ଲାଗି କଷ୍ଟକର। ଏହି ଟୁର୍ଣ୍ଣାମେଣ୍ଟର ଗୁଣାତ୍ମକମାନ ଯେପରି ବୃଦ୍ଧିପାଇଛି, ଠିକ୍ ସେହିପରି ଖେଳାଳିମାନେ ବିପୁଳ ପରିମାଣରେ ପାଉଣା ପାଉଛନ୍ତି। ଖେଳାଳିଙ୍କ ଜୀବନଶୈଳୀ ଓ ଘରୋଇ କ୍ରିକେଟର ରୂପରେଖ ଆଇପିଏଲ୍ ଲାଗି ବଦଳିଯାଇଛି ବୋଲି ବଟ୍‌ଲରଙ୍କୁ ସମର୍ଥନ କରି ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ କହିଛନ୍ତି। ତାଙ୍କ ମତରେ ଆଇପିଏଲ୍ ଏବେ ବିଶ୍ୱର ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଓ ଏଥିଲାଗି ଇଂଲିଶ କାଉଣ୍ଟି କ୍ରିକେଟରେ ଏକାଧିକ ଶ୍ରେଷ୍ଠ ଖେଳାଳି ଅନୁପସ୍ଥିତ ରହିବେ। ଆଦାମ ଗିଲକ୍ରୀଷ୍ଟଙ୍କ ମତରେ ଆଇପିଏଲ୍ ଯୋଗୁ ଘରୋଇ କ୍ରିକେଟ ବାଧା ପାଉଛି। ଏଥିରେ ଶ୍ରେଷ୍ଠ ଖେଳାଳିମାନେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଖେଳର ମାନ କମିଯାଉଛି। ଇଂଲଣ୍ଡ, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ୍, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡର ଖେଳାଳିମାନେ ଆଇପିଏଲ୍‌ର ଶୋଭା ବଢ଼ାଉଛନ୍ତି। ଭନ୍‌ଙ୍କ ମତରେ ଆଇପିଏଲ୍ ଏପରି ଏକ ଟୁର୍ଣ୍ଣାମେଣ୍ଟ ଯେ ବିଶ୍ୱର କ୍ରିକେଟ ବୋର୍ଡ ଗୁଡ଼ିକ ଏହାସହ ମୁକାବିଲା କରିବା କଷ୍ଟକର। ଏଣୁ ସହମତି ଭିତ୍ତିରେ ଆଇପିଏଲ୍‌ର ଗୁରୁତ୍ୱ ରକ୍ଷା କରିବାକୁ ଭନ୍ କହିଛନ୍ତି।

# ଜର୍ଜିଆ-ଚେକ୍ ଗଣରାଜ୍ୟ ମ୍ୟାଚ୍ ଅମୀମାଂସିତ

### ୟୁରୋକପ୍ ଫୁଟ୍‌ବଲ୍

**ହାମବର୍ଗ,୨୨।୬(ଏଜେନ୍ସି):** ଚଳିତ ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଜର୍ଜିଆ ଓ ଚେକ ଗଣରାଜ୍ୟ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଗ୍ରୁପ୍ ଏଫ୍'ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚେକ୍ ଗଣରାଜ୍ୟ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ବିଜୟୀ ହୋଇପାରି ନଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ଜେଓର୍ଜେସ୍ ମିକାଉଟାଜ ଗୋଲ ସ୍କୋର କରି ଜର୍ଜିଆକୁ ଅଗ୍ରଣୀ କରାଇଥିଲେ।

ଏହାପରେ ୫୯ତମ ମିନିଟ୍‌ରେ ଚେକ ଗଣରାଜ୍ୟର ପାଟ୍ରିକ୍ ସିକ୍ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପୂର୍ବରୁ ଜର୍ଜିଆ ଓ ଚେକ ଗଣରାଜ୍ୟ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ଯଥାକ୍ରମେ ତୁର୍କିଠାରୁ ୧-୩ ଓ ପର୍ତ୍ତୁଗାଲଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ତେଣୁ ଦୁଇ ଦଳ ପାଇଁ ବିଜୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଜର୍ଜିଆ ଏବେ ତା'ର ପରବର୍ତ୍ତୀ ମୁକାବିଲାରେ ୨୭ ତାରିଖ ଗୁରୁବାର ପର୍ତ୍ତୁଗାଲକୁ ଓ ଚେକ ଗଣରାଜ୍ୟ ଏହି ଦିନ ତୁର୍କିକୁ ଭେଟିବ।

ଏହି ମ୍ୟାଚ୍‌ରେ ଚେକ ଗଣରାଜ୍ୟ ଅଧିକ ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲା। ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ଚେକ୍ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଅଧିକ ଗୋଲ ସ୍କୋର କରିପାରି ନଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ଜର୍ଜିଆ ବହୁ ପଛରେ ରହିଥିଲେ ମଧ୍ୟ ଅଧିକ ଗୋଲ ବରଣ କରି ନଥିଲା। ଗ୍ରୁପ୍ ଏଫ୍‌ରେ ୩ଟି ଲେଖାଏ ପଏଣ୍ଟ ପାଇ ତୁର୍କୀ ଶୀର୍ଷରେ ଓ ପର୍ତ୍ତୁଗାଲ ଦ୍ୱିତୀୟ ସ୍ଥାନରେ ରହିଛି।



ତୁର୍କି ବିପକ୍ଷ ମ୍ୟାଚ୍ ଅବସରରେ ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ

### ଫ୍ରାନ୍ସ-ନେଦରଲାଣ୍ଡସ ମ୍ୟାଚ୍ ଗୋଲ ଶୂନ୍ୟ

ଶୁକ୍ରବାର ବିଳମ୍ବିତ ରାତିରେ ଫ୍ରାନ୍ସ ଓ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ ଡି' ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଛି। ଉଭୟ ଦଳ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଡ୍ର ସହ ୪ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଗ୍ରୁପ୍ ଡିରେ ନେଦରଲାଣ୍ଡ ଶୀର୍ଷରେ ରହିଥିବା ବେଳେ ଫ୍ରାନ୍ସ ଦ୍ୱିତୀୟ ସ୍ଥାନରେ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଫ୍ରାନ୍ସ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା। ଆଘାତ ସମସ୍ୟା କାରଣରୁ ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେ ଏହି ମ୍ୟାଚରେ ଖେଳି ନଥିଲେ।

ଏହି ଗ୍ରୁପ୍‌ରେ ପୋଲାଣ୍ଡ ୨ଟି ମ୍ୟାଚ୍ ଖେଳି ୨ଟି ପରାଜୟ ବରଣ କରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି। ଫ୍ରାନ୍ସ ଏବେ ତା'ର ତୃତୀୟ ମ୍ୟାଚ୍‌ରେ ୨୫ ତାରିଖ ମଙ୍ଗଳବାର ପୋଲାଣ୍ଡକୁ ଭେଟିବ। ସେହିପରି ନେଦରଲାଣ୍ଡସ ଏହି ଦିନ ଅଷ୍ଟ୍ରିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଫ୍ରାନ୍ସ ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ନେଦରଲାଣ୍ଡସଠାରୁ ଯଥେଷ୍ଟ ଆଗରେ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA